ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ (୦.୦କି.ମିରୁ ୩ /୨୬୦କି.ମି) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କଂଜ ଛକ ପର୍ଯ୍ୟନ୍ତ ଚାରିଥାକିଆ ପ୍ରଶସ୍ତି କରଣ ରାସ୍ତା କାର୍ଯ୍ୟ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ



୨୦୨୧

ପେଶ କରାଯିବ :


ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍
ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର
(ଆଇ.ସି.ଏସ୍.ଏସ୍. ଆର୍ ସହିତ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗ ରେ)


ପ୍ରସ୍ତୁତି :


ସୋସାଇଟି ଫର୍ ଟ୍ରେନିଂ, ଆକ୍ସନ,
ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ
ପ୍ଲଟ୍ ନଂ-ଏନ୍-୬/୪୩୨, ଆଇ.ଆର୍.ସି. ଭିଲେଜ୍,
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫ ଓଡ଼ିଶା

# ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ବିବରଣୀ

## ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ (୦.୦କି.ମିରୁ ୩ /୨୬୦କି.ମି) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ଚାରିଥାକିଆ ପ୍ରଶସ୍ତି କରଣ ରାସ୍ତା କାର୍ଯ୍ୟ ପାଇଁ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ



ପେଶ କରାଯିବ :

ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍
ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର
(ଆଇ.ସି.ଏସ୍.ଏସ୍. ଆର୍ ସହିତ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗ ରେ)

ପ୍ରସ୍ତୁତି :

STARR

ସୋସାଇଟି ଫର୍ ଟ୍ରେନିଂ, ଆକ୍ସନ,
ରିସର୍ଚ୍ଚ ଆଣ୍ଡ୍ ରିହାବିଲିଟେସନ
ପ୍ଲଟ୍ ନଂ-ଏନ୍-୬/୪୩୨, ଆଇ.ଆର୍.ସି. ଭିଲେଜ୍,
ନୟାପଲ୍ଲୀ, ଭୁବନେଶ୍ୱର - ୭୫୧୦୧୫ ଓଡ଼ିଶା

ବିବରଣୀ ପ୍ରସ୍ତୁତି

**ଶ୍ରୀ ପଦ୍ମ ଚରଣ ଦାଶ**

ନିର୍ଦ୍ଦେଶକ,

**ସୋସାଇଟି ଫର ଟ୍ରେନିଂ ଆକ୍ସନ୍ ରିସର୍ଚ୍ଚ ଆଣ୍ଡ ରିହାବିଲିଟେସନ୍ (ଷ୍ଟାର),**

**ଭୁବନେଶ୍ୱର**

ପଦ୍ଧତି ନିର୍ଦ୍ଧାରଣ ଓ ବୈଷୟିକ ସହାୟତା

**ଶ୍ରୀ ଉମାକାନ୍ତ ମହାପାତ୍ର**

ଓଡ଼ିଆ ଅନୁବାଦ

**ଶ୍ରୀ ପରେଶ ପ୍ରସାଦ ମହାପାତ୍ର**

ତଥ୍ୟ ସଂକଳକ

**ଶ୍ରୀ ଦୀପକ ରଞ୍ଜନ ମହାକୁଳ**

ଡି.ଟି.ପି. ଓ ଡିଜାଇନ୍

**ଶ୍ରୀ ସତ୍ୟ ନାରାୟଣ ରଥ**

ସହାୟତା

**ରାଜ୍ୟ ସାମାଜିକ ପ୍ରଭାବ ଆକଳନ ୟୁନିଟ୍**

**ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର**

(ଆଇ.ସି.ଏସ୍.ଏସ୍. ଆର୍ ସହିତ ଓଡ଼ିଶା ରାଜ୍ୟ ସରକାରଙ୍କ ସହଯୋଗ ରେ)

# ସୂଚୀପତ୍ର

| ପ୍ରଥମଖଣ୍ଡ | ପୃଷ୍ଠା |
|---|---|


| | |
|---|---|
| ସଂକ୍ଷିପ୍ତରୂପ | ୦୧ |
| ସାରଣୀମାନଙ୍କର ସୂଚୀ | ୦୨ |
| ଚିତ୍ରମାନଙ୍କର ସୂଚୀ | ୦୩ |
| ପରିଶିଷ୍ଟରେ ଥିବା ସାରଣୀମାନଙ୍କର ସୂଚୀ | ୦୪ |
| ଅଧ୍ୟୟନର ସାଂରାଶ | ୦୫-୦୮ |
| **ପ୍ରଥମ ଅଧ୍ୟାୟ: ଉପକ୍ରମ** | ୦୯-୧୦ |
| ୧.୧. ପୃଷ୍ଠଭୂମି | |
| **ଦ୍ୱିତୀୟ ଅଧ୍ୟାୟ: ଅଧ୍ୟୟନର ଆଇନଗତ ବିଚାରଧାରା** | ୧୧-୧୯ |
| ୨.୧. ପ୍ରଚଳିତ ବିଧିବିଧାନ | |
| ୨.୧.୧. ଭାରତ ସରକାରଙ୍କ ଆଇନ :ଭୂମି ଅଧିଗ୍ରହଣ ପୁନର୍ବାସ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ ଏବଂ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୩ | |
| ୨.୧.୨. ରାଜ୍ୟ ସରକାରଙ୍କର ନିୟମାବଳୀ : ଓଡ଼ିଶା ରାଜ୍ୟ ଭୂମି ଅଧିଗ୍ରହଣ ପୁନର୍ବାସ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ ଏବଂ ସ୍ୱଚ୍ଛତା ଅଧିକାର ନିୟମାବଳୀ-୨୦୧୬ | |
| ୨.୧.୩. ସହଭାଗୀ ଅନ୍ୟାନ୍ୟ ନିୟମାବଳୀ | |
| **ତୃତୀୟ ଅଧ୍ୟାୟ: ଅଧ୍ୟୟନର ଉଦ୍ଦେଶ୍ୟ ପରିସର ଏବଂ ଅନୁସୃତ ପ୍ରଣାଳୀ** | ୨୦-୨୮ |
| ୩.୧. ଅଧ୍ୟୟନର ଉଦ୍ଦେଶ୍ୟ | |
| ୩.୨. ଅଧ୍ୟୟନର ପରିସର | |
| ୩.୩. ଅନୁସୃତ ପ୍ରକ୍ରିୟା | |
| ୩.୪. ତଥ୍ୟସଂଗ୍ରହ ବିଶ୍ଳେଷଣ ଏବଂ ବିବରଣୀ ପ୍ରସ୍ତୁତ | |
| ୩.୫. ସର୍ବେକ୍ଷଣକାରୀ ଦଳ | |
| **ଚତୁର୍ଥ ଅଧ୍ୟାୟ: ପ୍ରକଳ୍ପ ଅଂଚଳର ସାମାଜିକ ଅର୍ଥନୈତିକ ଏବଂ ଭୌଗଳିକ ଅବସ୍ଥିତି** | ୨୯-୩୪ |
| ୪.୧. ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଜିଲ୍ଲାର ବର୍ଣ୍ଣନା | |
| ୪.୨. ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ତହସିଲର ବର୍ଣ୍ଣନା | |
| ୪.୩. ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଗ୍ରାମମାନଙ୍କର ବର୍ଣ୍ଣନା | |
| ୪.୪. ପ୍ରଭାବିତ ଅଞ୍ଚଳରେ ଜଳ ସେଚନର ସୁବିଧା ଓ ଫସଲର ବର୍ଗୀକରଣ | |
| ୪.୫. ଜମିର ଦର | |
| **ପଞ୍ଚମ ଅଧ୍ୟାୟ: ଜନପରାମର୍ଶ** | ୩୫-୪୧ |
| ୫.୧. ବିଷୟ ଭିତିକ ଦଳଗତ ଆଲୋଚନା | |
| ୫.୨. ଜନଶୁଣାଣି | |

**ଷଷ୍ଠ ଅଧ୍ୟାୟ: ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ସାମାଜିକ- ଆର୍ଥିକ ଏବଂ ଜନସଂଖ୍ୟାର ବର୍ଣ୍ଣନା** ୪୨-୪୯

୬.୧. ପ୍ରକଳ୍ପ ପ୍ରଭାବିତ ଅ□ଳରେ ପରିବାରଙ୍କ ସମ୍ବନ୍ଧରେ ତଥ୍ୟ

୬.୨.ପ୍ରଭାବିତ ପରିବାରରେ ଜନସାଂଖ୍ୟିକ ବିଚାର

୬.୨.୧. ପରିବାର ମାନଙ୍କରେ ଲିଙ୍ଗଗତ ଆବ□ନ

୬.୨.୨. ପରିବାର ମାନଙ୍କରେ ବୟସର ଆବ□ନ

୬.୨.୩. ପ୍ରଭାବିତ ଜନସଂଖ୍ୟାରେ ଲିଙ୍ଗଗତ ଆବ□ନ

୬.୩. ପ୍ରଭାବିତ ପରିବାରରେ ସାମାଜିକ-ସାଂସ୍କୃତିକ ବର୍ଣ୍ଣନା

୬.୩.୧. ପ୍ରଭାବିତ ପରିବାରରେ ପରିବାରର ଗଠନ

୬.୩.୨. ପ୍ରଭାବିତ ପରିବାରରେ ଦୁର୍ବଳଶ୍ରେଣୀର ଉପସ୍ଥିତି

୬.୩.୩. ପ୍ରତ୍ୟକ୍ଷ ପ୍ରଭାବିତ ପରିବାରଙ୍କ ବୈବାହିକ ସ୍ଥିତି

୬.୩.୪. ପ୍ରତ୍ୟକ୍ଷ ପ୍ରଭାବିତ ଜନସଂଖ୍ୟାରେ ଜାତିଗତ ଆବ□ନ

୬.୩.୫. ଶିକ୍ଷାଗତ ଓ ଶୈକ୍ଷିକ ହାର

୬.୪. ପ୍ରଭାବିତ ପରିବାରର ଅର୍ଥନୈତିକ ବର୍ଣ୍ଣନା

୬.୪.୧. ପ୍ରଭାବିତ ପରିବାରର ମୁଖ୍ୟବୃ□

୬.୪.୨. ପ୍ରଭାବିତ ପରିବାରର ରୋଜଗାରର ସ୍ଥିତି

୬.୪.୩. ପ୍ରଭାବିତ ପରିବାରରେ ସ୍ୱାସ୍ଥ୍ୟବାବଦକୁ ଖର୍ଚ୍ଚର ଆକଳନ

୬.୪.୪. ପ୍ରଭାବିତ ପରିବାରର ଦ୍ରବ୍ୟ/ସାମଗ୍ରୀର ବ୍ୟବହାର

୬.୪.୪. ପ୍ରଭାବିତ ପରିବାରର ଋଣଗ୍ରସ୍ତତା

୬.୪.୫. ପ୍ରଭାବିତ ପରିବାରଙ୍କ ଘରର ଗଠନ, ଉପଲବ୍ଧ ସୁବିଧା ସୁଯୋଗ

୬.୪.୬. ପ୍ରଭାବିତ ପରିବାରର ଗୃହପାଳିତ ପଶୁ ଓ ଅନ୍ୟାନ୍ୟ ସମ୍ପ□

**ସପ୍ତମ ଅଧ୍ୟାୟ: ଜମି ତଥା ଅନ୍ୟାନ୍ୟ ସମ୍ପ□କ୍ଷୟର ଆକଳନ** ୫୦-୫୩

୭.୧. ପ୍ରଭାବିତ ପରିବାରଙ୍କ ଜମିଧାରଣର ପ୍ରକାର

୭.୧.୧. ପ୍ରଭାବିତ ପରିବାରର ଜମି ଉପଭୋଗର ପ୍ରକାର

୭.୧.୨. ପ୍ରଭାବିତ ପରିବାରର ଜମି ମାନଙ୍କର କିସମ

୭.୨. ଜମିର ମାଲିକାନା ଏବଂ ନିର୍ଭର ଶୀଳତା

୭.୨.୧ ଜମି ଉପରେ ମାଲିକାନା

୭.୨.୨ ପ୍ରଭାବିତ ପରିବାରର ଜମି ଉପରେ ଦାବିଦାର

୭.୨.୩ ପ୍ରଭାବିତ ଜମି ଉପରେ ନିର୍ଭର ଶୀଳତା

୭.୩. ଜମି ହରାଉଥିବା କ୍ଷୟକ୍ଷତି ଜନିତ ଆଶା ଆଶଙ୍କା

୭.୩.୧. ପ୍ରଭାବିତ ଅ□ଳରେ ଅଧିଗୃହୀତ ହେବାକୁ ଥିବା ଜମିର ଆନୁପାତିକ ତଥ୍ୟ

୭.୩.୨. ଗ୍ରାମ ଅନୁଯାୟୀ ଜମି ଓ ଘରର କ୍ଷୟକ୍ଷତି

୭.୪. ଜମିହରାମାନଙ୍କଠାରୁ ମିଳିଥିବା ମୁଖ୍ୟ ତଥ୍ୟାବଳୀ

**ଅଷ୍ଟମ ଅଧ୍ୟାୟ: ପ୍ରକଳ୍ପର ପ୍ରଭାବ** ୫୪-୫୭

୮.୧. ପ୍ରକଳ୍ପ ସମ୍ପର୍କରେ ସଚେତନତା

୮.୨. ପ୍ରକଳ୍ପର ସ-କାରାତ୍ମକ ପ୍ରଭାବ

୮.୨.୧. ପ୍ରଭାବିତ ପରିବାର କ୍ଷେତ୍ରରେ ଫାଇଦା

୮.୨.୨. ଗୋଷ୍ଠୀରେ ସ-କାରାତ୍ମକ ପ୍ରଭାବ

୮.୩. ପ୍ରକଳ୍ପର ନ-କାରାତ୍ମକ ପ୍ରଭାବ

୮.୩.୧. ପରିବାରର ନ-କାରାତ୍ମକ ପ୍ରଭାବ

୮.୩.୨. ପରୋକ୍ଷ ପ୍ରଭାବିତଙ୍କ ସ-କାରାତ୍ମକ ଓ ନ-କାରାତ୍ମକ ପ୍ରଭାବ

୮.୩.୩. ପରୋକ୍ଷ ପ୍ରଭାବିତଙ୍କ ଫାଇଦା ଏବଂ ହାନୀ

**ନବମ ଅଧ୍ୟାୟ: ପୁନର୍ବାସ ଓ ପୁନଃସଂସ୍ଥାପନ** ୫୮-୬୨

୯.୧. ପ୍ରକଳ୍ପ ପ୍ରଭାବିତ ଅଂଚଳରେ ଥଇଥାନ କୁ ନେଇ ଲୋକଙ୍କ ଧାରଣା

୯.୧.୧. ପ୍ରକଳ୍ପର ଡା□ଓ ଫାଇଦା

୯.୨. ପ୍ରଭାବିତଙ୍କ ଜମି ତ୍ୟାଗର ସ୍ୱେଚ୍ଛାକୃତ ସହମତି

୯.୩. ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ଜମି ବଦଳରେ ପାଇବାକୁ ଥିବା କ୍ଷତିପୂରଣ ରାଶି

୯.୪. ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ଜମି ବଦଳରେ ପାଇବାକୁ ଥିବା ରୋଜଗାରର ଆଗ୍ରହ

୯.୫. ଜମି ପାଇଁ ଆଶା କରୁଥିବା କ୍ଷତିପୂରଣ ରାଶି

୯.୬. ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ଅନ୍ୟାନ୍ୟ ଆଶା

**ଦଶମ ଅଧ୍ୟାୟ: ସାମାଜିକ ପ୍ରଭାବ ପରିଯୋଜନା ପରିଚାଳନା** ୬୩-୬୫

୧୦.୧. ସାମାଜିକ ପ୍ରଭାବ ପରିଯୋଜନା

୧୦.୨. ଅନ୍ୟାନ୍ୟ ପ୍ରସ୍ତାବିତ ପରାମର୍ଶ/ସୁପାରିଶ


## ଦ୍ୱିତୀୟଖଣ୍ଡ ପୃଷ୍ଠା

**ପରିଶିଷ୍ଟ**


୧. ସାରଣୀ ୬୬-୭୨

୨. ସରକାରୀ ଦସ୍ତାବିଜ୍ ୭୩-୮୩

୩. ଗ୍ରାମ୍ୟ ସାମାଜିକ ମାନଚିତ୍ର ୮୪-୮୬

୪. ପ୍ରାପ୍ୟାଧିକାରୀଙ୍କ ଜମିସୂଚୀ ୮୭-୯୫

୫. ଅଧ୍ୟୟନର ଫଟୋଚିତ୍ର ୯୬-୯୮

# ସଂକ୍ଷିପ୍ତ ରୂପ

| | |
|---|---|
| ଅ.ପ.ବ. | ଅନ୍ୟ ପଛୁଆ ବର୍ଗ |
| ଅ.ଜ.ଜା. | ଅନୁସୂଚିତ ଜନ ଜାତି |
| ଅ.ଜା. | ଅନୁସୂଚିତ ଜାତି |
| ପୁ. | ପୁରୁଷ |
| ମ. | ମହିଳା |
| ବି. | ବିବାହିତ |
| ଅ. ବି. | ଅବିବାହିତ |
| ନ.ଉ.ଗ.କେ. | ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର |
| ସା.ପ୍ର.ଆ.ଅ. | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ |
| ଗ୍ରା.ପ. | ଗ୍ରାମ ପଂଚାୟତ |
| ସା. ପ୍ର. ପ. ପ. | ସାମାଜିକ ପ୍ରଭାବ ପରିଚାଳନା ପରିଯୋଜନା |

# ସାରଣୀମାନଙ୍କର ସୂଚୀ


**୨**.୧ ଭୂମି ଅଧିଗ୍ରହଣ ପୁନର୍ବାସ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୩ ର ଆଲୋଚନା ।

୨.୨. ଓଡ଼ିଶା ରାଜ୍ୟ ଭୂମି ଅଧିଗ୍ରହଣ ପୁନର୍ବାସ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ନିୟମାବଳୀ-୨୦୧୬ ର ଆଲୋଚନା ।

୨.୩ ପ୍ରାସଙ୍ଗିକ ଥିବା ଅନ୍ୟାନ୍ୟ ନିର୍ଦ୍ଦେଶାବଳୀ, ଉଦ୍ଦେଶ୍ୟ ଏବଂ ଅନୁଷ୍ଠାନ ।

୩.୧. କଳାହାଣ୍ଡି ଜିଲ୍ଲାରେ ଟିଟିଲାଗଡ-ବିଜୟନଗରମ ରେଳପଥର ୩ୟ ଧାରଣା ସମ୍ପ୍ରସାରଣ ପ୍ରକଳ୍ପ ପାଇଁ ଅଧ୍ୟୟନରେ ସାମିଲ କରାଯାଇଥିବା ଗ୍ରାମମାନଙ୍କର ଜମି ଉପଯୋଗର ପ୍ରକାର ।

୩.୨. ଅଧ୍ୟୟନର ସଦସ୍ୟ ମାନଙ୍କର ବର୍ଣ୍ଣନା

୪.୧ ପ୍ରକଳ୍ପ ଚାଲୁଥିବା ଜିଲ୍ଲାର ଦୃଷ୍ଟିପାତ ।

୪.୨ ପ୍ରକଳ୍ପ ଅ□ଳରେ ତହସିଲମାନଙ୍କର ଦୃଷ୍ଟିପାତ ।

୪.୩ (କ) ଅଧ୍ୟୟନ ଚାଲୁଥିବା ଗ୍ରାମମାନଙ୍କର ଜନସାଂଖ୍ୟିକ ବର୍ଣ୍ଣନା ।

୪.୩ (ଖ) ଅଧ୍ୟୟନ ଚାଲୁଥିବା ଗ୍ରାମମାନଙ୍କର ଜନସାଂଖ୍ୟିକ ବର୍ଣ୍ଣନା ।

୪.୪ ଅଧ୍ୟୟନରେ ସାମିଲ ହୋଇଥିବା ଗ୍ରାମମାନଙ୍କର ଜମିର ତଥ୍ୟ ।

୪.୫ (କ) ପ୍ରଭାବିତ ଗ୍ରାମମାନଙ୍କର ଜମିର ଉଚ୍ଚବେ□ମାର୍କ ଭ୍ୟାଲୁ (ଲକ୍ଷ ଟଙ୍କାରେ) ।

୪.୫ (ଖ) ପ୍ରଭାବିତ ଗ୍ରାମମାନଙ୍କର ଜମିର ଉଚ୍ଚବେ□ମାର୍କ ଭ୍ୟାଲୁ (ଲକ୍ଷ ଟଙ୍କାରେ) ।

୬.୧ ଅଧ୍ୟୟନ କରାଯାଇଥିବା ଗ୍ରାମମାନଙ୍କର ପ୍ରଭାବିତ ପରିବାର

୬.୨ ପ୍ରଭାବିତ ଘରମାନଙ୍କର ସ୍ଥିତି

୭.୧. ପ୍ରଭାବିତ ପରିବାରରେ ଜମିର ପ୍ରକାର

୭.୨. ଅଧିଗୃହୀତ ହେବାକୁ ଥିବା ବ୍ୟକ୍ତିଗତ ଜମିର ବିଶ୍ଳେଷଣ ।

୭.୩. ଗ୍ରାମ ଅନୁଯାୟୀ ଜମି ଓ ଘରର ହାନୀ ।

୭.୪. ପ୍ରକଳ୍ପ ପ୍ରଭାବିତ ବ୍ୟକ୍ତି ଗତ ଓ ସାମୂହିକ ସମ୍ପ□ି ହାନୀ ।

୭.୫. ପ୍ରଭାବିତ ହେଉଥିବା ଗଛମାନଙ୍କର ସଂଖ୍ୟା ।

୯.୧. ବାୟବୀୟ ଦୂରତାରେ ଜମିର ଗୁଣିତକ ମୂଲ୍ୟ ।

# ଚିତ୍ରମାନଙ୍କର ସୂଚୀ

୬.୧: ପରିବାର ମୁଖ୍ୟମାନଙ୍କର ଆବ□ନ
୬.୨: ପ୍ରଭାବିତ ଜନ ସଂଖ୍ୟାରେ ବୟସର ଆବ□ନ
୬.୩: ପ୍ରଭାବିତ ଜନ ସଂଖ୍ୟାରେ ଲିଙ୍ଗଗତ ଆବ□ନ
୬.୪: ଘରମାନଙ୍କର ପ୍ରକାର
୬.୫: ଦୁର୍ବଳବର୍ଗର ବର୍ଗୀକରଣ
୬.୬: ପ୍ରଭାବିତ ଜନ ସଂଖ୍ୟାରେ ବୈବାହିକ ସ୍ଥିତି
୬.୭: ପ୍ରଭାବିତ ଜନ ସଂଖ୍ୟାରେ ଜାତିଗତ ଆବ□ନ
୬.୮: ପ୍ରଭାବିତ ଜନ ସଂଖ୍ୟାରେ ଶିକ୍ଷାଗତ ଆବ□ନ
୬.୯: ପ୍ରଭାବିତ ଜନ ସଂଖ୍ୟାରେ ମୁଖ୍ୟବୃ□କୁ ନେଇ ଆବ□ନ
୬.୧୦: ପ୍ରଭାବିତ ପରିବାରରେ ରୋଜଗାରର ଆବ□ନ
୬.୧୧: ପ୍ରଭାବିତ ପରିବାରରେ ସ୍ୱାସ୍ଥ୍ୟ ବାବଦରେ ବାର୍ଷିକ ଖର୍ଚ୍ଚ
୬.୧୨: ପ୍ରଭାବିତ ପରିବାରରେ ଖାଦ୍ୟ ଓ ଅଣଖାଦ୍ୟ ବାବଦରେ ମାସିକ ଖର୍ଚ୍ଚ
୬.୧୩: ପ୍ରଭାବିତ ପରିବାରରେ ଋଣ କରିବାର କାରଣ
୬.୧୪: ପ୍ରଭାବିତ ପରିବାରରେ ପାନୀୟ ଜଳର ଉପଲବ୍ଧତା
୬.୧୫: ପ୍ରଭାବିତ ପରିବାରରେ ଅନ୍ୟାନ୍ୟ ସମ୍ପ□ଉପଲବ୍ଧତା
୬.୧୬: ପ୍ରଭାବିତ ପରିବାରରେ ଗୃହପାଳିତ ପଶୁମାନଙ୍କର ଉପଲବ୍ଧତା
୭.୧: ପ୍ରଭାବିତ ଜମିମାନଙ୍କର ପ୍ରକାର
୭.୨: ଜମିର ଉପଯୋଗିତା
୭.୩: ଦୁର୍ବଳବର୍ଗଙ୍କ ଜମି ହାନୀ
୮.୧: ପ୍ରକଳ୍ପ ସମ୍ପର୍କରେ ସଚେତନତା
୮.୨: ପ୍ରଭାବିତ ପରିବାରଙ୍କ ସାମାଜିକ ଅର୍ଥନୈତିକ ଫାଇଦା
୮.୩: ପ୍ରଭାବିତ ପରିବାରଙ୍କ ସାମାଜିକ ଅର୍ଥନୈତିକ ଫାଇଦା
୮.୪: ପ୍ରଭାବିତ ପରିବାରରେ ସାମାଜିକ, ଅର୍ଥନୈତି. ପାରିବେଶିକ ଗୋଷ୍ଠୀଗତ ଫାଇଦା
୮.୫: ପରୋକ୍ଷ ପ୍ରଭାବିତ ପରିବାରରେ ସାମାଜିକ, ଅର୍ଥନୈତି. ପାରିବେଶିକ ଗୋଷ୍ଠୀଗତ ଫାଇଦା
୯.୧: ପରିବାରଗୁଡ଼ିକ ସ୍ୱେଚ୍ଛାକୃତ ଭାବରେ ଜମିଦେବାର ସହମତି
୯.୨: ପରିବାରଗୁଡ଼ିକ କ୍ଷତିପୂରଣ ପାଇବାର ଅଗ୍ରାଧିକାର
୯.୩: ମୁଖ୍ୟସହାବସ୍ଥାନର ଚୟନଗୁଡ଼ିକ
୯.୪: ପ୍ରଭାବିତ ପରିବାରରେ ଏକର ପିଛା କ୍ଷତିପୂରଣ ରାଶିର ଆଶା
୯.୫: ପ୍ରଭାବିତ ପରିବାରଗୁଡ଼ିକ ଅନ୍ୟାନ୍ୟ ଫାଇଦା ପାଇବାର ଆଶା ।

# ପରିଶିଷ୍ଟରେ ଥିବା ସାରଣୀମାନଙ୍କର ସୂଚୀ


୬.୧: ପରିବାର ମୁଖ୍ୟମାନଙ୍କର ଲିଙ୍ଗଗତ ଆବ□କ

୬.୨: ପ୍ରଭାବିତ ଜନସଂଖ୍ୟାରେ ବୟସର ଆବ□କ

୬.୩: ପ୍ରଭାବିତ ଜନସଂଖ୍ୟାରେ ଲିଙ୍ଗଗତ ଆବ□କ

୬.୪: ପ୍ରଭାବିତ ପରିବାରର ଘରର ଗଠନ

୬.୫: ସାମାଜିକ ଦୁର୍ବଳ ବର୍ଗଙ୍କ ବର୍ଗୀକରଣ

୬.୬: ପ୍ରଭାବିତ ଜନସଂଖ୍ୟାରେ ବୈବାହିକ ସ୍ଥିତି

୬.୭: ପ୍ରଭାବିତ ଜନସଂଖ୍ୟାରେ ଜାତିଗତ ଆବ□କ

୬.୮: ପ୍ରଭାବିତ ଜନସଂଖ୍ୟାରେ ଶିକ୍ଷାଗତ ଆବ□କ

୬.୯: ପ୍ରଭାବିତ ଜନସଂଖ୍ୟାରେ ମୁଖ୍ୟବୃ□ଆବ□କ

୬.୧୦: ପ୍ରଭାବିତ ପରିବାରର ବାର୍ଷିକ ଆୟ (ଲକ୍ଷ ଟଙ୍କାରେ)

୬.୧୧: ଗତବର୍ଷ ପ୍ରଭାବିତ ପରିବାରରେ ସ୍ୱାସ୍ଥ୍ୟ ବାବଦରେ ଖର୍ଚ୍ଚ

୬.୧୨: ପ୍ରଭାବିତ ପରିବାରର ମାସିକ ଖାଦ୍ୟ ବାବଦର ଖର୍ଚ୍ଚ (ଟଙ୍କାରେ)

୬.୧୩: ପ୍ରଭାବିତ ପରିବାରର ମାସିକ ଅଣଖାଦ୍ୟ ବାବଦର ଖର୍ଚ୍ଚ (ଟଙ୍କାରେ)

୬.୧୪: ପ୍ରଭାବିତ ପରିବାରଗୁଡ଼ିକ ଋଣକରିବାର କାରଣ

୬.୧୫: ପ୍ରଭାବିତ ପରିବାରରେ ପାନୀୟଜଳର ଉତ୍ସ

୬.୧୬: ପ୍ରଭାବିତ ପରିବାରର ଅନ୍ୟାନ୍ୟ ସମ୍ପ□

୬.୧୭: ପ୍ରଭାବିତ ପରିବାରର ଗୃହପାଳିତ ପଶୁପକ୍ଷୀ

୭.୧: ପ୍ରଭାବିତ ପରିବାରଗୁଡ଼ିକର ଜମିଧାରଣର ପ୍ରକାର

୭.୨: ପ୍ରଭାବିତ ପରିବାରରେ ମାଲିକାନାରେ ଥିବା ଜମିର ପ୍ରକାର

୭.୩: ଜମି ଉପଯୋଗିତାର ପ୍ରକାର

୭.୪: ମାଲିକାନାରେ ଥିବା ଜମିର ପ୍ରକାର (ଏକରରେ)

୭.୫: ପ୍ରଭାବିତ ପରିବାର ବ୍ୟତୀତ ଜମିର ଦାବିଦାର

୭.୬: ଜମି ଉପରେ ନିର୍ଭରଶୀଳ କୃଷି ଶ୍ରମିକ

୭.୭: ଜମି ଉପରେ ନିର୍ଭରଶୀଳ ଭାଗଚାଷୀ

୭.୮: ଦୁର୍ବଳ ବର୍ଗଙ୍କ ଜମିହାନୀ

୮.୧: ପରିବାର ମାନଙ୍କର ପ୍ରକଳ୍ପ ମାନଙ୍କରେ ସଚେତନତା

୮.୨: ପ୍ରଭାବିତ ପରିବାରରେ ସ-କାରାତ୍ମକ ସାମାଜିକ ଅର୍ଥନୈତିକ ଫାଇଦା

୮.୩: ପ୍ରଭାବିତ ପରିବାରରେ ଗୋଷ୍ଠୀଗତ ସ-କାରାତ୍ମକ ସାମାଜିକ ଅର୍ଥନୈତିକ ଫାଇଦା

୮.୪: ପ୍ରଭାବିତ ପରିବାରରେ ସ-କାରାତ୍ମକ ସାମାଜିକ ଅର୍ଥନୈତିକ ଫାଇଦା

୮.୫: ପ୍ରଭାବିତ ପରିବାରରେ ଗୋଷ୍ଠୀଗତ ସ-କାରାତ୍ମକ ସାମାଜିକ ଅର୍ଥନୈତିକ ଫାଇଦା

୮.୬: ପରୋକ୍ଷ ପ୍ରଭାବିତ ପରିବାରରେ ସ-କାରାତ୍ମକ ସାମାଜିକ ଅର୍ଥନୈତିକ ଫାଇଦା

୮.୭: ପରୋକ୍ଷ ପ୍ରଭାବିତ ପରିବାରରେ ଗୋଷ୍ଠୀଗତ ସ-କାରାତ୍ମକ ସାମାଜିକ ଅର୍ଥନୈତିକ ଫାଇଦା

୯.୧: ପ୍ରଭାବିତ ପରିବାରମାନଙ୍କର ସ୍ୱେଚ୍ଛାକୃତ ଜମିଦାନ

୯.୨: ପ୍ରଭାବିତ ପରିବାରମାନଙ୍କର କ୍ଷତିପୂରଣ ପାଇବାର ଆଶା

୯.୩: ପ୍ରଭାବିତ ପରିବାରମାନଙ୍କର ରୋଜଗାରର ସହାବସ୍ଥାନର ଆଶା

୯.୪: ପ୍ରଭାବିତ ପରିବାରରେ ଏକର ପିଛା ଜମି ବଦଳରେ କ୍ଷତିପୂରଣର ଆଶା

୯.୫: ପ୍ରଭାବିତ ପରିବାରମାନଙ୍କର ଅର୍ଥ ବଦଳରେ ଅନ୍ୟାନ୍ୟ କ୍ଷତିପୂରଣର ଆଶା

# ଅଧ୍ୟୟନର ସାରାଂଶ

ଓଡିଶା ରାଜ୍ୟ ସରକାରଙ୍କର ନିଷ୍ପତି କ୍ରମେ ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ଚାରିଥାକିଆ ପ୍ରଶସ୍ତି କରଣ ରାସ୍ତା କାର୍ଯ୍ୟ କରାଯିବ । ୦.୦ କି.ମି. ଠାରୁ ୩/୨୬୦ କି.ମି. ପର୍ଯ୍ୟନ୍ତ ରାସ୍ତାରେ ସହରାଚଂଳର ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩ ଅଚଂଳରୁ ୨.୯୯୯ ଏକର ଘରୋଇ ଜମି ଅଧିଗୃହୀତ ହେବାର ଅଛି । ଏହି ପ୍ରସ୍ତାବିତ ରାସ୍ତା କେବଳ ପଡୋଶୀ ଜିଲ୍ଲା ସହ ସହଜରେ ଯାତାୟତ ଓ ମାଲ୍ ପରିବହନରେ ସହାୟକ ହେବ ନାହିଁ ତାହା ସହିତ ସ୍ଥାନୀୟ ଲୋକଙ୍କ ବିଚରଣରେ ମଧ୍ୟ ସହାୟକ ହେବ । ପ୍ରଶସ୍ତ ରାସ୍ତାରେ ଦୁର୍ଘଟଣାର ମାତ୍ରା କମିଯିବ ।

ପରନ୍ତୁ ଏହି ରାସ୍ତା ପ୍ରକଳ୍ପ ଦ୍ୱାରା ଘରୋଇ ଜମି ଅଧିଗ୍ରହଣ ହେବା ଦରକାର ପଡୁଛି । ଏହାଦ୍ୱାରା କିଛି ଲୋକଙ୍କ ଜମି ଯିବା ଯୋଗୁଁ ବାସହରା ହେବା, ଜିବୀକା ହରାଇବା, ଖାଦ୍ୟ ସୁରକ୍ଷା ବିପନ୍ନ ହେବା ପରି ସମସ୍ୟା ଦେଖାଦେବ । ଏହି ସମସ୍ୟାର ସମାଧାନ କରିବା ପାଇଁ ପ୍ରଶାସନ ତତ୍ପର ହେବା ଉଚିତ୍ ।

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ସା.ପ୍ର.ଆ.ଅ) କରି ବିଭିନ୍ନ ପରିଯୋଜନା ମାଧ୍ୟମରେ ଉପୁଜୁଥିବା ନକାରାତ୍ମକ ପ୍ରଭାବକୁ ପ୍ରଶନ୍ମିତ କରିବା ପାଇଁ ପ୍ରସାଶନ ଯତ୍ନଶୀଳ ହେବା ଦରକାର ପ୍ରକଳ୍ପ ଆରମ୍ଭ ପୂର୍ବରୁ ସା.ପ୍ର.ଆ.ଅ କରି ସମ୍ଭାବିତ ପ୍ରସ୍ତାବ ଉପରେ ଆଲୋଚନା କରି ପ୍ରଭାବିତ ଅଚଂଳରେ ସ୍ୱାଭାବିକ ଅବସ୍ଥା ବଜାୟ ରଖି ପ୍ରକଳ୍ପ କ୍ରିୟାନ୍ୱୟନ କରିବାକୁ ହେବ । ସେଥିପାଇଁ ୧୮୯୪ ମସିହାର ପୁରୁଣା ଆଇନକୁ ହଟେଇ କେନ୍ଦ୍ର ସରକାର ୨୦୧୩ ମସିହାରେ ଲୋକାଭିମୁଖି ଆଇନ୍ ପ୍ରଣୟନ କରି ଜମି ଅଧିଗ୍ରହଣ ପରି ସମ୍ବେଦନଶୀଳ ପ୍ରସଙ୍ଗକୁ ସହଜ କରିଦେଲେ । ଏହି ନୂତନ ଆଇନ୍ ଆଧାରରେ ରାଜ୍ୟ ସରକାର ୨୦୧୬ ମସିହାରେ ନିୟମାବଳୀ ଲାଗୁ କରି ରାଜ୍ୟରେ ଅନୁମୋଦନ କଲେ । ଜମି ଅଧିଗ୍ରହଣ ପରି ସମସ୍ୟା ଦେଖାଦେଲେ ନିଶ୍ଚିତ ଭାବରେ ସା.ପ୍ର.ଆ.ଅ କରାଯିବ । ସେହି କ୍ରମରେ ନ.ଉ.ଗ.କେ. ଭୁବନେଶ୍ୱର ରାଜ୍ୟର ନୋଡାଲ୍ କାର୍ଯ୍ୟାଳୟ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ସୋନପୁର ପର୍ଯ୍ୟାୟ କ୍ରମେ ସୋସାଇଟ୍ ଫର୍ ଟ୍ରେନିଂ ଆକ୍ସନ୍ ରିସର୍ଚ ଆଣ୍ଡ ରିହାବିଲିଟେସନ୍ (ଷ୍ଟାର୍) ସଂସ୍ଥାକୁ ସା.ପ୍ର.ଆ.ଅ କରି ବିବରଣୀ ପ୍ରସ୍ତୁତ କରିବାକୁ ଅନୁମତି ଦେଇଛନ୍ତି ।

ସା.ପ୍ର.ଆ.ଅ – ଅଧ୍ୟୟନ ସମୟରେ ପ୍ରଭାବିତ ଅଚଂଳର ଜୀବନ ଜିବୀକା ସର୍ବସାଧାରଣ ସଂପତିର କ୍ଷୟ ଭିତିଭୂମିର କ୍ଷୟ ବିଶେଷ କରି ନାଳ, ରାସ୍ତା, ପାନୀୟ ଜଳ ଉତ୍ସ, ଗଛ, ଡାକଘର, ବିଦ୍ୟାଳୟ, ଖେଳପଡିଆ, ଗୋଦାମ ବିଜୁଳି ଖୁଣ୍ଟ, ଅଙ୍ଗନବାଡି କେନ୍ଦ୍ର, ପୂଜାସ୍ଥଳୀ, ଶ୍ମଶାନ ଘାଟ ଇତ୍ୟାଦିର ହାନି ବିଷୟରେ ଆକଳନ କରାଯାଏ ।

ଆକଳନ କାରୀମାନେ ଜନଗଣନା ଆଧାରରେ ପ୍ରଭାବିତ ଅଚଂଳରୁ ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟ ହାସଲ କରିଥିଲେ । ପି.ଆର୍.ଏ, ଦଳଗତ ବିଷୟ ଭିତିକ ଆଲୋଚନା, ସାମାଜିକ- ସମ୍ବଳ-ଋତୁ କାଳିନ ମାନଚିତ୍ର ମାଧ୍ୟମରେ ବାସ୍ତବିକ ଚିତ୍ର ଅବଧାରଣା, ପ୍ରାସଙ୍ଗିକ ଅନୁଷ୍ଠାନ ମାନଙ୍କରେ ତଥ୍ୟ ହାସଲ ଆଦି କାମ କରିଥିଲେ । ସଂଗୃହୀତ ତଥ୍ୟକୁ ଟିକିନିଖି କରି ବିଶ୍ଳେଷଣ ଓ ସମୀକ୍ଷା କରାଯାଇଥିଲା । ବିଶେଷଜ୍ଞ ମାନଙ୍କ ମତାମତ ଆଧାରରେ

ବିବରଣୀ ପ୍ରସ୍ତତ କରାଯାଇଅଛି । ଆକଳନ ସମୟରେ ପ୍ରତ୍ୟେକ ପ୍ରଭାବିତ ପରିବାରକୁ ସାକ୍ଷାତ କରାଯାଇଥିଲା । ଅଚଂଳର ସାମାଜିକ - ଆର୍ଥିକ – ସଂାସ୍କୃତିକ-ଐତିହର ତଥ୍ୟ ସଂଗ୍ରହ କରାଯାଇଥିଲା । ସଂଗୃହୀତ ତଥ୍ୟରୁ ସକାରାତ୍ମକ ଓ ନକାରାତ୍ମକ ଦିଗ ଚିହ୍ନଟ କରି ଲିପିବଦ୍ଧ କରାଯାଇଅଛି ।

## ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ସା.ପ୍ର.ଆ.ଅ) ର ପ୍ରକ୍ରିୟା :-

ବିଭିନ୍ନ ସ୍ତରରେ ସଂଗୃହିତ ତଥ୍ୟର ସମୀକ୍ଷା କରାଯାଇ ବିବରଣୀ ପ୍ରସ୍ତୁତ କରାଯାଇଅଛି । ଗୁଣାତ୍ମକ ଓ ପରିମାଣାତ୍ମକ ତଥ୍ୟକୁ ବୈଜ୍ଞାନିକ - ପରିସଂଖ୍ୟାନ ଗତ ଧାରାରେ ପକାଇ ସକାରାତ୍ମକ ଓ ନକାରାତ୍ମକ ଦିଗ ବାହାର କରାଯାଇଥିଲା । ସୋନପୁର ପୌରାଚଂଳର ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩ ଅଚଂଳରୁ ୨.୯୯୯ ଏକର ଜମି ପ୍ରସ୍ତାବିତ ରାସ୍ତା ପାଇଁ ଜନସାଧାରଣଙ୍କ ଠାରୁ ଅଧିଗୃହିତ ହେବ । ଉକ୍ତ ରାସ୍ତା ପାଇଁ ମୋଟ ୧୬୪.୩୫୩ ଏକର ଜମିର ଆବଶ୍ୟକତା ରହିଛି । ରାଜ୍ୟ ନୋଡାଲ୍ ସଂସ୍ଥାଙ୍କ ଠାରୁ ପରିବାର ସୂଚୀ ଏବଂ ଜମିଜମା କାଗଜ ପତ୍ର ସଂଗ୍ରହ କରି ସା.ପ୍ର.ଆ.ଅ କରିବା ପାଇଁ ଦଳ ପ୍ରସ୍ତୁତ ହୋଇଥିଲେ । ସଂଗ୍ରହ କରାଯାଇଥିବା ୫୩ ଟି ପରିବାରର ସୂଚୀ ମଧ୍ୟରୁ ଆକଳନ କାରୀ ମାନେ ୪୭ ଟି ପରିବାରକୁ ଅଧ୍ୟୟନରେ ସାମିଲ୍ କରିପାରିଥିଲେ । ଅନ୍ୟ ୬ ଟି ପରିବାରର ତଥ୍ୟ ମିଳିପାରିନଥିଲା । ବିଭିନ୍ନ କାରଣରୁ ସେମାନଙ୍କର ସ୍ଥାନାନ୍ତରଣ ହୋଇଅଛି । ଏହା ବ୍ୟତୀତ ୧୦ଟି ପରୋକ୍ଷ ପ୍ରଭାବିତ ପରିବାରଙ୍କ ତଥ୍ୟ ମଧ୍ୟ ସଂଗ୍ରହ କରାଯାଇଥିଲା । ଏହା ଆଇନ୍‌ର ନିର୍ଦ୍ଦେଶ ।

ଆକଳନ ସମୟରେ ସୁଚିନ୍ତିତ ଭାବରେ ପୂର୍ବ ନିର୍ଦ୍ଧାରିତ ପ୍ରଶ୍ନାବଳୀକୁ ଆଧାର କରି ଅଭିଜ୍ଞ ଆକଳନ କାରୀମାନେ ତଥ୍ୟ ସଂଗ୍ରହ କରିଥିଲେ । ପରିବାରର ମୁଖ୍ୟ ବା ଜାଣିବା ଶୁଣିବା ଲୋକ ଠାରୁ ଅନ୍ତରଙ୍ଗ ଆଳାପ ମାଧ୍ୟମରେ ତଥ୍ୟ ସଂଗ୍ରହ କରାଯାଇଥିଲା । ବିଷୟଭିତିକ ଦଳଗତ ଆଲୋଚନା, ପି.ଆର୍.ଏ ମାଧ୍ୟମରେ ତଥ୍ୟ ହାସଲ କରାଯାଇଥିଲା ।

## ଅଧ୍ୟୟନରୁ ମିଳିଥିବା ତଥ୍ୟ :-

୧ – ୪୭ ଟି ପରିବାରରୁ ୨.୯୯୯ ଏକର ଜମି ଗ୍ରହଣ କରାଯିବ । ସେମାନଙ୍କର ମୋଟରେ ୪.୨୨୧ ଏକର ଜମି ରହିଅଛି । ମୋଟା ମୋଟି ଭାବରେ ପ୍ରତି ପରିବାର ପିଛା ୦.୦୮୯ ଏକର ଜମି ଅଣାଯିବାର ଯୋଜନା ଅଛି ।

୨ – ସମୁଦାୟ ୧୮.୫୨ % ଜମି ପ୍ରଭାବିତ ହେଉଥିବା ବେଳେ ୨.୪୨% ଜମି ଅଧିଗୃହିତ ହୋଇ ଏହି ରାସ୍ତା କରାଯିବ ।

୩- ପ୍ରଭାବିତ ପରିବାରଙ୍କ ଠାରୁ ୯୧.୪%ଚାଷଜମି ୬.୩୮ % ବାସପଯୋଗୀ ଘର ଅଂଶ ଏବଂ ୨.୩୮ % ବାସପଯୋଗୀ ଘରର ଜମି ଅଧିଗୃହିତ ହେବା ପାଇଁ ଯୋଜନା ହୋଇଛି ।

୪- ପୌରାଚଂଳର ପ୍ରଭାବିତ ଅଚଂଳର ୮୫.୧ % ପରିବାର ହେଉଛି ପୁରୁଷ ପ୍ରାଧାନ୍ୟ ଏବଂ ୧୪.୯% ମହିଳା ପ୍ରାଧାନ୍ୟ ।

୫- ୨୬୪ ପ୍ରଭାବିତ ଲୋକଙ୍କ ମଧ୍ୟରୁ ୧୫୯ ଜଣ ପୁରୁଷ ଓ ୧୦୫ ଜଣ ମହିଳା ଅଟନ୍ତି । ଏଠାରେ ପୁରୁଷ : ମହିଳା ହେଉଛି ୧୦୦୦:୬୬୦ ।

୬- ୦ ରୁ ୬ ବର୍ଷ ଭିତରେ ୬.୧. %, ୭ ରୁ ୧୪ ବର୍ଷ ଭିତରେ ୧୦.୬%, ୧୫ ରୁ ୧୮ ବର୍ଷ ମଧ୍ୟରେ ୪.୫%, ୧୯ ରୁ ୪୦ ବର୍ଷ ଭିତରେ ୩୯.୮ %, ୪୧ ରୁ ୬୦ ବର୍ଷ ଭିତରେ ୨୯.୫% ଏବଂ ୬୦ ରୁ ଅଧିକ ବର୍ଷ ଭିତରେ ୯.୫% ଲୋକ ଏଠାରେ ବାସ କରନ୍ତି ।

୭- ୧୭% ପରିବାରରେ ମହିଳା ମୁଖ୍ୟ, ୪.୨% ପରିବାରରେ ଅ.ଜା. ବର୍ଗର ମୁଖ୍ୟ ଏଠାରେ ରହିଛନ୍ତି । ଦିବ୍ୟାଙ୍ଗ ଏବଂ ଅ.ଜ.ଜା. ବର୍ଗର ମୁଖ୍ୟ ପରିବାର ଏଠାରେ ନାହାଁନ୍ତି ।

୮- ୪.୯% ଅର୍ଥାତ୍ ୧୩ ଜଣ ଅଶିକ୍ଷିତ । ୬.୧ % ଅର୍ଥାତ୍ ୧୬ ଜଣ ସାମାନ୍ୟ ଶିକ୍ଷିତ ଯେଉଁମାନେ କି ଦସ୍ତଖତ କରିପାରିବେ । ୨୭.୭% ଅର୍ଥାତ୍ ୭୩ ଜଣ ସ୍ନାତକ, ୧୭.୮% ଅର୍ଥାତ୍ ୪୭ ଜଣ ଇଣ୍ଟର ମିଡିଏଟ୍, ୧୬.୪% ଅର୍ଥାତ୍ ୪୪ ଜଣ ପ୍ରାଥମିକ ଶିକ୍ଷା, ୧୪.୮ % ଅର୍ଥାତ୍ ୩୯ ଜଣ ମାଧ୍ୟମିକ ଶିକ୍ଷା, ୧୧.୪ % ଅର୍ଥାତ୍ ୩୦ ଜଣ ବୃତିଗତ ଶିକ୍ଷା ଏବଂ ୦.୮ % ଅର୍ଥାତ୍ ୩ ଜଣ ସ୍ନାତକୋତର ଶିକ୍ଷାଧାରୀ ଏହ ଅଚଂଳରେ ବାସ କରନ୍ତି ।

୯- ୮୦.୯ % ପରିବାରର ଘର ଗୁଡିକ ଇଟା ଓ ସିମେଣ୍ଟ, ୧୯.୧% ପରିବାରର ଘର ମାଟି କାନ୍ଥର ହୋଇଛି । ୭୮.୭% ଘର ଛାତ ଘର ୧୯.୧% ଚାଳଘର ଏବଂ ୨.୧ % ଆଜବେଷ୍ଟେସ୍ର ଘର ରହିଛି । ୭୪.୪ % ଘରର ଚଟାଣ ସିମେଣ୍ଟ, ୧୯.୧% ଘରର ଚଟାଣ ମାଟି ଏବଂ ୬.୩% ଘରର ଚଟାଣ ଟାଇଲ୍ ହୋଇଅଛି ।

୧୦.- ୯୫.୭ % ପ୍ରତ୍ୟେକ୍ଷ ପ୍ରଭାବିତ ପରିବାର ପ୍ରକଳ୍ପ ସଂପର୍କରେ ଅବଗତ ଅଛନ୍ତି । ପରୋକ୍ଷ ପ୍ରଭାବିତଙ୍କ ମଧ୍ୟରୁ ୮୦% ଅବଗତ ଅଛନ୍ତି ।

୧୧- ପ୍ରଭାବିତ ଅଚଂଳର ଜନସାଧାରଣ ଆଶଙ୍କା କରିଛନ୍ତି ଯେ, ରାସ୍ତା ଯୋଗୁଁ ଜୀବନ ଜିବୀକାର ହାନି ଘଟିବ । ଭାରିଯାନ ଚଳାଚଳ ଯୋଗୁଁ ସ୍ଥାନୀୟ ରାସ୍ତା ଖରାପ ହୋଇଯିବ । ଚୋରି ତସ୍କରି ବୃଦ୍ଧି ପାଇବ । ରାସ୍ତା ଦୁର୍ଘଟଣା ବୃଦ୍ଧି ପାଇବ । ପରିବେଷ ପ୍ରଦୂଷଣ ଘଟିବ ।

୧୨- ସକାରାତ୍ମକ ଦିଗରେ ଅଚଂଳ ବାସୀ କହିଥିଲେ । ଯାତାୟତ ସୁଗମ ହେବ, ସ୍ଥାନୀୟ ସଂପତିର ମୁଲ୍ୟ ବୃଦ୍ଧି ହେବ, ବ୍ୟବସାୟରେ ଉନ୍ନତି ହୋଇ ଅଧିକ ରୋଜଗାର ହେବ ଏବଂ ଜୀବନ ଶୈଳୀରେ ବ୍ୟାପକ ପରିବର୍ତନ ହେବ

୧୩- ୧୦୦% ପ୍ରଭାବିତ ପରିବାର ରାସ୍ତା ପାଇଁ ଜମି ଛାଡିବାକୁ ରାଜି ।

୧୪ – ୧୦୦% ପ୍ରଭାବିତ ପରିବାର ଜମି ବଦଳରେ ଟଙ୍କା କ୍ଷତି ପୂରଣ ରାଶି ପାଇବା ପାଇଁ ଆଗ୍ରହୀ, ୬୬% ପରିବାର ସରକାରୀ ଚାକିରୀ ପାଇଁ ଆଗ୍ରହୀ, ୩୪% ପରିବାର ଆର୍ଥିକ ସହାୟତା ପାଇ ବ୍ୟବସାୟ କରିବାକୁ ଆଗ୍ରହୀ

୧୫ - ୯୫.୫ % ପରିବାର ଯଥାର୍ଥ କ୍ଷତିପୂରଣ ରାଶି ପାଇବା ପାଇଁ ଦାବି ରଖିଛନ୍ତି । ୭୬.୬ % ଅର୍ଥାତ୍ ୩୬ ଟି ପରିବାରର ଆଶା ପ୍ରକଳ୍ପ ଅଧିକାରୀ ସେମାନଙ୍କ ପାଇଁ ବାଣିଜ୍ୟର ସୁବିଧା ଯୋଗାଇ ଦିଅନ୍ତୁ । ୫୩.୨% ଅର୍ଥାତ୍ ୨୫ ଟି ପରିବାର ସରକାରୀ ଚାକିରୀ ପାଇଁ ବ୍ୟଗ୍ର । ୪୮.୯% ଅର୍ଥାତ୍ ୨୩ଟି ପରିବାର ଅଚଂଳରେ ଉଚ୍ଚଶିକ୍ଷାନୁଷ୍ଠାନଟିଏ ପ୍ରତିଷ୍ଠା ପାଇଁ ଆଗ୍ରହୀ ଏବଂ ୨୯.୮% ପରିବାର ଅର୍ଥାତ୍ ୧୪ ଟି ପରିବାର ଉନ୍ନତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ପାଇବା ପାଇଁ ଆଗ୍ରହୀ ।

**ସାମାଜିକ ପ୍ରଭାବ ପରିଚାଳନା ପରିଯୋଜନା (ସା.ପ୍ର.ପ.ପ.)** :- ନକାରାତ୍ମକ ଦିଗକୁ ପ୍ରଶମିତ କରିବା ପାଇଁ ପ୍ରକଳ୍ପ କର୍ତୃପକ୍ଷ ପ୍ରଭାବିତ ଅଚଂଳରେ ବ୍ୟାପକ ଜଳସେଚନର ସୁବିଧା କରିବା ଉଚିତ୍ । ବିକଳ୍ପ କର୍ମ ଯୋଗାଣର ବ୍ୟବସ୍ଥା କରିବା ଉଚିତ୍ । ତୁରନ୍ତ ଜମି ଜମା କାଗଜ ପତ୍ରର ଅଧୁନାତନ କରିବା ଉଚିତ୍ । କୃଷି ଓ କୃଷକର ଉନ୍ନତି ପାଇଁ ପ୍ରାସଙ୍ଗିକ ଯୋଜନା ପ୍ରସ୍ତୁତ କରିବା ଉଚିତ୍ । ଶିକ୍ଷିତ ବେରୋଜଗାରୀଙ୍କ ପାଇଁ ପ୍ରାସଙ୍ଗିକ ତାଲିମ୍ ମୂଳକ ଶିକ୍ଷାଦେବା, ଉଦ୍ୟୋଗୀଙ୍କୁ କମ୍ ସୁଧ ନେବା ଟ୍ରାଫିକ୍ ନିୟନ୍ତ୍ରଣ କରିବା ଚାରା ରୋପଣ କରିବା ଏବଂ ଅପରାଧ ନିୟନ୍ତ୍ରଣ ଦିଗରେ ପ୍ରଶାସନ ଯତ୍ନବାନ ହେବା ଉଚିତ୍ ।

**ଜନ ଶୁଣାଣୀ** :- ସା.ପ୍ର.ଆ.ଅ ର ଡ୍ରାପ୍ଟ ପ୍ରସ୍ତୁତ ହୋଇସାରିବା ପରେ ଆଇନ୍ ଅନୁଯାୟୀ ପ୍ରଭାବିତ ଜନସାଧାରଣ, ପ୍ରକଳ୍ପ କ୍ରିୟାନ୍ୱୟନ ଅଧିକାରୀ ସ୍ଥାନୀୟ ପ୍ରସାଶନଙ୍କୁ ନେଇ ଏକ ଜନଶୁଣାଣୀ କାର୍ଯ୍ୟକ୍ରମ କରାଯାଇଛି । ଏଥିରୁ ମିଳୁଥିବା ତଥ୍ୟକୁ ପୂର୍ଣ୍ଣାଙ୍ଗ ବିବରଣୀରେ ସାମିଲ୍ କରାଯାଇଛି ।

# ପ୍ରଥମ ଅଧ୍ୟାୟ

## ଉପକ୍ରମ

### ୧:୧ - ପୃଷ୍ଠଭୂମି

କୌଣସି ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ଶିଳ୍ପର ଅଭିବୃଦ୍ଧି ଏକାନ୍ତ ଆବଶ୍ୟକ । ମାତ୍ର ଶିଳ୍ପର ସୁଗମତା ପାଇଁ ଆବଶ୍ୟକୀୟ ଭିତିଭୂମି ପ୍ରାଥମିକତା ଆଧାରରେ ବିକଶିତ ହେବା ଦରକାର । ଏହାକୁ ଆଖିରେ ରଖି ଓଡିଶା ରାଜ୍ୟ ସରକାର ଗତ ଦୁଇ ଦଶନ୍ଧି ଧରି ଆବଶ୍ୟକୀୟ ଭିତିଭୂମି ବିକାଶ ଦିଗରେ ଯଥେଷ୍ଟ ଧ୍ୟାନ ଦେଇଆସୁଛନ୍ତି । ବିଶ୍ୱସ୍ତରୀୟ ଭିତିଭୂମିର ବିକଶିତ କରାଇ ପୁଞ୍ଜି ନିବେଶକାରୀଙ୍କୁ ରାଜ୍ୟ ପ୍ରତି ଆକର୍ଶିତ କରିବାରେ ରାଜ୍ୟ ସରକାର ଯଥେଷ୍ଟ ଧ୍ୟାନ କେନ୍ଦ୍ରୀଭୂତ କରିଛନ୍ତି । ମାତ୍ର ବର୍ତମାନର ଚାହିଦା ଅନୁସାରେ ଆବଶ୍ୟକୀୟ ଭିତିଭୂମିର ବିକାଶ ଶିଳ୍ପର ଅଭିବୃଦ୍ଧି ପାଇଁ ଯଥେଷ୍ଟ ହୋଇପାରୁନାହିଁ । ଏହିପରି ଧାରଣା ସମସ୍ତଙ୍କ ମନରେ ଅଛି । ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରିବା ପାଇଁ ରାଜ୍ୟ ସରକାର ସଡକପଥ, ରେଳପଥ, ସାମୁଦ୍ରିକ ତଟପଥ, ଜଳପଥ, ଆକାଶପଥ ଆଦିରେ ପୁଞ୍ଜି ବିନିଯୋଗ କରି ଗମନାଗମନାକୁ ଚଳଚଂଚଳ କରିବା ପାଇଁ ବିଭିନ୍ନ ଯୋଜନାମାନ ପ୍ରସ୍ତୁତ କରୁଛନ୍ତି ।

ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ରାଜ୍ୟର ଆର୍ଥିକ ଉନ୍ନତିରେ ସଡକ ପଥର ଗୁରୁତ୍ୱ ଯଥେଷ୍ଟ ଅଧିକ । ରାଜ୍ୟ ସରକାରଙ୍କ ପ୍ରଚେଷ୍ଟା ଅନୁସାରେ ବିଶ୍ୱସ୍ତରୀୟ ସଡକପଥର ବିକାଶ ବର୍ତମାନ ସମ୍ଭବ ହୋଇପାରୁଛି । ଓଡିଶାରୁ ପଡୋଶି ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ, ଛତିଶଗଡ, ଝାଡଖଣ୍ଡ ଓ ପଶ୍ଚିମବଙ୍ଗକୁ ସବୁଦିନିଆ ସଡକପଥରେ ଯୋଡାଯାଇପାରିଛି । ଏହି ସଡକପଥ ଗୁଡିକ ବିଶେଷ କରି ପ୍ରଧାନମନ୍ତ୍ରୀ ଭାରତ ଯୋଡପରି ଯୋଜନା ଅନ୍ତର୍ଗତ ଯୋଜନାରେ ସାମିଲ ହୋଇଅଛି । ମୁଖ୍ୟରାସ୍ତାକୁ ଯୋଡୁଥିବା ସହର / ଗାଁ ରାସ୍ତାର ଉନ୍ନତିକରଣ ମଧ୍ୟ ସମତାଳରେ କରାଯାଉଅଛି । ଚଳିତବର୍ଷ ଅନେକ ରାସ୍ତା ସିମେଂଟ କ୍ରଂକ୍ରିଟ୍ କରାଯାଇ ଆନ୍ତଃ ଗମନାଗମନକୁ ସୁଗମ କରାଯାଇଅଛି । ସରକାରୀ-ଘରୋଇ ଭାଗିଦାରିତାରେ ବିଭିନ୍ନ ରାସ୍ତାର ବିକାଶ ପାଇଁ ମଧ୍ୟ ଉଦ୍ୟମ ହେଉଅଛି ।

ପ୍ରଚୁର ଖଣିଜ ସଂପଦରେ ପରିପୂର୍ଣ୍ଣ ଥାଇ ମଧ୍ୟ ସୋନପୁର ଜିଲ୍ଲା ଗମନାଗମନ କ୍ଷେତ୍ରରେ ବହୁତ ପଛରେ ପଡିଛି । ୨୫୦ଟି ଆକାଂକ୍ଷୀ ଜିଲ୍ଲା ଭିତରେ ଏହି ଜିଲ୍ଲାକୁ ସାମିଲ କରି ବିକଶିତ କରିବାପାଇଁ ପ୍ରୟାସ କରାଯାଉଅଛି । ଓଡିଶାର ୧୯ଟି ଜିଲ୍ଲା ଯାହା ପଛୁଆ ଅଂଚଳ ବିକାଶ ଅନୁଦାନପାଣ୍ଠିରୁ ସାହାଯ୍ୟ ପାଇ ବିକଶିତ ହେଉଛନ୍ତି ସେଥି ମଧ୍ୟରୁ ସୋନପୁର ଅନ୍ୟତମ । ଏହି ଜିଲ୍ଲାରେ ଥିବା ଖଣିଜ ପଦାର୍ଥ ଗୁଡିକର ସୁ-ବିନିଯୋଗ ପାଇଁ ସଡକପଥର ବିକାଶ ଅବଶ୍ୟାମ୍ଭବୀ ।

କେବଳ ଖଣିଜ ସଂପଦ ନୁହେଁ ଏହି ଜିଲ୍ଲାର ଅପାର ପର୍ଯ୍ୟଟନ କ୍ଷେତ୍ରର ବିକାଶ ମଧ୍ୟ ଗମନାଗମନ ପଥର ଉନ୍ନତି ଯୋଗୁଁ ସମ୍ଭବ ହୋଇପାରିବ । ରାମେଶ୍ୱର ମନ୍ଦିର, ପାତାଳି ଶ୍ରୀକ୍ଷେତ୍ର, ପଂଚରଥ ମନ୍ଦିର, ଲଙ୍କେଶ୍ୱରୀ ମନ୍ଦିର, ପାପକ୍ଷୟ ଘାଟ, ଭୀମଭୋଇ ସମାଧିପୀଠ, ସୁବର୍ଣ୍ଣମେରୁ ପ୍ରଭୃତି ଏହି ଜିଲ୍ଲାର ପର୍ଯ୍ୟଟନ ସ୍ଥଳିଭାବରେ ବିବେଚିତ ହୁଏ । ଉପଯୁକ୍ତ ଗମନାଗମନ ପଥର ଅଭାବ ଯୋଗୁଁ ଏହି ପୀଠଗୁଡିକ ଜନମାନସରେ ଆସୁନାହିଁ । ଜିଲ୍ଲା ମଧ୍ୟ ସମପରିମାଣର ପର୍ଯ୍ୟଟନ ବିକାଶ ପାଇପାରୁନାହିଁ । ଅନ୍ୟ ଜିଲ୍ଲାଗୁଡିକର ପର୍ଯ୍ୟଟନ କ୍ଷେତ୍ରରେ ଯେପରି, ଉନ୍ନତି ସାଧନ କରିଛନ୍ତି ସେହିପରି ଏହି ଜିଲ୍ଲାରେ ହୋଇପାରିନାହିଁ ।

କୌଣସି ଅଂଚଳର ଆର୍ଥିକ ଅଭିବୃଦ୍ଧି ତାହାର ଗମନାଗମନ ପଥର ବିକାଶ ଉପରେ ନିର୍ଭର କରେ । ଅର୍ଥନୀତିର ଉତ୍ପାଦନ ଏବଂ ବଂଟନ କ୍ଷେତ୍ରରେ ଏହ ।ହିଁ ପ୍ରମୁଖ ମାଧ୍ୟମ । ଯେହେତୁ ସୋନପୁର ଜିଲ୍ଲା ଏକ କୃଷି

ପ୍ରବଣ ଜିଲ୍ଲା ଗମନାଗମନପଥର ବିକାଶ ହେଲେ ବିପଣୀ ବଜାର ଚଳଚଂଚଳ ହୋଇଉଠିବ । ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ସହଜ ସାଧ ହୋଇପାରିବ । ଏହି ପରି ବିଭିନ୍ନ ଦୃଷ୍ଟି କୋଣରୁ ବିଚାର କଲେ ସୋନପୁର ଆଜି ଏକ ପଛୁଆ ଅଂଚଳ ଭାବରେ ରହିଛି । ଯୋଜନା ପ୍ରସ୍ତୁତ ସମୟରେ ଜିଲ୍ଲାସ୍ତରରେ ସଡକପଥର ବିକାଶ ପାଇଁ ଅନେକ ଯୋଜନା ହାତକୁ ନିଆଯାଇଅଛି । ବ୍ଲକ ଓ ତହସିଲ ସଦର ମହକୁମାକୁ ଯୋଡିବା ପାଇଁ ଅପହାଂଚ ଇଲାକାରୁ ରାସ୍ତା ତିଆରି କରିବା ପାଇଁ ଯୋଜନା କରାଯାଉଅଛି । ପ୍ରସ୍ତାବିତ ସଡକପଥର ଯୋଜନା ସେହିପରି ଏକ ଯୋଜନା ଅଟେ । ଯାହାଦ୍ୱାରା ଜିଲ୍ଲାର ଦୁର୍ଗମ ଅଂଚଳକୁ ସବୁଦିନିଆ ବାତାନୁକୂଳିତ ରାସ୍ତା ସମ୍ଭବ ହୋଇପାରିବ ।

ସୋନପୁର ଜିଲ୍ଲାର ଜନସଂଖ୍ୟାର ୩୫.୬% ଅନୁନ୍ନତ ବର୍ଗର । ସେମାନଙ୍କ ମଧ୍ୟରୁ ୨୫.୬% ଅ.ଜ.ଜା. ଏବଂ ୯.୮% ଅ.ଜା. ବର୍ଗର । ଏହି ବର୍ଗର ଜନସାଧାରଣ ଜିଲ୍ଲାର ଦୁର୍ଗମ ବଣପାହାଡ ଘେରା ଅଂଚଳରେ ବସବାସ କରନ୍ତି । ଉପଯୁକ୍ତ ଗମନାଗମନପଥର ଅଭାବ ଯୋଗୁଁ ଏହି ଅଂଚଳ ବିଭିନ୍ନ ସରକାରୀ ଯୋଜନାରୁ ବଂଚିତ । ସେଥିପାଇଁ କେବଳ ଏହି ଜନସାଧାରଣ ପଛୁଆ ରହିଯାଉନାହାନ୍ତି ଜିଲ୍ଲା ଓ ରାଜ୍ୟ ମଧ୍ୟ ଅନୁନ୍ନତ ଭାବରେ ପରିଗଣିତ ହେଉଅଛି । ତେଣୁ ରାଜ୍ୟ ସରକାର ଅଗ୍ରାଧିକାର ଭିତିରେ ଏହି ଅଂଚଳର ଗମନାଗମନପଥର ବିକାଶ ପାଇଁ ଲାଗିପଡିଛନ୍ତି । ପ୍ରସ୍ତାବିତ ସଡକପଥଟି ସୋନପୁର ଜିଲ୍ଲାର ସୋନପୁର ତହସିଲର ସହରାଂଚଳରେ ଚାରିଲେନ ବିଶିଷ୍ଟ ରାସ୍ତା ହେବା ପାଇଁ ଯୋଜନା କରାଯାଉଅଛି ।

ଅନୁମାନ କରାଯାଉଅଛି ଯେତେବେଳେ ଏହି ରାସ୍ତା ତିଆରି କରାଯିବ ସେତେବେଳେ କେତେକ ବ୍ୟକ୍ତି ସେମାନଙ୍କର ଜମିସତ୍ୱ ହରାଇବେ । ନିଃସନ୍ଦେହରେ କୁହାଯାଇପାରେ ଯେ, ଜମି ହରାଉଥିବା ଲୋକମାନଙ୍କର ଜୀବନଜୀବିକା ଏହାଦ୍ୱାରା ଗୁରୁତର ଭାବରେ ପ୍ରଭାବିତ ହେବ । ଏହି କ୍ଷତିରୁ ମୁକୁଳିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଆଇନ ପ୍ରଣୟନ କରି କ୍ଷତିଗ୍ରସ୍ତମାନଙ୍କୁ ଥଇଥାନ କରିବାର ବ୍ୟବସ୍ଥା କରିଛନ୍ତି । ନ୍ୟାୟୋଚିତ କ୍ଷତିପୂରଣ ଅଧିକା ଏବଂ ଭୂଅର୍ଜନ ପୁନଃବାସ ଓ ଥଇଥାନକ୍ଷେତ୍ରରେ ସ୍ୱଛତା ଅଧିକାର ଅଧିନିୟମ-୨୦୧୩ ଏଥିପାଇଁ ଉଦ୍ଦିଷ୍ଟ । ଆଇନର ପ୍ରାବଧାନ ଅନୁସାରେ କ୍ଷତିଗ୍ରସ୍ତ ବ୍ୟକ୍ତି ବିଶେଷମାନେ ଯଥେଷ୍ଟ କ୍ଷତି ପୂରଣ ପାଇ ଆରାମରେ ଚଳିପାରିବେ ।

ଏହାକୁ ଆଖିଆଗରେ ରଖି ନ.ଉ.ଗ.କେ.ପ୍ରତିଷ୍ଠାନ ଭୁବନେଶ୍ୱରଙ୍କୁ ଜିଲ୍ଲାପ୍ରଶାସନ ସୋନପୁର ଏହି ଅଂଚଳରେ ସା.ପ୍ର.ଆ.ଅ. କରିବା ପାଇଁ ଦାୟିତ୍ୱ ଦେଇଛନ୍ତି । ଜମି ଅଧିଗ୍ରହଣ ଯୋଗୁଁ ଉପୁଜୁଥିବା ସମସ୍ୟା ଓ ତା'ର ନିରାକରଣ ପାଇଁ ପ୍ରସ୍ତୁତ କରାଯାଉଥିବା ଯୋଜନାକୁ ସଠିକ୍ ଭାବରେ ଆକଳନ କରିବା ପାଇଁ ପ୍ରକ୍ରିଆ ଆରମ୍ଭ କରାଯାଇଅଛି । ସୋନପୁରର ମହାନଦୀ ପୋଲଠାରୁ ୦.୦କି.ମିରୁ ୩ /୨୬୦କି.ମି ଯାହା ସୋନପୁର ତହସିଲ ଅନ୍ତର୍ଗତ ସୋନପୁର ସହର ମଧ୍ୟରେ ଅଛି ସେଠାରେ ସା.ପ୍ର.ଆ.ଅ କରାଯିବ । ସହରର ୟୁନିଟ-୧,୨,୩ ଅଂଚଳରେ ସା.ପ୍ର.ଆ.ଅ କରିବା ପାଇଁ ନ.ଉ.ଗ.କେ. ଭୁବନେଶ୍ୱର, ସୋସାଇଟ୍ ଫର ଟ୍ରେଂନି ଆକ୍ସନ ରିସର୍ଚ ଆଣ୍ଡ ରିହାବିଲିଟେସନ (ଷ୍ଟାର)କୁ ତାଲିକାଭୁକ୍ତ କରି ସରକାରୀ ଚିଠି ସଂଖ୍ୟା SIA-714/NCDS, ତା-୨୯/୦୬/୨୦୨୧ରିଖରେ ଅନୁମତି ପ୍ରଦାନ କରିଛନ୍ତି । ରାଜ୍ୟସରକାରଙ୍କ ତରଫରୁ ତା-୧୧/୦୮/୨୦୨୧ରିଖରେ ଚିଠି ସଂଖ୍ୟା RDM-LAC-SUB-0002-2021-23764/R&DM ଦ୍ୱାରା ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଅନୁମତି ଦେଇଛନ୍ତି ।

# ଦ୍ୱିତୀୟ ଅଧ୍ୟାୟ

## "ଅଧ୍ୟୟନର ଆଇନଗତ ବିଚାରଧାରା"

ଓଡିଶା, ଭାରତ ବର୍ଷର ଏକ ସଂଘୀୟ ରାଜ୍ୟ ଅଟେ । ଓଡିଶାର ଭୌଗୋଳିକ ପରିବେଶରେ ଯେଉଁ କାର୍ଯ୍ୟ କରାଯିବ ତାହା ଭାରତର ସମ୍ବିଧାନ ଦ୍ୱାରା ପ୍ରଣୀତ ଆଇନକାନୁନ୍ ଆଧାରରେ ହିଁ କରାଯିବ । ତେଣୁ ରାସ୍ତା ପ୍ରଶସ୍ତିକରଣ ପରି ବିକାଶ ମୂଳକ କାର୍ଯ୍ୟ କରାଯିବା ସମୟରେ ୨୦୧୩ ମସିହାର ପ୍ରଣୀତ 'ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଅଧିନିୟମ' କାର୍ଯ୍ୟକାରୀ ହେଲା । ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ (୦.୦କି.ମିରୁ ୩ /୨୬୦କି.ମି) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ସୋନପୁର ଜିଲ୍ଲା ସୋନପୁର ପୌରାଂଚଳ ଅନ୍ତର୍ଗତ ୩ଟି ଅଚଂଳ (ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩) ରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯିବ । ତତ୍‌ସଂକ୍ରାନ୍ତୀୟ ଆଇନଗତ ବିଚାରଧାରା ନିମ୍ନରେ ବର୍ଣ୍ଣନା କରାଗଲା ।

### ପ୍ରଚଳିତ ବିଧିବିଧାନ-:

ଯେ କୌଣସି ବିକାଶ ମୂଳକ ପ୍ରକଳ୍ପ କାର୍ଯ୍ୟକାରୀ କରିବା ସମୟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଗୃହୀତ ନିୟମାବଳୀ ପାଳନୀୟ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ହେଉଛି ୨୦୧୩ ମସିହାର ସଂସଦ ଦ୍ୱାରା ପ୍ରଣୀତ ''ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଅଧିନିୟମର ଧାରା-୪ର ବୈଶିଷ୍ଟ୍ୟ । ଏହି ଅଧିନିୟମ ଦ୍ୱାରା ପ୍ରକଳ୍ପ ପ୍ରଭାବିତ ପ୍ରଜା ତାଙ୍କର ଯଥାର୍ଥ କ୍ଷତି ପୂରଣ ପାଇବାକୁ ହକ୍‌ଦାର ହୋଇଥାଏ । ଏହା ବ୍ୟତୀତ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୀତ ସ୍ୱତନ୍ତ୍ର ପୁନଃବନ୍ଦୋବସ୍ତ ପୁନଃଥଇଥାନ ନୀତି ସ୍ଥାନୀୟ ଅଂଚଳର ଅନ୍ୟାନ୍ୟ ସାମାଜିକ ତଥା ଆନୁଷଙ୍ଗିକ ଅସଙ୍ଗତିକୁ ଦୂର କରିବା ପାଇଁ ଯତ୍ନବାନ ହୋଇଥାଏ । ପ୍ରକଳ୍ପ କ୍ରିୟାନ୍ୱୟନ ଅଧିକାରୀମାନେ ଏ ସବୁ ବିଧିବିଧାନର ତର୍ଜମା କରି ପ୍ରକଳ୍ପ ପ୍ରଭାବିତ ପ୍ରଜାମାନଙ୍କୁ ଯଥାର୍ଥ ନ୍ୟାୟ ଦେଇ ପ୍ରକଳ୍ପ କାର୍ଯ୍ୟକାରୀ କରିଥାନ୍ତି ।

### (କ) ଭାରତ ସରକାରଙ୍କ ଆଇନ

''ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଅଧିନିୟମ

ତା.୫/୯/୨୦୧୩ ରିଖରେ ଭାରତର ସଂସଦରେ ଉକ୍ତବିଧେୟକଟି ଉପସ୍ଥାପିତ ହୋଇଥିଲା । ବ୍ୟାପକ ଆଲୋଚନା ପରେ ତା.୨୬/୯/୨୦୧୩ ରିଖରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସ୍ୱୀକୃତି ଲାଭକରିଥିଲା ଫଳରେ ତା.୧/୧/ ୨୦୧୪ ରିଖଠାରୁ ଏହା ସମଗ୍ର ଭାରତ ବର୍ଷରେ କାର୍ଯ୍ୟକାରୀ ହେଲା । ୧୮୯୪ ମସିହାର ଭାରତରେ ପ୍ରଚଳିତ ଆଇନ୍‌କାନୁନ୍‌ର ପରି ସମାପ୍ତି ଘଟାଇ ଏହି ଜନହିତକାରୀ ଅଧିନିୟମ କାର୍ଯ୍ୟକାରୀ ହେଉଅଛି । ଏହା ଯୋଗୁଁ ପୁରୁଷାନୁକ୍ରମିକ ଭାବରେ ଚଳି ଆସୁଥିବା ସ୍ଥାନୀୟ ଜନ ସାଧାରଣଙ୍କ ଜମି ଯଦି ବିକାଶ ମୂଳକ ପ୍ରକଳ୍ପ ପାଇଁ ଅଧିଗୃହୀତ ହୁଏ ତେବେ ସେମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଦେଇ ଥଇଥାନ କରାଯାଇ ପାରୁଅଛି । ଅର୍ଥାତ୍ ଗ୍ରାମାଂଚଳରେ ଜମିର ନିର୍ଦ୍ଧାରିତ ମୂଲ୍ୟର ୪ଗୁଣା ଏବଂ ସହରାଂଚଳରେ ୨ଗୁଣା ଅର୍ଥ ଦେବାର ବ୍ୟବସ୍ଥା କରାଯାଇଅଛି ।

**ଆଇନର ମୁଖବନ୍ଧ:-**

ପ୍ରକଳ୍ପ ପ୍ରଭାବିତ ପ୍ରଜାଙ୍କୁ ଆଖି ଆଗରେ ରଖି ଆଇନର ମୁଖବନ୍ଧ ଲେଖାଯାଇଅଛି । ତାହା ହେଉଛି :- 'ଭାରତୀୟ ସମ୍ବିଧାନ ଦ୍ୱାରା ସ୍ୱୀକୃତ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ସହ ପରାମର୍ଶ କରି ଲୋକମାନଙ୍କର ସହଯୋଗ ଓ ସହମତି ଆଧାରରେ ସଠିକ ସୂଚନା ଦେଇ ବିକାଶ ମୂଳକ ପ୍ରକଳ୍ପ ଯଥା ଶିଳ୍ପାୟନ, ସହରାଂଚଳ ପ୍ରତିଷ୍ଠା, ଢାଂଚାଗତ ପରିବର୍ତ୍ତନ ଆଦି କରାଯାଇ ପାରିବ । ପ୍ରକଳ୍ପ ପ୍ରଭାବିତ ପ୍ରଜାଙ୍କୁ ଯର୍ଥାର୍ଥ ରୂପେ କ୍ଷତି ପୂରଣ ଓ ଥଇଥାନ କରାଯିବା ଆବଶ୍ୟକ । ସେମାନଙ୍କୁ ବିକାଶ ମୂଳକ କାର୍ଯ୍ୟକ୍ରମରେ ସହଭାଗୀ କରାଯିବା ଜରୁରୀ ଅଟେ । ଏହା ଦ୍ୱାରା ସେମାନଙ୍କର ମୌଳିକ ସାମାଜିକ ଅର୍ଥନୈତିକ ଅବସ୍ଥାର ଅବନତି ହେବ ନାହିଁ ଏବଂ ପ୍ରକଳ୍ପ ପରବର୍ତ୍ତୀ ପର୍ଯ୍ୟାୟ ଉନ୍ନତମାନର ହେବ' ।

''ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଅଧିନିୟମର ମୁଖ୍ୟ ବିଷୟ:-

**୧.ଭୂମି ଅଧିଗ୍ରହଣ:-** ଉଭୟ ସରକାରୀ ଓ ବେସରକାରୀ ଉଦ୍ୟୋଗ ପାଇଁ ଜମି ଅଧିଗ୍ରହଣ କରାଯାଇ ପାରିବ । ଏଥିପାଇଁ ବେସରକାରୀ ଉଦ୍ୟୋଗ ପାଇଁ ୮୦% ପ୍ରକଳ୍ପ ପ୍ରଭାବିତ ପ୍ରଜା ସେମାନଙ୍କର ସ୍ୱୀକୃତି ଦେବା ଉଚିତ । ସେହିପରି ୭୫% ଭାଗ ଦ୍ୱୈତ ଉଦ୍ୟମରେ ପ୍ରତିଷ୍ଠିତ ପ୍ରକଳ୍ପ ପାଇଁ ସ୍ୱୀକୃତି ଆସିବା ଦରକାର । ଭୂମିଅର୍ଜନ ପୂର୍ବରୁ ପ୍ରଭାବିତ ପ୍ରଜାଙ୍କର କ୍ଷତିପୂରଣ ତଥା ଥଇଥାନ ହେବା ଦରକାର । ଏହା ବ୍ୟତୀତ ସାମାଜିକ କ୍ଷେତ୍ର ପାଇଁ ଗ୍ରାମା□ଙ୍କ ଭିତିଭୂମି ବିକାଶ ପାଇଁ, ଆବାସ ଯୋଗ୍ୟ ଗୃହନିର୍ମାଣ ପାଇ, ଶିଳ୍ପାଂଚଳ କରିଡର ପାଇଁ, ଭିତିଭୂମ ବିକାଶ ପାଇଁ, ଯାହା ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପିତ, ସେପରି କ୍ଷେତ୍ରରେ ଜମି ଅଧିଗ୍ରହଣ ବିଧାନ ବାହାରେ କରାଯିବ । ଅଧିଗୃହୀତ ଜମି ଯଦି ୫ବର୍ଷ ମଧ୍ୟରେ ବ୍ୟବହାର ଉପଯୋଗୀ ହୋଇପାରି ନାହିଁ ତେବେ ପୂର୍ବ ଜମି ମାଲିକମାନଙ୍କୁ ଏହା ଫେରେଇ ଦିଆଯିବ କିମ୍ବା ଜମିବ୍ୟାଙ୍କରେ ଏହାକୁ ଜମା ରଖାଯିବ ।

**୨.ଜମିଅଧିଗ୍ରହଣର ପ୍ରକ୍ରିୟା:-** ପ୍ରାଥମିକ ପ୍ରର୍ଯ୍ୟାୟରେ ବିଜ୍ଞାପିତ ହେବାର କିଛି ଦିନରେ ପ୍ରକଳ୍ପ ପ୍ରଭାବିତ ଅଂଚଳରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯିବ । ଏଥିରେ ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥାକୁ ସାମିଲ କରାଯିବ । ପରେ ପରେ ଜନ ଶୁଣାଣୀ ଶିବିର କରା ଯାଇ ସଂଗୃହୀତ ତଥ୍ୟକୁ ଲିପିବଦ୍ଧ କରି ରଖାଯିବ । ଏହାପରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନକୁ ନେଇ ଏକ ବିଜ୍ଞାପନ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରକାଶ କରାଯିବ । ଏସବୁ କାର୍ଯ୍ୟକ୍ରମ ୬ ମାସ ମଧ୍ୟରେ ସରିବା ଜରୁରୀ ଅଟେ । ଯେତେବେଳେ ସରକାର ହୃଦୟଙ୍ଗମ କରିବେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ସପୂର୍ଣ୍ଣ ରୂପେ ତ୍ରୁଟିଶୂନ୍ୟ ଏବଂ ପ୍ରକଳ୍ପ ଜନହିତୋପକାରୀ । ସେତେବେଳେ ଭୂମିଅଧିଗ୍ରହଣ କରାଯାଇ ପ୍ରକଳ୍ପ କାର୍ଯ୍ୟ କରାଯିବ । ଏ ପରିପ୍ରେକ୍ଷୀରେ ପ୍ରସ୍ତାବିତ 'ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ (୦.୦କି.ମିରୁ ୩ /୨୬୦କି.ମି) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପ୍ରକଳ୍ପ ପାଇଁ ଓଡିଶା ସରକାରଙ୍କ ତରଫରୁ ପତ୍ରସଂଖ୍ୟା - SIA-714/NCDS, ତା- ୨୯/୦୬/୨୦୨୧ ରେ ଲିପିବଦ୍ଧ ହୋଇଅଛି ।

**୩. କ୍ଷତିପୂରଣ ପ୍ରଦାନ:-** ଜମିଅଧିଗ୍ରହଣ କରିବା ପୂର୍ବରୁ  ସ୍ଥାନୀୟ ଜିଲ୍ଲାପାଳ, ପ୍ରକଳ୍ପ ପ୍ରଭାବିତ ପ୍ରଜାଙ୍କୁ ୨ ବର୍ଷ ମଧ୍ୟରେ ସେମାନଙ୍କର କ୍ଷତିପୂରଣ ଅର୍ଥ ଓ ଥଇଥାନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବେ । ଜମିର କ୍ଷତିପୂରଣ ରାଶି, ତତ୍କାଳୀନ

ବଜାର ଦର ଉପରେ ପର୍ଯ୍ୟବେଶିତ ହେବ। ଏଥିପାଇଁ (୧)୧୮୯୮ ମସିହାର ଷ୍ଟାମ୍ପଆକ୍ଟ ଅନୁଯାୟୀ ଜମିର ବିକ୍ରିବଟା ଦଲିଲର ସହାୟକ ମୂଲ୍ୟକୁ ଆଧାର ରୂପେ ଧରାଯାଏ। (୨) ସମ୍ପୃକ୍ତ ଅଂଚଳର ଆଖପାଖରେ ଥିବା ସମାନ ଜମିର ମୂଲ୍ୟ ଯାହାଥିବ। (୩) ଜମିଅଧିଗ୍ରହଣ କରୁଥିବା ସଂସ୍ଥା ଦ୍ୱାରା ପ୍ରକଳ୍ପ ପ୍ରଭାବିତ ପ୍ରଜାଙ୍କୁ ଦିଆଯିବାକୁ ଥିବା କ୍ଷତିପୂରଣ ରାଶି ମଧ୍ୟରେ ହୋଇଥିବା ଚୁକ୍ତି ଆଧାରରେ ଯାହା ସର୍ବାଧିକ ହେଇଥିବ ସେହି ରାଶି ପ୍ରଦାନ କରାଯାଇ ପାରିବ। ଯଦି ଏଥିରେ ବ୍ୟତିକ୍ରମ ଦେଖାଯାଏ। ତେବେ ବିଗତ ୩ ବର୍ଷଧରି ପାଖାପାଖି ଅଂଚଳରେ ଯେଉଁ ଜମି ବିକ୍ରିବଟା ହୋଇଥିବ ଏହାର ହାରାହାରି ଆକଳନ କରାଯାଇ କ୍ଷତିପୂରଣ ରାଶି ସ୍ଥିର କରାଯାଏ। ମୋଟାମୋଟି ଭାବରେ ପ୍ରଜା ସର୍ବାଧିକ ପରିମାଣର କ୍ଷତିପୂରଣ ରାଶି ପାଇବାକୁ ସୁନିଶ୍ଚିତ କରାଯାଇ ଭୂମି ଅର୍ଜନ ପ୍ରକ୍ରିୟା ଆରମ୍ଭ କରାଯାଏ।

**୪. ପୁନଃବନ୍ଦୋବସ୍ତ ଓ ପୁନଃଥଇଥାନ ପ୍ରକ୍ରିୟା:-** ପ୍ରକଳ୍ପ ପ୍ରଭାବିତ ପ୍ରଜାମାନଙ୍କ ପାଇଁ ପୁନଃବନ୍ଦୋବସ୍ତ ଓ ପୁନଃଥଇଥାନ ପ୍ରକ୍ରିୟା ଲାଗୁହୋଇଥାଏ। ଥରେ ବିଜ୍ଞାପନ ପ୍ରକାଶ ପାଇବା ପରେ ଜଣେ ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଏ। ତାଙ୍କ ନିର୍ଦ୍ଦେଶରେ ସର୍ଭେ ଓ ଏହି ପ୍ରକ୍ରିୟା କ୍ରିୟାନ୍ୱୟନ ହୁଏ। ସ୍ଥାନୀୟ ସ୍ୱାୟତଶାସନ ସଂସ୍ଥା ସହ ଏହି ପ୍ରକ୍ରିୟା ସମ୍ପର୍କରେ ପରାମର୍ଶ କରାଯାଏ। ପରାମର୍ଶ ଅନୁଯାୟୀ ଅଧିକାରୀ ଜଣଙ୍କ ତାଙ୍କର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରକାଶ କରି ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ପ୍ରଦାନ କରନ୍ତି। ଏହା ଗ୍ରହଣୀୟ ହେଲେ ପ୍ରଜାଙ୍କୁ ଯଥାର୍ଥ ନ୍ୟାୟ ଦେଇ ପ୍ରକଳ୍ପ କାର୍ଯ୍ୟ ଆଗେଇ ଚାଲେ। ନିମ୍ନରେ ସାରଣୀ ଆକାରରେ ତାହା ଦିଆଗଲା:-

**ସାରଣୀ -୨.୧.** ‘‘ନ୍ୟାୟୋଚିତ କ୍ଷତି ପୂରଣ ଅଧିକାର ଏବଂ ଭୂଅର୍ଜନ, ପୂର୍ନବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଅଧିକାର ଅଧିନିୟମ-**୨୦୧୩**

| କ୍ର.ନଂ | ସେକ୍ସନ୍ | ବିସ୍ତୃତ ବିବରଣୀ |
|---|---|---|
| ୧ | ଧାରା-୪(୧) | ➢ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ବିଜ୍ଞାପନ<br>➢ ସମୁଦାୟ ସମୟ ୬ମାସ |
| ୨ | ସେକ୍ସନ୍ ୫ | ➢ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଜନଶୁଣାଣୀ |
| ୩ | ସେକ୍ସନ୍ ୬ (୧) | ➢ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପୂର୍ଣ୍ଣାଙ୍ଗ ବିବରଣୀ ପ୍ରକାଶ |
| ୪ | ସେକ୍ସନ୍ ୭ (୧) | ➢ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନଟି ବିଶେଷଜ୍ଞଙ୍କ ଦ୍ୱାରା ସମୀକ୍ଷା<br>➢ ୨ଜଣ ସମାଜ ବିଜ୍ଞାନୀ, ୨ଜଣ ଜନପ୍ରତିନିଧି, ୨ଜଣ ପ୍ରକଳ୍ପ ପ୍ରଭାବିତ ପ୍ରଜା ଏବଂ ୧ଜଣ ବୈଷୟିକ ବିଶେଷଜ୍ଞ<br>➢ ସୁପାରିଶ ଗୁଡ଼ିକର ପ୍ରକାଶ<br>➢ ସମୁଦାୟ ସମୟ ୨ ମାସ |
| ୫ | ସେକ୍ସନ୍ ୮ | ➢ ସରକାରଙ୍କ ଦ୍ୱାରା ପ୍ରାଧିକୃତ ଉଚ୍ଚକର୍ତ୍ତୃପକ୍ଷଙ୍କ ଜମି ଅଧିଗ୍ରହଣୀୟ ସଂକ୍ରାନ୍ତୀୟ ବିବରଣୀ ତର୍ଜମା |
| ୬ | ସେକ୍ସନ୍ ୧୧ (୧) | ➢ ପ୍ରାରମ୍ଭିକ ବିଜ୍ଞାପନ ପ୍ରକାଶ |

| | | |
|---|---|---|
| ୭ | ସେକ୍ସନ୍ ୧୧ (୫) | ➢ ୨ ମାସ ମଧ୍ୟରେ ଜମିଜମା ସଂକ୍ରାନ୍ତୀୟ କାଗଜ ପତ୍ରର ସ୍ଥିତିବାନ କରିବା |
| ୮ | ସେକ୍ସନ୍ ୧୪ | ➢ ଯଦି ୧୨ ମାସ ମଧ୍ୟରେ ବିଜ୍ଞାପନ ପ୍ରକାଶ ନପାଏ ଓ ୧୮ମାସ ମଧ୍ୟରେ ସାମାଜିକ ପ୍ରଭାବ ଆକଳନ କରାନଯାଏ ତେବେ ବିଜ୍ଞାପନଟି ରଦ୍ଦ ହୁଏ । |
| ୯ | ସେକ୍ସନ୍ ୧୫ (୧) | ➢ ପ୍ରାରମ୍ଭିକ ବିଜ୍ଞାପନର ୬୦ ଦିନ ମଧ୍ୟରେ |
| ୧୦ | ସେକ୍ସନ୍ ୧୬ (୧) | ➢ ପ୍ରାରମ୍ଭିକ ବିଜ୍ଞାପନ ପ୍ରକାଶ ପାଇବା ପରେ ଜମିଜମା ଅଧିକାରୀ ପ୍ରକଳ୍ପ ପ୍ରଭାବିତ ଅଂଚଳରେ ଜନଗଣନା କରନ୍ତି ।<br>➢ ରାଜସ୍ୱ ବିଭାଗର ଡେପୁଟି କଲେକ୍ଟର ପାହ୍ୟାର ଅଧିକାରୀଙ୍କୁ ପ୍ରକଳ୍ପ ପ୍ରଶାସକ ଭାବରେ ନିଯୁକ୍ତି ଦିଆଯାଏ । |
| ୧୧ | ସେକ୍ସନ୍ ୧୬ (୫) | ➢ ରେକର୍ଡ ଅଫ୍ ରାଇଟସ୍ ପାଇଁ ଜନ ଶୁଣାଣୀ |
| ୧୨ | ସେକ୍ସନ୍ ୧୬ (୬) | ➢ ରେକର୍ଡ ଅଫ୍ ରାଇଟସ୍ ଜିଲ୍ଲାପାଳଙ୍କ ନିକଟରେ ପଇଠ । |
| ୧୩ | ସେକ୍ସନ୍ ୧୭ (୧) | ➢ ରେକର୍ଡ ଅଫ୍ ରାଇଟସ୍ କମିଟି ସହ ଜିଲ୍ଲାପାଳଙ୍କ ସମୀକ୍ଷା |
| ୧୪ | ସେକ୍ସନ୍ ୧୮ | ➢ ଓଡିଶା ରାଜ୍ୟ ସରକାରଙ୍କ କମିଶନର କିମ୍ବା ସଚିବ ପାହ୍ୟାର ଜଣେ ଅଫିସରଙ୍କ ଦ୍ୱାରା । |
| ୧୫ | ସେକ୍ସନ୍ ୧୯(୧) | ➢ କୋର୍ଟର ରହିତାଦେଶ ବ୍ୟତିରେକ ବିଜ୍ଞାପନ ପ୍ରକାଶ ପାଇବାର ୧୨ ମାସ ମଧ୍ୟରେ । |
| ୧୬ | ସେକ୍ସନ୍ ୧୯(୭) | ➢ ଯଦି ୧୨ ମାସ ମଧ୍ୟରେ ବିଜ୍ଞାପନ ହେବ ନାହିଁ ଏହା ବାତିଲ ହେବ । |
| ୧୭ | ସେକ୍ସନ୍ ୨୧(୧) | ➢ ଅଧିଗ୍ରହୀତ ହେବାକୁ ଥିବା ବ୍ୟକ୍ତିଙ୍କୁ ନୋଟିସ୍ ପ୍ରେରଣ । |
| ୧୮ | ସେକ୍ସନ୍ ୨୩ | ➢ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତପୂରଣ ପ୍ରଦାନ । |
| ୧୯ | ସେକ୍ସନ୍ ୨୫ | ➢ ବିଜ୍ଞାପନ ପ୍ରକାଶ ପାଇବାର ୧୨ ମାସ ମଧ୍ୟରେ କ୍ଷତିପୂରଣ ଦିଆଯିବ । ଓଡିଶା ସରକାର ଚାହିଁଲେ ଏହାର ଅବଧି ବଢ଼ାଇପାରିବେ । |
| ୨୦ | ସେକ୍ସନ୍ ୨୬ | ➢ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିପୂରଣ ପ୍ରଦାନ |
| ୨୧ | ସେକ୍ସନ୍ ୨୭ | ➢ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତିଗ୍ରସ୍ତ ପ୍ରଜାଙ୍କୁ କ୍ଷତିପୂରଣ ଦେବାର ପ୍ରକ୍ରିୟା । |
| ୨୨ | ସେକ୍ସନ୍ ୨୯ | ➢ ଜିଲ୍ଲାପାଳଙ୍କ ଦ୍ୱାରା ଭୂ-ସମ୍ପତି ଦ୍ୱାରା ସଂଶ୍ଳିଷ୍ଟ ଅନ୍ୟାନ୍ୟ ସମ୍ପତିର ମୂଲ୍ୟ ନିର୍ଦ୍ଧାରଣ |
| ୨୩ | ସେକ୍ସନ୍ ୩୧ (୧) | ➢ ଜିଲ୍ଲାପାଳଙ୍କ ଦ୍ୱାରା କ୍ଷତି ପୂରଣ ପ୍ରଦାନ |

| | | |
|---|---|---|
| | | ➢ ଜିଲ୍ଲାପାଳଙ୍କ ଦ୍ୱାରା ଜମିଜମା ଅଧିକାର ସଂକ୍ରାନ୍ତି ଦସ୍ତାବିଜଥିବା ହିତାଧିକାରୀଙ୍କୁ କ୍ଷତି ପୂରଣ ପ୍ରଦାନ<br>➢ ଜିଲ୍ଲାପାଳଙ୍କ ଦ୍ୱାରା ୩ ମାସ ମଧ୍ୟରେ ଟେଣ୍ଡର ଡକାଯିବ |
| **୨୪** | ସେକ୍ସନ୍ ୩୮ (୧) | ➢ ଜିଲ୍ଲାପାଳଙ୍କ ଦ୍ୱାରା ଅଧିଗ୍ରହୀତ ହେବାକୁ ଥିବା ଜମିର ଅଧିଗ୍ରହଣ । |
| **୨୫** | ସେକ୍ସନ୍ ୩୮ (୨) | ➢ ବିସ୍ଥାପିତ ପୂର୍ବରୁ ଜନ ସାଧାରଣଙ୍କ ଜମିଜମା ଅଧିକାର ସଂକ୍ରାନ୍ତି ଦସ୍ତାବିଜଥିବା ରେକର୍ଡ ଠିକ୍ ହେବା ଉଚିତ । |
| **୨୬** | ସେକ୍ସନ୍ ୪୩ (୩) | ➢ ଓଡିଶା ସରକାରଙ୍କ ନିର୍ଦ୍ଦେଶ ମୁତାବକ ଜମିଜମା ଅଧିକାର ସଂକ୍ରାନ୍ତି ଦସ୍ତାବିଜଥିବା ରେକର୍ଡକୁ ପ୍ରଶାସକଙ୍କୁ ପ୍ରଦାନ କରିବା । |
| **୨୭** | ସେକ୍ସନ୍ ୪୪ (୧) | ➢ ଜମିଜମା ଅଧିକାର ସଂକ୍ରାନ୍ତି କମିଶନରଙ୍କ ନିଯୁକ୍ତି । |
| **୨୮** | ସେକ୍ସନ୍ ୪୪ (୨) | ➢ କମିଶନରଙ୍କ ଦ୍ୱାରା ପ୍ରକଳ୍ପ କାର୍ଯ୍ୟର ସୂଚାରୁ ତଦାରଖ ଓ ପରିଚାଳନା । |
| **୨୯** | ସେକ୍ସନ୍ ୪୪ (୩) | ➢ ଗ୍ରାମାଂଚଳରେ ଗ୍ରାମସଭା କରି କାର୍ଯ୍ୟକୁ ସଠିକ ରୂପ ରେଖ ଦେବା । |
| **୩୦** | ସେକ୍ସନ୍ ୪୫ (୧) | ➢ ଅଧକ୍ଷ (ଜିଲ୍ଲାପାଳ)<br>➢ ପ୍ରଭାବିତ ଅଂଚଳର ଜଣେ ମହିଳା ପ୍ରତିନିଧି<br>➢ ପ୍ରଭାବିତ ଅଂଚଳର ଜଣେ ଅନୁସୂଚିତ ଜାତି ବା ଜନଜାତିର ପ୍ରତିନିଧି<br>➢ ପ୍ରଭାବିତ ଅଂଚଳରେ କାର୍ଯ୍ୟ କରୁଥିବା ବେସରକାରୀ ସଂସ୍ଥାର ପ୍ରତିନିଧି<br>➢ ପ୍ରଭାବିତ ଅଂଚଳର ଜାତୀୟ କରଣ ବ୍ୟାଙ୍କର ପ୍ରତିନିଧି<br>➢ ପ୍ରଭାବିତ ଅଂଚଳ ପ୍ରକଳ୍ପର ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ<br>➢ ପ୍ରଭାବିତ ଅଂଚଳର ସ୍ୱାୟ□ଶାସନ ସଂସ୍ଥାର ମୁଖ୍ୟ/ ପ୍ରତିନିଧି<br>➢ ପ୍ରଭାବିତ ଅଂଚଳର ଜିଲ୍ଲା ଯୋଜନା କମିଟିର ଅଧକ୍ଷ/ ପ୍ରତିନିଧି<br>➢ ପ୍ରଭାବିତ ଅଂଚଳର ବିଧାୟକ, ସାଂସଦ କିମ୍ବା ପ୍ରତିନିଧି<br>➢ ପ୍ରଭାବିତ ଅଂଚଳର ଆନୁସଙ୍ଗିକ ସଂସ୍ଥାର ପ୍ରତିନିଧି<br>➢ ପ୍ରଭାବିତ ଅଂଚଳର ଜମିଜମା ଅଧିକାର ସଂକ୍ରାନ୍ତି ଦସ୍ତାବିଜଥିବା ପ୍ରଶାସକ- ଆବାହକ |

## (ଖ) ୧. ରାଜ୍ୟ ସରକାରଙ୍କର ନିୟମାବଳୀ:-

ତା. ୧୪/୫/୨୦୦୬ ରିଖରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ Resolution No-18040-R&REH-1/2006 ଦ୍ୱାରା ଓଡିଶା ପୁନଃବନ୍ଦୋବସ୍ତ ଓ ପୁନଃଥଇଥାନ ନୀତି ଅନୁସୃତ ହୋଇ ଆସୁଅଛି । ଏହାର ମୁଖ୍ୟ ବୈଶିଷ୍ଟ ହେଲା:-

(କ) ଆବଶ୍ୟକସ୍ଥଳେ ପ୍ରକଳ୍ପ ପ୍ରଭାବିତଅଂଚଳରେ ବ୍ୟାପକ ବିସ୍ଥାପନ ଏଡାଇ ଦିଆଯିବ ।

(ଖ) ବିସ୍ଥାପିତମାନଙ୍କ ଦାବିକୁ ସହୃଦୟତାରେ ଶୁଣାଯିବ ଓ ସମାଧାନ କରାଯିବ ।

(ଗ) ସ୍ୱଚ୍ଛ ଓ ସହଭାଗୀ ପ୍ରକ୍ରିୟା ମାଧ୍ୟମରେ ପାରିପାର୍ଶ୍ୱିକ ସ୍ଥିତି ସ୍ଥାପକତା ରକ୍ଷା କରାଯିବ ।

(ଘ) ପ୍ରକଳ୍ପ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାପାଇଁ ସ୍ଥାନୀୟ ଦ୍ୱନ୍ଦ୍ୱ ସମାଧାନକାରୀ ସଂସ୍ଥା କାର୍ଯ୍ୟକ୍ରମ ନିୟନ୍ତ୍ରଣକାରୀ ସଂସ୍ଥା, ଅଭିଯୋଗ ଶୁଣାଣୀକାରୀ ସଂସ୍ଥାମାନଙ୍କୁ ବିନିଯୋଗ କରି ଆପୋଷ ସମାଧାନ ଭିତିରେ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ ।

୨୦୦୧ ମସିହାରେ ଓଡିଶା ରାଜ୍ୟସରକାର ଏହି ପ୍ରଗତିଶୀଳ ଅଧିନିୟମ ଆଣି ପୂର୍ବରୁ ପ୍ରଚଳିତ ସମସ୍ତ ପୁନଃବନ୍ଦୋବସ୍ତ ଓ ପୁନଃଥଇଥାନ ନିୟମାବଳୀରେ ସଂଶୋଧନ କରିଛନ୍ତି । କେନ୍ଦ୍ରସରକାରଙ୍କ ୨୦୧୩ ମସିହାର ଅଧିନିୟମ ଆସିବା ପୂର୍ବରୁ ଓଡିଶା ରାଜ୍ୟ ସରକାର ପ୍ରକଳ୍ପ ଅ□ଳରେ ପ୍ରଜାଙ୍କୁ ଆଖିଦୃଶିଆ କ୍ଷତିପୂରଣ ପ୍ରଦାନ ପୂର୍ବକ ପୁନଃଥଇଥାନ ପ୍ରକ୍ରିୟା ଆରମ୍ଭ କରିସାରିଲେଣି ।

## (୨) ଭୂମିଅର୍ଜନ, ପୁନର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୬ ନିୟମାବଳୀ ଓଡିଶା:-

ତା.୭/୨/୨୦୧୫ରିଖରେ ଓଡିଶା ଗେଜେଟରେ ଭୂମିଅର୍ଜନ, ପୁନର୍ବାସ ଓ ଥଇଥାନ ନିୟମାବଳୀ ଓଡିଶା ପ୍ରକାଶ ପାଇଲା । ଏହା ସଂସଦର ୨୦୧୩ ମସିହାରେ ପ୍ରଣୀତ ଅଧିନିୟମର ସେକ୍ସନ୍ ୧୦୯ର ସବ୍‌ସେକ୍ସନ୍ (୧) ଆଧାରରେ କରାଗଲା । ଏହାଦ୍ୱାରା ପ୍ରକଳ୍ପ କାର୍ଯ୍ୟକାରୀ ଅ□ଳରେ ପ୍ରଭାବିତ ପ୍ରଜାଙ୍କୁ ଯଥାର୍ଥ କ୍ଷତିପୂରଣ ଦେବାକୁ ଉଦ୍ୟମ କରାଗଲା ।

ନିୟମାବଳୀ ଅନୁସାରେ ସାମାଜିକ ପ୍ରଭାବଆକଳନ ଅଧ୍ୟୟନ କରିବା ପାଇଁ ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଭୁବନେଶ୍ୱର କୁ ଦାୟିତ୍ୱ ହସ୍ତାନ୍ତର ହୋଇଛି । "ଷ୍ଟାର", ନବକୃଷ୍ଣ ଚୌଧୁରୀ ଉନ୍ନୟନ ଗବେଷଣା କେନ୍ଦ୍ର ଠାରୁ ପ୍ରାଧିକୃତ ସଂସ୍ଥା ଭାବରେ ସ୍ୱୀକୃତ ହୋଇ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରୁଅଛି । ବିଭିନ୍ନ ପର୍ଯ୍ୟାୟରେ ପୂର୍ଣ୍ଣାଙ୍ଗ ବିବରଣୀ ଆସିବା ପରେ ସାମାଜିକ ପ୍ରଭାବ ପରିଯୋଜନା ପରିଚାଳନା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇ ପ୍ରଭାବିତ ପ୍ରଜାଙ୍କର ସ୍ଥିତିସ୍ଥାପକତା ରକ୍ଷାକରାଯିବ । ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ନିମ୍ନ ସାରଣୀରେ ବିସ୍ତୃତ ଭାବରେ ଆଇନଗତ ଦିଗକୁ ସୂଚାଇ ଦିଆଯାଇଛି-

## ସାରଣୀ-୨.୨ ପ୍ରସ୍ତାବିତ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ଆଇନଗତ ଢ଼ା□

| କ୍ର.ନଂ | ନିୟମାବଳୀ | ବର୍ଣ୍ଣନା |
|---|---|---|
| ୧ | ନିୟମ-୬ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଗଠନ |
| ୨ | ନିୟମ-୮ | ରାଜ୍ୟ ସରକାରଙ୍କ ଦ୍ୱାରା ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ  ସଂଶୋଧନ |
| ୩ | ନିୟମ-୯ | ସମ୍ପୃକ୍ତ ପଂଚାୟତରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ |
| ୪ | ନିୟମ-୧୦ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ଚୟନ |
| ୫ | ନିୟମ-୧୧ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ଦଳ ପାଇଁ ପ୍ରକ୍ରିୟା |
| ୬ | ନିୟମ-୧୨ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ସହ ସାମାଜିକ ପ୍ରଭାବ ପରିଯୋଜନା ପରିଚାଳନା ସୁପାରିଶ |
| ୭ | ନିୟମ-୧୭ | ସାମାଜିକ ପ୍ରଭାବ ପରିଯୋଜନା ପରିଚାଳନା ସୁପାରିଶ କରାଯାଏ ପ୍ରଭାବିତ ଅଂଚଳର ବିକାଶ ପାଇଁ |
| ୮ | ନିୟମ-୧୪ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ତଥ୍ୟକୁ ନେଇ ଗ୍ରାମରେ ଗ୍ରାମସଭା  ଆୟୋଜନ |
| ୯ | ନିୟମ-୧୫ | ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ବିବରଣୀ ପ୍ରକାଶ |

### (ଗ) ସହଭାଗୀ ଅନ୍ୟାନ୍ୟ ନୀତିନିୟମାବଳୀ:-

### (୧) ଅନୁସୂଚୀ ଜନଜାତି ଏବଂ ଅନ୍ୟାନ୍ୟ ବନବାସୀ (ଜଙ୍ଗଲ ଅଧିକାର ଅଧିନିୟମ -୨୦୦୬)

ତା.୧୮/୧୨/୨୦୦୬ ରିଖରେ ସଂସଦରେ ଜଙ୍ଗଲ ଅଧିକାର ଅଧିନିୟମ  ଗୃହୀତ ହୋଇଥିଲା । ଏହା ଦ୍ୱାରା ୧୯୮୦ ଅକ୍ଟୋବର ୨୫ ପୂର୍ବରୁ ଯେଉଁମାନେ ଜଙ୍ଗଲ ଜମିରେ ସ୍ଥାୟୀ ଭାବରେ ବସବାସ କରିଆସୁଥିବେ ସେମାନଙ୍କୁ କେହି ବି ଭିଟାମାଟିରୁ ଉଚ୍ଛେଦ କରିପାରିବେ ବର୍ତମାନର ଟିଟିଲାଗଡ-ବିଜୟନଗରମ୍ ରେଳ ପ୍ରକଳ୍ପ ପାଇଁ କୌଣସି ଜଙ୍ଗଲ ଜମି ଧାରଣ କାରୀ ପ୍ରଜା ନାହାନ୍ତି ।

### (୨) ଓଡିଶା ପୁନଃବନ୍ଦୋବସ୍ତ ଓ ପୁନର୍ବାସ ନିୟମାବଳୀ-୨୦୦୬

R&R ପଲିସି-୨୦୦୬ର ୧୩ ପାରାଗ୍ରାଫ ଅନୁଯାୟୀ ପ୍ରକଳ୍ପ ପ୍ରଭାବିତ ପ୍ରଜାଙ୍କୁ ଯଥାର୍ଥ ପରିମାଣର କ୍ଷତିପୂରଣ ରାଶି ପ୍ରଦାନ କରାଯିବ । ପ୍ରଭାବିତ ଚାଷଜମି, କୋଠାବାଡି, ବ୍ୟବସାୟ ପ୍ରତିଷ୍ଠାନ, ଅସ୍ଥାୟୀ ବାସଗୃହର ଉଚ୍ଛେଦର ଥଇଥାନ ପାଇଁ ଯାତାୟତ ଖର୍ଚ୍ଚ ମଧ୍ୟ ଦିଆଯିବ । ଏହି ପ୍ରକଳ୍ପ ପ୍ରଭାବିତ ପ୍ରଜାଙ୍କୁ ଅଧିକ ସୁବିଧା ସୁଯୋଗ ଦେବା ପାଇଁ ଅଭିପ୍ରେତ ।

### (୩) ସର୍ଭେ ପରିଚାଳନା ପାଇଁ ମାର୍ଗଦର୍ଶନ-୨୦୦୮

ଓଡିଶା ରାଜ୍ୟ ସରକାର ସାମାଜିକ-ଅର୍ଥନୈତିକ ସର୍ଭେ, ସାମାଜିକ-ସାଂସ୍କୃତିକ ସର୍ଭେ ଏବଂ ଭିତିଭୂମି ବିକାଶ ସର୍ଭେ ଆଦି କରିବା ପାଇଁ ମାର୍ଗଦର୍ଶିକା ଜାରି କରିଛନ୍ତି । ସେହି ମାର୍ଗଦର୍ଶିକା ଆଧାରରେ ବର୍ତମାନର ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଉଅଛି ।

ଏହା ବ୍ୟତୀତ ପ୍ରକଳ୍ପ ପ୍ରଭାବିତ ଅଂଚଳର ପ୍ରଜାମାନଙ୍କୁ ଯଥାର୍ଥ କ୍ଷତିପୂରଣ ଦେଇ ସହାବସ୍ଥାନରକ୍ଷା ଉଦ୍ଦେଶ୍ୟରେ ଅନ୍ୟାନ୍ୟ ନିୟମାବଳୀକୁ ଅନୁପାଳନ କରାଯାଏ । ଏହି ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ ପାଇଁ ଉଦ୍ଦିଷ୍ଟ ବିଧି ବିଧାନକୁ ନିମ୍ନ ସାରଣୀରେ ପ୍ରଦର୍ଶିତ କରାଯାଇଛି:-

**ସାରଣୀ-୨.୩ ପ୍ରାସଙ୍ଗିକ ନୀତିନିୟମାବଳୀ :-**

| ପ୍ରଭାବ | ନିତିନିୟମ | ଉଦ୍ଦେଶ୍ୟ | କାର୍ଯ୍ୟକାରୀ ସଂସ୍ଥା |
|---|---|---|---|
| ୧.ଆଦିମଅଧିବାସୀ ଯେଉଁମାନେ ପାହାଡ ଜଙ୍ଗଲରେ ଦୀର୍ଘଦିନ ଧରି ବସବାସ କରି ଆସୁଛନ୍ତି । ସେମାନଙ୍କ ଜନଜୀବନ ଉପରେ ପଡୁଥିବା ପ୍ରଭାବ । | ୧,ଜଙ୍ଗଲ ଅଧିକାର ଅଧିନିୟମ-୨୦୦୬ | ୧.ଜଙ୍ଗଲ ଅଧିକାର ଅଧିନିୟମ ଦ୍ୱରା ପ୍ରଜା ଜଣକ ଉପଯୁକ୍ତ ଭାବରେ ଯୋଗ୍ୟ ବୋଲି ସ୍ୱୀକୃତି ଦେବା | ୧, ସୋନପୁର ଜିଲ୍ଲାପାଳ ଓ ବନ୍ୟ ବିଭାଗ କର୍ତ୍ତୃପକ୍ଷ |
| ୨.ପ୍ରକଳ୍ପ ଯେଉଁ ମାନଙ୍କର ବାସଗୃହ, ଚାଷଜମି, ଜୀବନ ଜୀବିକା ଉପରେ ପ୍ରଭାବ ପଡୁଅଛି । | ୨.ଭୂମିଅର୍ଜନ, ପୁନର୍ବାସ ଓ ଥଇ ଥାନରେ ଉଚିତ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୩ | ୨.ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ସହ ପରାମର୍ଶ କରି ପ୍ରଭାବିତ ପ୍ରଜାଙ୍କୁ ଯଥାର୍ଥ କ୍ଷତି ପୂରଣ ରାଶି ପ୍ରଦାନ କରିବା | ୨.ଜିଲ୍ଲାପାଳ ବା ପ୍ରାଧିକୃତ ଅଧିକାରୀ |
| ୩.ରାଜ୍ୟସରକାରଙ୍କ ପ୍ରଣୀତ ମାର୍ଗଦର୍ଶିକା ଆଧାରରେ ପ୍ରଭାବିତ ପ୍ରଜା । | ୩.ଓଡିଶା ଭୂମିଅର୍ଜନ, ପୁନର୍ବାସ ଓ ଥଇ ଥାନରେ ଉଚିତ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୩ | ୩.ସ୍ଥାନୀୟ ସ୍ୱାୟତ ଶାସନ ସଂସ୍ଥା ସହ ପରାମର୍ଶ କରି ପ୍ରଭାବିତ ପ୍ରଜାଙ୍କୁ ଯଥାର୍ଥ କ୍ଷତି ପୂରଣ ରାଶି ପ୍ରଦାନ କରିବା | ୩.ଜିଲ୍ଲାପାଳ ବା ପ୍ରାଧିକୃତ ଅଧିକାରୀ |
| ୪.ରାଜ୍ୟସରକାରଙ୍କ ପ୍ରଣୀତ ମାର୍ଗଦର୍ଶିକା ଆଧାରରେ ପ୍ରଭାବିତ ପ୍ରଜା | ୪.ଓଡିଶା ପୁନଃ ବନ୍ଦୋବସ୍ତ ଓ ପୁନଃ ଥଇଥାନ ନିୟମା ବଳୀ-୨୦୦୬ | ୪.ଯେଉଁଠାରେ ଭୂମି ଅଧିଗ୍ରହଣରେ ସାମାଜିକ ଅର୍ଥନୈତିକ ସାଂସ୍କୃତିକ, ଭିତିଭୂମି ସର୍ଭେ କରାଯାଇ ସୁନିଶ୍ଚିତ କରାଯିବ | ୪. ସୋନପୁରର ଜିଲ୍ଲାପାଳ କିମ୍ବା ରାଜସ୍ୱ ଓ ବିପର୍ଯ୍ୟାୟ ପରିଚାଳନା ବିଭା- ଗର ବିଭାଗୀୟ ଅଧିକାରୀ |
| ୫.ପ୍ରଭାବିତ ଅଂଚଳରେ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନସମୟରେ ଆବିଷ୍କୃତ ସାମାଜିକ- | ୫.ସର୍ଭେ ପରି ଚାଳନା ମାର୍ଗ ଦର୍ଶିକା-୨୦୦୮ | ୫.ଯେଉଁଠାରେ ଭୂମି ଅଧିଗ୍ରହଣରେ ସାମାଜିକ ଅର୍ଥନୈତିକ ସାଂସ୍କୃତିକ, ଭିତିଭୂମି ସର୍ଭେ କରାଯାଇ ସୁନିଶ୍ଚିତ କରାଯିବ | ୫.ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନର ପ୍ରାଧିକୃତ ଅଧିକାରୀ |

| | | | |
|---|---|---|---|
| ସାଂସ୍କୃତିକ ସର୍ଭେରେ ଗ୍ରାମ୍ୟ ଭିତିଭୂମି ଆଦି ଦ୍ଵାରା ପ୍ରଭାବିତ ପ୍ରଜା । | | | |
| ୬. ରାସ୍ତା ପ୍ରଶସ୍ତିକରଣ ଯୋଗୁଁ ପାର୍ଶ୍ଵବର୍ତୀ ଜଳର ସ୍ତର ଜଳମାନ ଉପରେ ପଡୁଥିବା ପ୍ରଭାବ । | ୬.ଜଳ ଅଧିନିୟମ ୧୯୭୪ (ସୁରକ୍ଷା ଓ ପ୍ରଦୂଷଣ ନିୟନ୍ତ୍ରଣ) | ୬.ଜଳ ପ୍ରଦୂଷଣକୁ ରୋକିବା । ପାନୀୟଜଳ ଯୋଗାଣକୁ ସୁନିୟନ୍ତ୍ରିତ କରିବା | ୬.ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ |
| ୭.ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ | ୭.ଇଆରଏ ବିଜ୍ଞପ୍ତି ତା.୧୪/୯/୨୦୦୬ | ୭.ସମସ୍ତ ବିକାଶ ମୂଳକ ପ୍ରକଳ୍ପ | ୭.ରାଜ୍ୟ ସରକାରଙ୍କ ପରିବେଶ ବିଭାଗ |
| ୮.ଜନସାଧାରଣଙ୍କ ପ୍ରତିକୂଳ ମତାମତ । | ୮.ଜାତୀୟ ପରି ବେଶ ପ୍ରାଧିକରଣ ଆକ୍ଟ-୧୯୯୭ | ୮.ଆପତି ଅଭିଯୋଗର ସମାଧାନ | ୮.ରାଜ୍ୟ ସରକାରଙ୍କ ପରିବେଶ ବିଭାଗ |
| ୯. . ରାସ୍ତା ନିର୍ମାଣ ସମୟରେ ଓ କୋଠାବାଡି ନିର୍ମାଣ ସମୟରେ ଉପୁଜୁଥିବା ଶବ୍ଦ ପ୍ରଦୂଷଣର ପ୍ରଭାବ | ୯.କ୍ଷତିକାରକ ବର୍ଜ୍ୟବସ୍ତୁ ଅଧିନିୟମ୧୯୮୯୫.ଓଡିଶା ପୁନଃ ବନ୍ଦୋବସ୍ତ ଓ ପୁନଃ ଥଇଥାନ ନିୟମା ବଳୀ-୨୦୦୬ | ୯.କ୍ଷତିକାରକ ପଦାର୍ଥର ପରିଚାଳନା ରକ୍ଷଣାବେକ୍ଷଣ ଓ ମହଜୁଦ କରିବା | ୯.ଓଡିଶା ରାଜ୍ୟ ପ୍ରଦୂଷଣ ବୋର୍ଡ |

# ତୃତୀୟ ଅଧ୍ୟାୟ

## ଅଧ୍ୟୟନର ଉଦ୍ଦେଶ୍ୟ ପରିସର ଏବଂ ପ୍ରକ୍ରିୟା

ବର୍ତମାନର ସାମ୍ବିଧାନିକ ବିଧାନ ଅନୁସାରେ ଯେଉଁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ ପୁନଃର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଛତା ଅଧିକାର ଅଧିନିୟମ-୨୦୧୩ ଅନୁସାରେ ସରକାର ଯେଉଁ ବିକାଶ ମୂଳକ ପ୍ରକଳ୍ପ ପାଇଁ ଜମିଅଧିଗ୍ରହଣ କରିବେ ସେଠାରେ ସା.ପ୍ର.ଆ.ଅ. କରିବେ । ଏହି ସା.ପ୍ର.ଆ.ଅ.ଦ୍ୱାରା ସାମାଜିକ-ଅର୍ଥନୈତିକ ଏବଂ ପାରିପାଶ୍ୱିକ ପ୍ରଭାବ ସଂପର୍କରେ ସହଜରେ ଅନୁମାନ କରାଯାଇପାରିବ । ବିକାସ ମୂଳକ ପ୍ରକଳ୍ପ ଦ୍ୱାରା ଅଂଚଳର ସାମାଜିକ ଅର୍ଥନୈତିକ ଉତ୍ପାଦନର ହାର, ରୋଜଗାର, ସାଂସ୍କୃତିକ, ପରିବେଷଗ. ସ୍ୱାସ୍ଥ୍ୟଗତ ଏବଂ ସମ୍ପତିଗତ କ୍ଷେତ୍ରରେ ବିଶ୍ଳେଷଣ କରି ଜୀବନ ଶୈଳୀରେ ପ୍ରବୃତ ପରିବର୍ତନ ଘଟିବ । ଏ ପରିବର୍ତନ ସ୍ଥଳ ବିଶେଷରେ ସକାରାତ୍ମକ ବା ନକାରାତ୍ମକ ପ୍ରଭାବ ପକାଇଥାଏ । ସା.ପ୍ର.ଆ.ଅ. ଦ୍ୱାରା ପ୍ରକଳ୍ପ ଅଂଚଳର ପ୍ରାସଙ୍ଗିକ ସ୍ଥିତି ସଂପର୍କରେ ଧାରଣା ସ୍ପଷ୍ଟ କରିହୁଏ ।

ଏହି ଅଧ୍ୟାୟରେ ପ୍ରକଳ୍ପର ଉଦ୍ଦେଶ୍ୟ, ପରିସର ଏବଂ ପ୍ରକ୍ରିୟା ସଂପର୍କରେ ବର୍ଣ୍ଣନା କରାଯାଇଅଛି । ଏଠାରେ ମଧ୍ୟ ସା.ପ୍ର.ଆ.ଅ. ସହ ସଂଯୋଜିତ ବ୍ୟକ୍ତି ବିଶେଷମାନଙ୍କର ତଥ୍ୟାବଳୀ ଦିଆଯାଇଅଛି । ଏହା ପ୍ରକଳ୍ପର ପ୍ରକୃତ ରୂପ ରେଖ ସଂପର୍କରେ ଅବଗତ କରିବ ।

୩:୧- ପ୍ରକଳ୍ପର ଉଦ୍ଦେଶ୍ୟ :-

ଏହି ସା.ପ୍ର.ଆ.ଅ ର ମୁଖ୍ୟ ଉଦ୍ଦେଶ୍ୟ ଗୁଡିକ ହେଲା :-

- ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ଅଧିଗୃହୀତ ହେବାକୁ ଥିବା ଜମି ପ୍ରକୃତରେ ବୃହତର ସ୍ୱାର୍ଥହାସଲ ଦିଗରେ ବିନିଯୋଗ ହେବ ।
- ଅଧିଗୃହୀତ ହେବାକୁ ଥିବା ଜମି ଦ୍ୱାରା କେତୋଟି ପରିବାର ପ୍ରଭାବିତ ହେଉଛନ୍ତି, କେତେଜଣ ଲୋକଙ୍କର ଜୀବନ ଜିବିକା ପ୍ରଭାବିତ ହେଉଛି, କେତୋଟି ଘର / ପରିବାର ବାସଚ୍ୟୁତ ହେଉଛନ୍ତି ।
- ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା କେତେ ପରିମାଣର ସରକାରୀ, ବେସରକାରୀ ଜମି, ସର୍ବସାଧାରଣ ସଂପତି ପ୍ରଭୃତି ପ୍ରଭାବିତ ହେଉଅଛି ।
- ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରତ୍ୟେକ୍ଷ ବା ପରୋକ୍ଷ ଭାବରେ ପ୍ରଭାବିତ ହେଉଥିବା ବ୍ୟକ୍ତି ବିଶେଷମାନଙ୍କର ପ୍ରତିକ୍ରିୟା ଜଣାପଡେ ।
- ପ୍ରସ୍ତାବିତ ପ୍ରକଳ୍ପ ଅଂଚଳରେ କ୍ଷତିଭରଣା ପାଇଁ କରାଯିବାକୁ ଥିବା ପରିଯୋଜନାର ରୂପରେଖ ଏହାଦ୍ୱାରା ଅନୁମାନ କରାଯାଏ ।

### ୩.୨-ଅଧ୍ୟୟନର ପରିସର :-

ପ୍ରସ୍ତାବିତ ପ୍ରକଳ୍ପ ଅଂଚଳରେ କ୍ଷତିଭରଣା ପାଇଁ ହେବାକୁ ଥିବା ପରିଯୋଜନା ଗୁଡିକ ବିଷୟରେ ଏଠାରେ ଅବଗତ କରାଯାଇଅଛି । ଏହା ପ୍ରସ୍ତୁତ କରିବା ପାଇଁ ଗୁଣାତ୍ମକ ତଥା ପରିମାଣାତ୍ମକ ତଥ୍ୟ ବିଭିନ୍ନ ମହଲରୁ ସଂଗ୍ରହ କରାଯାଇଅଛି । ସ୍ଥାନୀୟ ଜନସାଧାରଣ ତଥା ପ୍ରମୁଖ ବ୍ୟକ୍ତି ବିଶେଷଙ୍କଠାରୁ ମତାମତ ସଂଗ୍ରହ କରି ଏଥିରେ ଲିପିବଦ୍ଧ କରାଯାଇଅଛି ।

ଏଥିରେ ପ୍ରତ୍ୟେକ୍ଷ କ୍ଷତିଗ୍ରସ୍ତ ଜନସାଧାରଣ / ପରିବାରର ତଥ୍ୟ ଦିଆଯାଇଅଛି । ପ୍ରକଳ୍ପ ଦ୍ଵାରା ସୃଷ୍ଟି ହେଉଥିବା ସାମଜିକ, ଅର୍ଥନୈତିକ, ସାଂସ୍କୃତିକ ବିଚାରଧାରାର ତଥ୍ୟ ଏଥିରେ ଦିଆଯାଇ ପରିପୃଷ୍ଟ କରାଯାଇଅଛି । ଦିଆଯାଇଥିବା ତଥ୍ୟ ଆଧାରରେ ପ୍ରକଳ୍ପକ୍ରିୟାନ୍ୱୟନ ଅଧିକାରୀ କ୍ଷତିଭରଣା କରିବା ପାଇଁ ଉପଯୁକ୍ତ ପଦକ୍ଷେପ ନେବେ । ନିମ୍ନଲିଖିତ ମାର୍ଗଦର୍ଶିକା ଅନୁଯାଇ ସା.ପ୍ର.ଆ.ଅ. କରାଯାଇଅଛି ।

- ଅତିକମରେ ଜଣେ ମହିଳା ସଦସ୍ୟଙ୍କୁ ନେଇ ଯେଉଁ ତଥ୍ୟ ଆକଳନକାରୀ ଦଳ ଗଠନ କରାଯାଇଅଛି ସେମାନେ ପ୍ରକଳ୍ପ ଅଂଚଳରେ ରହି ଦଳଗତ ଆଲୋଚନା, ବ୍ୟକ୍ତିଗତ ସାକ୍ଷାତ୍‌କାର, ପି.ଆର.ଏ., ସ୍ଥିରିକୃତ ପ୍ରଶ୍ନାବଳୀ ମାଧ୍ୟମରେ ପ୍ରଶ୍ନ ପଚାରି ତଥ୍ୟ ସଂଗ୍ରହ କରିବେ ।
- ପ୍ରସ୍ତାବିତ ଅଂଚଳର ସ୍ଥାନୀୟ ସ୍ୱାୟତ ଶାସନ ପଦାଧିକାରୀଙ୍କଠାରୁ ତଥ୍ୟ ହାସଲ କରିବେ ।
- ଟିକିନିଖି ବିଶ୍ଳେଷଣ ପୁର୍ବକ ପ୍ରାସଙ୍ଗିକ ନଥି, ଜମିଜମା କାଗଜପତ୍ର, ସଂଗୃହୀତ ତଥ୍ୟାବଳୀ, ସମସାମୟିକ ପ୍ରକଳ୍ପ ବିବରଣୀ ଗୁଡିକ ଅନୁଧ୍ୟାନ କରିବେ ।

ଏଥିରୁ ମିଳିଥିବା ସାଂରାଶ ହେଲା :-

- ପ୍ରକଳ୍ପ ଯୋଗୁଁ ଅଧିଗୃହୀତ ହେବାକୁ ଥିବା ଜମି ଅଂଚଳର ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ସ୍ଥିତି ଏବଂ ଏହାର ପ୍ରଭାବ ।
- ପ୍ରକଳ୍ପ ପାଇଁ ପ୍ରକୃତ ଜମି ଏବଂ ଏହାର ଉପାଦେୟତା
- ବିକଳ୍ପ ଜମିର ଅନୁସନ୍ଧାନ
- ଅଧିସୂଚିତ ଅଂଚଳର ଜମି କିମ୍ଵା ଏହାର ଉପକାରିତା ।
- ଅଧିଗୃହୀତ ହେବାକୁ ଥିବା ଜମିର ସ୍ଥିତି (କ୍ରୟ, ବିକ୍ରୟ, ଲିଜ୍ ଇତ୍ୟାଦି)
- ସରକାରୀ ଉପଯୋଗ ପାଇଁ ସଂରକ୍ଷିତ ଜମି
- ଜମିର କିସମ, ଯଦି ଚାଷ ଉପଯୋଗୀ ତେବେ ତାହାର ଜଳସେଚନର ସୁବିଧା ସୁଯୋଗ ଏବଂ ଫସଲ ଖସଡା ଆଦି ବିଷୟର ତଥ୍ୟ ।
- ଅଧିଗୃହୀତ ହେବାକୁ ଥିବା ଜମିର ଖାଦ୍ୟ ସୁରକ୍ଷା ଉପରେ ପକାଉଥିବା ପ୍ରଭାବ ।

- ଜମି ଉପରେ ଥିବା ସରକାରୀ, ଘରୋଇ, ଭିତିଭୂମି, ମାଲିକାନାର ପ୍ରକାର, ଜମିର ବିଭାଗୀକରଣ, ବାସୋପଯୋଗୀ ଗୃହ ଆଦିର ସୂଚୀ ।
- ଗତ ୩ବର୍ଷ ମଧ୍ୟରେ ଜମିର କିଣାବିକା ବିବରଣୀ , ଜମିର ଦର, ମାଲିକାନା ଅଦଳବଦଳ ପ୍ରକ୍ରିଆ ଇତ୍ୟାଦି ।
- ଜମିର ପ୍ରକୃତ ଆକଳନ ପ୍ରତ୍ୟେକ୍ଷ କ୍ଷତିଗ୍ରସ୍ତ, ପ୍ରଜାଙ୍କ ଆକଳନ (ଏହା ଜନଗଣନା ଆଧାରରେ କରାଯିବ )
- ପ୍ରଭାବିତ ଅଂଚଳର ସାମାଜିକ, ସାଂସ୍କୃତିକ ଅର୍ଥନୈତିକ ବିଚାର ଧାରା
- ସଂଗୃହୀତ ହୋଇଥିବା ତଥ୍ୟ ଆଧାରରେ ପ୍ରଭାବିତ ହିତାଧିକାରୀଙ୍କ ପରାମର୍ଶ, ଆକଳନକାରୀଙ୍କ ସୁପାରିଶ, ପ୍ରକଳ୍ପ ଦ୍ଵାରା ସକାରାତ୍ମକ ଓ ନକାରାତ୍ମକ ସାମାଜିକ ପ୍ରଭାବ ଆକଳନ
- ନକାରାତ୍ମକ ପ୍ରଭାବକୁ ପ୍ରଶମିତ କରିବା ପାଇଁ ନିଆଯାଉଥିବା ପଦକ୍ଷେପ
- ସା.ପ୍ର.ଆ.ଅ ଦ୍ଵାରା ନିଶ୍ଚିତ ଭାବରେ ଏକ ସମ୍ଭାବିତ ପରିଯୋଜନା ସୂଚୀ ପ୍ରଦାନ କରାଯିବ ଯାହାଦ୍ଵାରା ବାସଚ୍ୟୁତ ହେବାକୁ ଥିବା ପରିବାର ଏବଂ ପ୍ରଭାବିତ ହେବାକୁ ଥିବା ପରିବାରର ଯଥାଯୋଗ୍ୟ ଥଇଥାନ ହୋଇପାରିବ ।
- ସା.ପ୍ର.ଆ.ଅ ର ଏକ ଓଡିଆ ପୁସ୍ତକ ସ୍ଥାନୀୟ ସ୍ଵାୟତଶାସନ ସଂସ୍ଥା, ଭୂ-ଅର୍ଜନ ଅଧିକାରୀ, ଜିଲ୍ଲାପାଳ, ତହସିଲଦାର ଏବଂ ପ୍ରକଳ୍ପ କ୍ରିୟାନ୍ୱୟନ ଅଧିକାରୀଙ୍କୁ ଜନଶୁଣାଣିର ୨ସପ୍ତାହ ପୂର୍ବରୁ ଦିଆଯିବ ।
- ସା.ପ୍ର.ଆ.ଅ ର ବିବରଣୀଙ୍କୁ ନେଇ ପ୍ରକଳ୍ପ ଅଂଚଳରେ ଜନଶୁଣାଣି କରାଯିବ । ଜନଶୁଣାଣିରୁ ନେଇଥିବା ତଥ୍ୟକୁ ନେଇ ପୁର୍ଣ୍ଣାଙ୍ଗ ବିବରଣୀ ପ୍ରକାଶ କରାଯିବ ।
- ଜନଶୁଣାଣିର ଘଟଣାବଳୀକୁ ଭିଡିଓ ରେକର୍ଡିଂ କରି ନିଶ୍ଚିତିଭାବରେ ବିଭାଗୀୟ ଅଧିକାରୀଙ୍କ ନିକଟରେ ପୈଠକରାଯିବ ।

**୩:୩ ଅନୁଶ୍ରୃତ ପ୍ରକ୍ରିୟା :-**

ତଥ୍ୟାଆକଳନକାରୀ ଦଳ ଜନଗଣନା ପ୍ରକ୍ରିୟା ଅନୁସରଣ କରି ପ୍ରକଳ୍ପ ପ୍ରଭାବିତ ଅଂଚଳରେ ତଥ୍ୟ ସଂଗ୍ରହ କରିଥିଲେ । ସା.ପ୍ର.ଆ.ଅ ପାଇଁ ଉଦ୍ଦିଷ୍ଟ ରାଜ୍ୟ ନୋଡାଲ ସଂସ୍ଥା ନ.ଉ.ଗ.କେ ଭୁବନେଶ୍ଵରଙ୍କଠାରୁ ହାସଲ କରାଯାଇଥିବା ଜମି ତଥ୍ୟକୁ ନେଇ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ୨୦୧୬ ନିର୍ଦ୍ଦେଶାବଳୀ ଅନୁସାରେ ୫% ପରୋକ୍ଷ ପ୍ରଭାବତ ଜନସାଧାରଣଙ୍କଠାରୁ ମଧ୍ୟ ପ୍ରକଳ୍ପ ସଂପର୍କରେ ତଥ୍ୟ ହାସଲ କରାଯାଇଥିଲା । ପି.ଆର.ଏ. , ଦଳଗତ ଆଲୋଚନା, ସାମାଜିକ ଓ ସମ୍ବଳ ମାନଚିତ୍ର ମାଧ୍ୟମରେ ଲୋକମାନଙ୍କଠାରୁ ତଥ୍ୟ ହାସଲ କରାଯାଇଥିଲା । ଏଗୁଡିକ ମଧ୍ୟ ଲିପିବଦ୍ଧ କରାଯାଇଅଛି ।

ନିମ୍ନଲିଖିତ ସାରଣୀରେ ପ୍ରକଳ୍ପ ଅଂଚଳର ସବିଶେଷ ତଥ୍ୟ ଦିଆଯାଇଅଛି ।

ସାରଣୀ ୩: ୧ :ସୋନପୁର ମହାନଦୀ ପୋଲଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ରାସ୍ତା ପ୍ରସସ୍ତିକରଣର ସା.ପ୍ର.ଆ.ଅ

| ତହସିଲ | ପୌରପରିଷଦ | ଆକଳନରେ ସାମିଲ ଅଂଚଳ |
|---|---|---|
| ସୋନପୁର | ସୋନପୁର ପୌରପରିଷଦ | ସୋନପୁର ସହରର ୟୁନିଟ୍-୧ |
| ସୋନପୁର | ସୋନପୁର ପୌରପରିଷଦ | ସୋନପୁର ସହରର ୟୁନିଟ୍-୨ |
| ସୋନପୁର | ସୋନପୁର ପୌରପରିଷଦ | ସୋନପୁର ସହରର ୟୁନିଟ୍-୩ |

ତଥ୍ୟ ଅନୁସାରେ ସୋନପୁର ୟୁନିଟ୍-୧ ଅଂଚଳରେ ୧୩ଟି ପରିବାର, ୟୁନିଟ୍-୨ର ୨୫ଟି ପରିବାର ଏବଂ ୟୁନିଟ୍-୩ର ୧୬ଟି ପରିବାର ପ୍ରତ୍ୟେକ୍ଷ ଭାବରେ ପ୍ରଭାବିତ ହେଉଛନ୍ତି । ଏହି ୫୪ଟି ପରିବାରରୁ ମୋଟ- ୨.୯୯୯ଏକର ଜମି ଅଧିଗୃହୀତ ହେବାକୁ ଅଛି । ମୋଟ ପ୍ରକଳ୍ପ ପାଇଁ ୨୪.୮୮୯୧ ଏକର ଜମିର ଆବଶ୍ୟକତା ଅଛି । ପୂର୍ବରୁ ସ୍ଥିରିକୃତ ପ୍ରଶ୍ନାବଳୀ ଆଧାରରେ ପ୍ରଭାବିତ ପରିବାରର ଜନସାଧାରଣଙ୍କଠାରୁ ତଥ୍ୟ ହାସଲ କରାଯାଇଥିଲା । ପ୍ରଭାବିତ ଅଂଚଳରୁ ୧ଟି ବି ପରିବାର ଉକ୍ତସର୍ବେକ୍ଷଣ ସମୟରେ ତଥ୍ୟ ସଂଗ୍ରାହକାରୀ ଦଳଙ୍କ ଠାରୁ ବାଦ୍ ପଡିନାହାଁନ୍ତି । ପରିବାରର ମୁଖ୍ୟ କିମ୍ବା ଜାଣିବା ଶୁଣିବା ଲୋକଙ୍କଠାରୁ ତଥ୍ୟ ହାସଲ କରାଯାଇଥିଲା । ଏହା ବ୍ୟତୀତ ୧୦ଟି ପରୋକ୍ଷ ପ୍ରଭାବିତ ପରିବାରଠାରୁ ମଧ୍ୟ ତଥ୍ୟ ହାସଲ କରାଯାଇଥିଲା ।

ଦଳଗତ ଆଲୋଚନା ମାଧ୍ୟମରେ ବିଷୟଭିତିକ ଆଲୋଚନା କରାଯାଇଥିଲା । ଯଥେଷ୍ଟ ସତର୍କତାର ସହ ତଥ୍ୟ ହାସଲ କରାଯାଇଥିଲା ଯେପରିକି କୌଣସି ବାହ୍ୟ ପ୍ରଭାବ ଦ୍ୱାରା ସଂପୃକ୍ତ ପରିବାର / ଜନସାଧାରଣ ପ୍ରଭାବିତ ହୋଇ ମତବ୍ୟକ୍ତ ନ କରନ୍ତି । ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେବାକୁ ଥିବା ଅଂଚଳରେ ସର୍ବସାଧାରଣ ସଂପତିର ହାନି, ସମ୍ପର୍କରେ ତଥ୍ୟ ମଧ୍ୟ ହାସଲ କରାଯାଇଥିଲା । ସାମାଜିକ ଅର୍ଥନୈତିକ ତଥ୍ୟକୁ ମଧ୍ୟ ବାଦ ଦିଆଯାଇନଥିଲା ।
ପୂର୍ବରୁ ସ୍ଥିରିକୃତ କରାଯାଇଥିବା ପ୍ରଶ୍ନାବଳୀ ମାଧ୍ୟମରେ ପରିବାରର ସାମଗ୍ରିକ ସ୍ଥିତି ବିଷୟରେ ଜାଣିବାକୁ ଚେଷ୍ଟା କରାଯାଇଥିଲା । ପରିବାରର ଆର୍ଥିକ ସ୍ଥିତି, ସ୍ୱାସ୍ଥ୍ୟଗତ, ଶିକ୍ଷାଗତ, ଜମିମାଲିକାନା ସ୍ଥିତି ଇତ୍ୟାଦି । ବିଷୟ ଭିତିକ ଦଳଗତ ଆଲୋଚନାରୁ ମଧ୍ୟ ଅନେକ ପ୍ରାସଙ୍ଗିକ ତଥ୍ୟ ହାସଲ କରାଯାଇଥିଲା । ଏହା ଦ୍ୱାରା ପ୍ରକଳ୍ପ ଯୋଗୁଁ ହେଉଥିବା ପ୍ରଭାବ ସଂପର୍କରେ ଧାରଣା ସ୍ପଷ୍ଟ ହୋଇଥିଲା ।

ସା.ପ୍ର.ଆ.ଅ ବିବରଣୀ ପ୍ରସ୍ତୁତ କରିବା ପୂର୍ବରୁ ପ୍ରାସଙ୍ଗିକ ଅନୁଷ୍ଠାନମାନଙ୍କରୁ ତଥ୍ୟ ସଂଗ୍ରହ କରିବା, ଟାବୁଲେସନ କରିବା, ତଥ୍ୟ ବିଶ୍ଳେଷଣ କରି ନିର୍ଯ୍ୟାସ ଗୁଡିକ ଚିହ୍ନଟ କରିବା, ତୁଳନାତ୍ମକ ତଥ୍ୟକୁ ଚିହ୍ନଟ କରି ବିବରଣୀରେ ସ୍ଥାନିତ କରାଯାଇଛି ।

**ଦ୍ୱିତୀୟକ ସଂସ୍ଥା ତଥ୍ୟର ବିଶ୍ଳେଷଣ :-**

ପ୍ରକଳ୍ପ ସଂପର୍କରେ ପ୍ରକୃତ ତଥ୍ୟକୁ ଅବଗତ ହେବା ପାଇଁ ବିଭିନ୍ନ ପ୍ରାସଙ୍ଗିକ ବିବରଣୀର ଅନୁଧ୍ୟାନ କରାଯାଇଥିଲା । ସାମ୍ବିଧାନିକ ବିଧାନ ଅନୁସାରେ ୨୦୧୩ ମସିହାର କେନ୍ଦ୍ରୀୟ ଆଇନ ଏବଂ ୨୦୧୬ ମସିହାର ରାଜ୍ୟ ନିର୍ଦ୍ଦେଶାବଳୀ ଆଧାରରେ ସା.ପ୍ର.ଆ.ଅ କରାଯାଉଅଛି । ଏହା ବ୍ୟତୀତ ପ୍ରାସଙ୍ଗିକ ଆଇନକୁ ପାଥେୟ କରି

ସା.ପ୍ର.ପ.ପ ସୁପାରିଶ ଏବଂ ଜନଶୁଣାଣିର ବ୍ୟବସ୍ଥା ମଧ୍ୟ କରାଯାଇଅଛି । ଉପଲବ୍ଧ ତଥ୍ୟ ଗୁଡିକୁ ଆଧାର କରି ଏକ ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରାଯାଇଅଛି ।

**ପ୍ରକଳ୍ପ ଅଂଚଳର ଅଧ୍ୟୟନ :-**

ଘରକୁ ଘର ବୁଲି ତଥ୍ୟ ସଂଗ୍ରହ କରିବା ପୂର୍ବରୁ ଆମ ଆକଳନକାରୀ ଦଳ ପ୍ରକଳ୍ପ ଅଂଚଳ ବୁଲି ସାମଗ୍ରିକ ସ୍ଥିତି ପରଖିଥିଲେ । ଏହି ସମୟରେ ଦଳର ସଦସ୍ୟମାନେ ନଥି ପତ୍ରରେ ଦର୍ଶାଯାଇଥିବା ବ୍ୟକ୍ତି ବିଶେଷମାନଙ୍କର ତଥ୍ୟ କେବଳ ଦେଖି ନ ଥିଲେ, ତା'ସହ ଜମିର ବର୍ତ୍ତମାନର ଉପଭୋଗକାରୀ, ନିର୍ଭରକରୁଥିବା ଲୋକସଂଖ୍ୟା, ସେମାନଙ୍କ ପାଖରେ ଥିବା ଆଇନଗତ ଦସ୍ତାବିଜ ଇତ୍ୟାଦି ମଧ୍ୟ ପରଖି ଥିଲେ । ସ୍ଥାନୀୟ ପଦାଧିକାରୀ ଯଥା-ଜିଲ୍ଲାପାଳ, ଅତିରିକ୍ତ ଜିଲ୍ଲାପାଳ, ଭୂ-ଅର୍ଜନ ଅଧିକାରୀ, ପ୍ରକଳ୍ପ ଅଧିକାରୀ, ଉପଜିଲ୍ଲାପାଳ, ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରୀ, ସ୍ୱାୟତ ଶାସନର ନିର୍ବାଚିତ ପ୍ରତିନିଧି, ବୁଦ୍ଧିଜିବୀ ଏବଂ ଅଂଚଳର ମୁଖିଆମାନଙ୍କ ସହ ଆଲୋଚନା କରାଯାଇଥିଲା । ପ୍ରସ୍ତାବିତ ରାସ୍ତା ସଂପର୍କରେ ମିଳିଥିବା ସୂଚନା ସେମାନଙ୍କୁ ଅବଗତ କରାଯାଇଥିଲା ଏବଂ ଦରକାରୀୟ ତଥ୍ୟ ଯୋଗାଇଦେବାକୁ ଅନୁରୋଧ କରାଯାଇଥିଲା । ଅଧିକ ସୂଚନା ସର୍ବେକ୍ଷଣ ସମୟରେ ଯୋଗାଇ ଦିଆଯିବ ବୋଲି ଅବଗତ କରାଯାଇଥିଲା ।

**ତଥ୍ୟ ସଂଗ୍ରହର ତରିକା :-**

ତଥ୍ୟ ସଂଗ୍ରହ କରିବା ପାଇଁ ସଦସ୍ୟମାନେ ପୂର୍ବରୁ ତାଲିମପ୍ରାପ୍ତ ହେଲେ । କ୍ଷେତ୍ରକୁ ଯିବା ସମୟରେ ଚେକଲିଷ୍ଟ, ପୂର୍ବପ୍ରସ୍ତୁତ ପ୍ରଶ୍ନାବଳୀ, ଅନ୍ତରଙ୍ଗ ଆଳାପ ପ୍ରଶ୍ନାବଳୀ, ଦଳଗତ ଆଲୋଚନାର ପ୍ରଶ୍ନାବଳୀ ଇତ୍ୟାଦି ଧରିବାକୁ କୁହାଯାଇଥିଲା । ନିମ୍ନ ପ୍ରକାରେ ସେଗୁଡିକ ଥିଲା :- (୧) ପ୍ରତ୍ୟେକ୍ଷ ପ୍ରଭାବିତ ପରିବାର ପାଇଁ ପ୍ରଶ୍ନାବଳୀ (୨) ପରୋକ୍ଷ ପ୍ରଭାବିତ ପରିବାର ପାଇଁ ପ୍ରଶ୍ନାବଳୀ (୩) ପ୍ରକଳ୍ପ ଅଂଚଳର ଭିତିଭୂମି ସଂକ୍ରାନ୍ତୀୟ ସୂଚନାବଳୀ (୪) ବିଷୟଭିତିକ ଦଳଗତ ଆଲୋଚନାର ପ୍ରଶ୍ନାବଳୀ (୫) ସାମାଜିକ ସମ୍ବଳ ଏବଂ ଋତୁକାଳୀନ ମାନଚିତ୍ର ପାଇଁ ଉପକରଣ ।

**ସାକ୍ଷାତକାର ପ୍ରଶ୍ନାବଳୀ :-**

ସର୍ବେକ୍ଷଣ ସମୟରେ ସଂଗ୍ରାହକ ପ୍ରକୃତ ତଥ୍ୟ ହାସଲ କରିବା ପାଇଁ ପୂର୍ବ ପ୍ରସ୍ତୁତି ପ୍ରଶ୍ନାବଳୀ ଦିଆଯାଇଥିଲା । ପରିବାରଠାରୁ ପ୍ରାସଙ୍ଗିକ ତଥ୍ୟ ସଂଗ୍ରହ ଏବଂ ଅଂଚଳର ଭିତିଭୂମି ବିଷୟରୁ ଏଥିରୁ ତଥ୍ୟ ଏକାଠି କରିହେବ । ପରିବାରର ଲୋକସଂଖ୍ୟା, ଆର୍ଥିକ ସ୍ଥିତି, ସଂପତିଗତ ସ୍ଥିତି, ରୋଜଗାର ସ୍ଥିତି, ସ୍ୱାସ୍ଥ୍ୟସ୍ଥିତି, ସାମାଜିକ ସାଂସ୍କୃତିକ ସ୍ଥିତି ଆଦି ପରଖିବା ପାଇଁ ପ୍ରଶ୍ନାବଳୀ ତିଆରି କରାଯାଇଥିଲା ।

**ବିଷୟ ଭିତିକ ଦଳଗତ ଆଲୋଚନା :-**

ପରିବାରୁ ପ୍ରଶ୍ନାବଳୀରୁ ବାଦ ପଡିଥିବା ତଥ୍ୟ ବିଷୟ ଭିତିକ ଦଳଗତ ଆଲୋଚନାରୁ ଜଣାପଡିଥାଏ । ପ୍ରକଳ୍ପ ବିଷୟରେ ସଚେତନତା, ଜମିର କିସମ, ଜମିମାଲିକ ମାନଙ୍କର ସ୍ଥିତି ଯଥା-ଅର୍ଥନୈତିକ କାର୍ଯ୍ୟକଳାପ, ଶିକ୍ଷା, ସ୍ୱାସ୍ଥ୍ୟ, ମହିଳା ଶିଶୁମାନଙ୍କର ସ୍ଥିତି, ଧାର୍ମିକ ଅନୁଷ୍ଠାନର ଅବସ୍ଥିତି, ଜମିହାନିର ବିବରଣୀ, ପ୍ରକଳ୍ପରୁ ମିଳିଥିବା ହାନି ଏବଂ

ଫାଇଦା ଇତ୍ୟାଦି । କୌଣସି ବାହ୍ୟ ପ୍ରଭାବରେ ପ୍ରଭାବିତ ନ ହୋଇ ପ୍ରକଳ୍ପ ଅଂଚଳର ଜନସାଧାରଣ ସେମାନଙ୍କର ମତ ସାବ୍ୟସ୍ତ କରିବା ପାଇଁ ସତର୍କତା ମୂଳକ ପଦକ୍ଷେପ ମଧ୍ୟ ଗ୍ରହଣ କରାଯାଇଥିଲା ।

**ସାମାଜିକ ସମ୍ବଳ ଋତୁକାଳୀନ ମାନଚିତ୍ର :-**

ଅଧ୍ୟୟନର ପ୍ରାଧ୍ୟନ୍ୟକୁ ହୃଦୟଙ୍ଗମ କରି ସଦସ୍ୟମାନେ ପି.ଆର.ଏ. ମାଧ୍ୟମରେ ସାମାଜିକ ସମ୍ବଳ ଋତୁକାଳୀନ ମାନଚିତ୍ର ସଂଗ୍ରହ କରିଥିଲେ । ପ୍ରକୃତ ସ୍ଥିତି ଏହା ଦ୍ୱାରା ପ୍ରତ୍ୟୟମାନ ହୁଏ । ଅଂଚଳର ରହିଯାଇଥିବା ବିକାଶ ମୂଳକ ଯୋଜନାର ଅଭାବ ଠଉରାଇ ହୁଏ ଏବଂ ପ୍ରଶାସନ ସହଜରେ ଏହାକୁ ହାସଲ କରିବା ପାଇଁ ଖୋରାକ୍ / ପ୍ରେରଣା ପାଏ ।

**୩:୪ – ତଥ୍ୟ ସଂଗ୍ରହ ବିଶ୍ଲେଷଣ ଏବଂ ବିବରଣୀ ପ୍ରସ୍ତୁତ :-**

**ପ୍ରାକ୍ ପରୀକ୍ଷା :-** ସର୍ବେକ୍ଷଣ ପୂର୍ବରୁ ସଦସ୍ୟମାନଙ୍କୁ ଅବଗତ କରାଯାଇଥିଲା । ପ୍ରଶ୍ନାବଳୀ ଗୁଡିକ ତନ୍ନତନ୍ନ କରି ଅନୁଧାନ କରାଯାଇଥିଲା । ଏହି ସମୟରେ ପ୍ରଶ୍ନ ଗୁଡିକର ପ୍ରାସଙ୍ଗିକତା, ବ୍ୟାକରଣଗତ ନିର୍ଭୁଲତା, ସଂଚୟାତ୍ମକ ପ୍ରଶ୍ନାବଳୀ ଇତ୍ୟାଦିକୁ ପରଖା ଯାଇଥିଲା ।

**ତାଲିମ ପ୍ରଦାନ –** ତଥ୍ୟ ସଂଗ୍ରାହକମାନଙ୍କୁ ପ୍ରକୃତ କାର୍ଯ୍ୟ ଆରମ୍ଭର ୨ଦିନ ପୂର୍ବରୁ ବିଶେଷଜ୍ଞମାନଙ୍କ ମାଧ୍ୟମରେ ସର୍ବେକ୍ଷଣର ଉପାଦେୟତା, ପ୍ରଶ୍ନାବଳୀର ପ୍ରାସଙ୍ଗିକତା ଏବଂ ସାମାଜିକ ଆର୍ଥିକ ସାଂସ୍କୃତିକ ସର୍ବେକ୍ଷଣର ତରିକା ବିଷୟରେ ଅବଗତ କରାଯାଇଥିଲା ।

**ତଥ୍ୟ ସଂଗ୍ରହ –** ପ୍ରକୃତ କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଏକ ଆଭାସୀ କାର୍ଯ୍ୟକ୍ରମ କରାଯାଇଥିଲା ଏହାଦ୍ୱାରା ତଥ୍ୟସଂଗ୍ରାହକମାନେ ନିଜକୁ ସଂଶୋଧନ କରି ନେଇଥିଲେ । ସେମାନଙ୍କର ଆତ୍ମ ବିଶ୍ୱାସ ବଢାଇପାରିଥିଲେ । କ୍ଷେତ୍ରରେ ନିଜର ଭାବମୂର୍ତି ତିଆରି କରିବା, ବିଶ୍ୱାସନିୟତା ସୃଷ୍ଟି କରିବା ସହଜରେ ପ୍ରାସଙ୍ଗିକ ତଥ୍ୟ ହାସଲ କରିବା ଏବଂ ବିବରଣୀ ପାଇଁ ତଥ୍ୟ ଯୋଗଇବା କ୍ଷେତ୍ରରେ ଉପଯୋଗୀ ହୋଇପାରିବାର କୌଶଳର ଶିକ୍ଷା ଦିଆଗଲା । ଜଣେ ଦକ୍ଷ ସଂଗ୍ରାହକ ହେବାର କୌଶଳ ତାଲିମରୁ ସେମାନଙ୍କୁ ଦିଆଯାଇଥିଲା ।

ଏହି କାର୍ଯ୍ୟକ୍ରମ ପାଇଁ ଜଣେ ମହିଳାଙ୍କ ସମେତ ୩ଜଣିଆ ଦଳ ଗଠନ କରାଯାଇଥିଲା । ଜଣେ ସେମାନଙ୍କ ମଧ୍ୟରୁ ସୁପରଭାଇଜର ଥିଲେ । ପ୍ରକଳ୍ପ ପ୍ରଭାବିତ ଅଂଚଳରୁ ପ୍ରତ୍ୟେକ ୟୁନିଟ୍‌ରୁ ୫% ପରୋକ୍ଷ ପ୍ରଭାବିତଙ୍କଠାରୁ ମଧ୍ୟ ତଥ୍ୟ ସଂଗ୍ରହ କରାଯାଇଥିଲା ।

**ବିଷୟ ଭିତିକ ଦଳଗତ ଆଲୋଚନା :-**

ପ୍ରକଳ୍ପ ଅଂଚଳର ପ୍ରତ୍ୟେକ ୟୁନିଟରେ ବିଷୟ ଭିତିକ ଦଳଗତ ଆଲୋଚନା କରାଯାଇଥିଲା । ଅତିକମରେ ୧୫ଜଣ ସଦସ୍ୟଙ୍କୁ ନେଇ ଏହା ଆୟୋଜିତ ହେଉଥିଲା ଅଂଶ ଗ୍ରହଣକାରୀଙ୍କୁ ସେମାନଙ୍କ ମତ ଉପସ୍ଥାପନ କରିବା ପାଇଁ ସୁଯୋଗ ଦିଆଯାଉଥିଲା । ୨ଜଣ ସଦସ୍ୟ ଏହାକୁ ପରିଚାଳନା କରୁଥିଲେ । ଜଣେ ବୈଠକରେ ଆଲୋଚନା କରୁଥିବା ସମୟରେ ଅନ୍ୟ ଜଣେ ତଥ୍ୟକୁ ଲିପିବଦ୍ଧ କରୁଥିଲେ । ବୈଠକ ଶେଷରେ ସମସ୍ତ ଅଂଶ ଗ୍ରହଣକାରୀ ବିବରଣୀରେ ସେମାନଙ୍କର ସନ୍ତକ ଦେଉଥିଲେ ।

**ପି.ଆର.ଏ. :-**

ପ୍ରକଳ୍ପ ଅଂଚଳର ଭୌଗଳିକ ସ୍ଥିତି ଜାଣିବା ପାଇଁ ସାମାଜିକ ସମ୍ବଳ ଓ ଋତୁକାଳୀନ ମାନଚିତ୍ରର ଆବଶ୍ୟକତା ଅଛି । ସାମାଜିକ ମାନଚିତ୍ରରେ ଆମେ ଅଂଚଳର ବିଭିନ୍ନ ଭୌତିକ ଅନୁଷ୍ଠାନର ଅବସ୍ଥିତି ସଂପର୍କରେ ଅବଗତ ହୋଇପାରୁ । ସମ୍ବଳ ମାନଚିତ୍ରରୁ ଆମେ ଅଂଚଳର ଗୋଷ୍ଠୀ ସଂପଦ ସମ୍ପର୍କରେ ଜ୍ଞାନ ଆହୋରଣ କରିପାରୁ । ଏହାଦ୍ୱାରା ଅଂଚଳର ସାମଗ୍ରିକ ସ୍ଥିତି ବୁଝାପଡେ ।

**ଦ୍ୱିତୀୟକ ସଂସ୍ଥାରୁ ତଥ୍ୟ ସଂଗ୍ରହ :-**

ବିଭିନ୍ନ ପ୍ରାସଙ୍ଗିକ ଅନୁଷ୍ଠାନମାନଙ୍କରୁ ତଥ୍ୟ ସଂଗ୍ରହ କରାଯାଇଥିଲା । ସେହି ଅନୁଷ୍ଠାନ ଗୁଡିକ ହେଲା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ, ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ, କୃଷି ବିଭାଗର କାର୍ଯ୍ୟାଳୟ, ବନବିଭାଗର କାର୍ଯ୍ୟାଳୟ, ଜଳସେଚନ ବିଭାଗର କାର୍ଯ୍ୟାଳୟ, ସ୍ୱାୟତ ଶାସନ ସଂସ୍ଥାର କାର୍ଯ୍ୟାଳୟ । ଏହାଦ୍ୱାରା ସା.ପ୍ର.ଆ.ଅ ର ବିବରଣୀ ପ୍ରସ୍ତୁତ କରିବା ଏବଂ ସାମାଜିକ, ଅର୍ଥନୈତିକ, ସାଂସ୍କୃତିକ ସ୍ଥିତି ବିଷୟରେ ଜାଣି ପ୍ରକଳ୍ପ ଅଧିକାରୀଙ୍କ ଦ୍ୱାରା ସା.ପ୍ର.ପ.ପ. ପାଇଁ ପ୍ରକଳ୍ପ ଗୁଡିକୁ ଚାଲୁକରିବା ସହଜ ହେବ ।

ପ୍ରାଥମିକ ତଥ୍ୟ ଯାହା କ୍ଷେତ୍ରରୁ ସଂଗ୍ରହ କରାଯାଇଅଛି ଏବଂ ବୃତିଗତ ତଥ୍ୟ ଯାହା କାର୍ଯ୍ୟାଳୟମାନଙ୍କରୁ ସଂଗ୍ରହ କରାଯାଇଅଛି ସେଗୁଡିକୁ ତୁଳନତ୍ମକ ଭାବରେ ବିଶ୍ଳେଷଣ କରି ସାଂରାଶ ଗୁଡିକ ବିବରଣୀରେ ସ୍ଥାନିତ କରାଯାଇଅଛି ।

**ବିଶ୍ଳେଷଣ ଏବଂ ସମୀକ୍ଷା :-**

ସମସ୍ତ ତଥ୍ୟ ସଂଗ୍ରହ ହୋଇସାରିବା ପାରେ ସଂଗୃହୀତ ତଥ୍ୟର ପରିସଂଖ୍ୟାନଗତ ପରିଣାମ ପାଇବା ପାଇଁ ସଂଗେ ସଂଗେ ବିଶ୍ଳେଷଣ ଆରମ୍ଭ କରାଗଲା । ନିର୍ଭୁଲ ତଥ୍ୟ ପାଇବା ପାଇଁ ଏସ.ପି.ଏସ.ଏସ. ପ୍ରଣାଳୀ ଅବଲମ୍ବନ କରାଯାଇଥିଲା । ଏତଦ୍ ବ୍ୟତୀତ ପ୍ରଷ୍ଟାତଗମନ ଏବଂ ପରସ୍ପର ସମ୍ବନ୍ଧିତ ପ୍ରଣାଳୀ ମଧ୍ୟ ଅନୁସରଣ କରାଯାଇ ନିର୍ଭୁଲ ତଥ୍ୟ ବାହାରକରାଯାଇଥିଲା । ତଥ୍ୟ ବିଶ୍ଳେଷଣ ସମୟରେ ତର୍ଜମା ଓ ସମୀକ୍ଷା କରିବା ପାଇଁ ଗ୍ରାଫିକାଲ ପ୍ରଦର୍ଶନ କରାଯାଇଥିଲା । ବିଭିନ୍ନ ସାରଣୀ ଏବଂ ଛବିଗତ ପ୍ରଦର୍ଶନକୁ ମଧ୍ୟ ଅନୁଧ୍ୟାନ କରାଯାଇଥିଲା । ବିବରଣୀ ପ୍ରସ୍ତୁତ ହେଲାବେଳେ ପ୍ରାସଙ୍ଗିକ ଛବି ଓ ସାରଣୀକୁ ଦର୍ଶାଇ ଦିଆଯାଇଛି । ଏହା ବ୍ୟତୀତ ପରିମାଣାତ୍ମକ ଓ ଗୁଣାତ୍ମକ ତଥ୍ୟ ବିଶ୍ଳେଷଣ କରାଯାଇ ବିବରଣୀଟି ପ୍ରସ୍ତୁତ ହୋଇଅଛି ।

**ବିବରଣୀ ପ୍ରସ୍ତୁତି :-**

ବହୁଳ ଭାବରେ ସଂଗୃହୀତ ତଥ୍ୟକୁ ପରିମାଣାତ୍ମକ ଓ ଗୁଣାତ୍ମକମାନର ପରିସଂଖ୍ୟାନ ଗତ ତଥ୍ୟରେ ପରିଣତ କରି ସାରିବା ପରେ ବିବରଣୀ ପ୍ରସ୍ତୁତ କରାଗଲା । ସମଗ୍ର ସା.ପ୍ର.ଆ.ଅ ସମୟରେ ପ୍ରାଥମିକ ଓ ବୃତିଗତ ତଥ୍ୟର ତୁଳନାତ୍ମକ ତଥ୍ୟକୁ ପୂର୍ଣ୍ଣାଙ୍ଗ ବିବରଣୀରେ ସ୍ଥାନିତ କରାଯାଇଅଛି । ଏଥିରେ ନୋଡାଲ ଏଜେନ୍ସି ନଉ.ଗ.କେ. ଭୁବନେଶ୍ୱରଙ୍କ ସହାୟକ ଟୀପ୍ପଣିକୁ ମଧ୍ୟ ସ୍ଥାନିତ କରାଯାଇଅଛି ।

ବିବରଣୀ ପ୍ରସ୍ତୁତ କରିବାକୁ ୪ଟି ପର୍ଯ୍ୟାୟ ଅତିକ୍ରମ କରିବାକୁ ପଡିଥିଲା । ପ୍ରାଥମିକ ପର୍ଯ୍ୟାୟରେ କ୍ଷେତ୍ରସ୍ତରରୁ ତଥ୍ୟ ସଂଗ୍ରହ କରାଯାଇଥିଲା । ୨ୟ ପର୍ଯ୍ୟାୟରେ ଏହାର ପରୀକ୍ଷା ଓ ତଥ୍ୟ ଲିପିବଦ୍ଧ କୋଡିଂ ଏବଂ ନଉ.ଗ.କେ.ଙ୍କ ସହ ପରାମର୍ଶ କରାଯାଇଥିଲା । ୩ୟ ପର୍ଯ୍ୟାୟରେ ଗ୍ରାଫ୍ ଏବଂ ଛବିର ସାହାର୍ଯ୍ୟରେ ନିର୍ଭୁଲ

ଗୁଣାତ୍ମକମାନର ବିବରଣୀ ପ୍ରସ୍ତୁତ କରିବା ପାଇଁ ପ୍ରୟାସ କରାଯାଇଥିଲା । ୪ର୍ଥ ପର୍ଯ୍ୟାୟରେ ଡ୍ରାଫ୍ଟ ବିବରଣୀ ପ୍ରସ୍ତୁତ ହୋଇଗଲା ପରେ ନୋଡାଲ ଏଜେନ୍ସିଙ୍କ ପାଖରେ ପୈଠ କରାଯାଇଥିଲା । ଶେଷରେ ଜନଶୁଣାଣି କରାଯାଇ ପ୍ରଶାସନ ଏବଂ ପ୍ରକଳ୍ପ ଅଧିକାରୀଙ୍କୁ ବିବରଣୀଟି ପ୍ରଦାନ କରାଯାଇଥିଲା । ଜନଶୁଣାଣି ସମୟରେ ଯେଉଁ ଫିଡ୍‌ବ୍ୟାକ ମିଳିବ ସେଗୁଡିକ ପୂର୍ଣ୍ଣାଙ୍ଗ ବିବରଣୀରେ ସ୍ଥାନିତ କରି ସା.ପ୍ର.ଆ.ଅ ପ୍ରକ୍ରିୟା ଶେଷ କରାଯିବ ।

**ସା.ପ୍ର.ପ.ପ. ପ୍ରସ୍ତୁତି :-**

୨୦୧୩ ମସିହାର ପ୍ରଣୀତ କେନ୍ଦ୍ରୀୟ ଆଇନ ସେକ୍ସନ-୪ (୬) ଅନୁସାରେ ସା.ପ୍ର.ପ.ପ. ଚିଠା ପ୍ରସ୍ତୁତ କରାଯିବ । ସର୍ବେକ୍ଷଣ ସମୟରେ ଚିହ୍ନଟ ହୋଇଥିବା ଅସଂଗତିକୁ ଦୂର କରି କ୍ଷତିଗ୍ରସ୍ତ / ପ୍ରଭାବିତ ଅଂଚଳରେ ପୂର୍ବ ଅବସ୍ଥାଠାରୁ ଯଥେଷ୍ଟ ଉନ୍ନତମାନର ଅବସ୍ଥା ସୃଷ୍ଟି କରାଯିବ ପାଇଁ ପ୍ରସ୍ତାବମାନ ସୁପାରିଶ କରାଯିବ । ପ୍ରକଳ୍ପ ଯୋଗୁଁ ନଷ୍ଟ ହୋଇଥିବା ସଂପତିର ପୁନଃସଂସ୍ଥାପନ ନିମନ୍ତେ ଉଦ୍ୟମ କରାଯିବ । କ୍ଷତିଭରଣା ନିମନ୍ତେ ପରିଚାଳନାଗତ ଧାରା, ସମୟ ନିର୍ଘଂଟ ଏବଂ ଆନୁମାନିକ ଖର୍ଚ୍ଚର ବିବରଣୀ ସୂଚିତ କରାଯିବ । ପ୍ରଭାବିତ ଅଂଚଳରେ ସା.ପ୍ର.ପ.ପ.ର ବିବରଣୀ ବଂଟନ କରାଯାଇ ଜନସାଧାରଣଙ୍କୁ ସଚେତନ କରାଯାଇଅଛି ।

**ଜନଶୁଣାଣି :-**

ଏହି ପ୍ରକ୍ରିୟା ମାଧ୍ୟମରେ ପ୍ରସ୍ତୁତ କରାଯାଇଥିବା ବିବରଣୀକୁ ପ୍ରଭାବିତ ଅଂଚଳର ଜନସାଧାରଣ ସଂପୃକ୍ତ କ୍ରିୟାନ୍ୱୟନ ଅଧିକାରୀ ଏବଂ ପ୍ରଶାସନଙ୍କ ମିଳିତ ବୈଠକରେ ଉପସ୍ଥାପନ କରାଯାଇ ଫିଡ୍‌ବ୍ୟାକ ସଂଗ୍ରହ କରାଯାଏ । ବିଭିନ୍ନ ସ୍ତରରେ ଥିବା ଦୂରତା ତେଣୁ ହ୍ରାସପାଏ । ବିନା ବାଧାରେ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ହୁଏ । ସ୍ୱଚ୍ଛତା ତଥା ନିରପେକ୍ଷତା ବଜାୟ ରୁହେ । ଏହାକୁ ଆଖିରେ ରଖି ଡ୍ରାଫ୍ଟ ବିବରଣୀ ରାଜ୍ୟ ନୋଡାଲ ଅଫିସରେ ପୈଠ କରାଯାଏ । ଉଭୟ ଇଂରାଜୀ ଓ ଓଡିଆ ଭାଷାରେ ଏହା ପ୍ରସ୍ତୁତ ହୁଏ । ସମସ୍ତଙ୍କ ପାଇଁ ବୋଧଗମ୍ୟ ହେବା ପରି ଚେଷ୍ଟା କରାଯାଏ । ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ପୂର୍ଣ୍ଣାଙ୍ଗ ବିବରଣୀ ଛପା ହୋଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରଦର୍ଶୀତ ହୁଏ । ଜନଶୁଣାଣି ସମୟରେ ପୂର୍ବରୁ କରାଯାଇଥିବା ତ୍ରୁଟି ବିଚ୍ୟୁତିକୁ ସୁଧାରି ଦିଆଯାଏ । ପ୍ରଭାବିତ ଜନସାଧାରଣ ସେମାନଙ୍କ ମତାମତ ଗୁଡିକ ବିନା ବାଧାରେ ଉପସ୍ଥାପନ କରନ୍ତି । ପ୍ରଶାସନ ସେଗୁଡିକ ସମାଧାନ ଦିଗରେ ନିଆଯିବାକୁ ଥିବା ପଦକ୍ଷେପ ବିଷୟରେ ଅବଗତ କରନ୍ତି । ଫଳରେ ଉଚ୍ଚାରଣ ଓ ଆଚରଣଗତ ବ୍ୟବଧାନ କମ ହୋଇ ଶୀଘ୍ର ବିକାଶମୂଳକ କାର୍ଯ୍ୟକ୍ରମ ସମାପ୍ତ ହୁଏ । କ୍ଷତିପୂରଣ ରାଶି ପ୍ରଦାନ, ଥଇଥାନ ଓ ପୁନର୍ବାସ ପ୍ରକ୍ରିୟାରେ କୌଣସି ଅବହେଳା ହୁଏ ନାହିଁ । ସ୍ୱଚ୍ଛତା ଓ ଉତର ଦାୟିତ୍ୱ ଏହି ଜନଶୁଣାଣି କାର୍ଯ୍ୟକ୍ରମ ଯୋଗୁଁ ସୁ-ନିଶ୍ଚିତ ହୋଇଥାଏ ।

**୩.୫-ସର୍ବେକ୍ଷଣକାରୀ ଦଳ :** ୪ଜଣ ଅଭିଜ୍ଞ ବ୍ୟକ୍ତି ବିଶେଷଙ୍କୁ ନେଇ ଏହି ସା.ପ୍ର.ଆ.ଅ. କାରୀ ଦଳ ଗଠିତ ହୋଇଥିଲା । ପ୍ରାସଙ୍ଗିକ ତଥ୍ୟ ସଂଗ୍ରହ ପାଇଁ ଯୋଜନା ପ୍ରସ୍ତୁତ କରିବା, ଦକ୍ଷତା ଅନୁଯାୟୀ ତଥ୍ୟ ସଂଗ୍ରହ କରିବା ପ୍ରକ୍ରିୟା ଆବଂଟନ କରାଯାଇଥିଲା । ୩ଜଣ ସଦସ୍ୟ କ୍ଷେତ୍ରସ୍ଥଳରେ ରହି ତଥ୍ୟ ସଂଗ୍ରହ କରିଥିଲେ । ଅନ୍ତରଙ୍ଗ ଆଳାପ ଆଲୋଚନା, ଦଳଗତ ଆଲୋଚନା, ପି.ଆର.ଏ., ସହଭାଗୀ ଅନୁଷ୍ଠାନର ତଥ୍ୟ ସଂଗ୍ରହ ଗୁଣାତ୍ମକ ତଥ୍ୟ ବିଶ୍ଳେଷଣ ଏବଂ ତଥ୍ୟ ଲିପିବଦ୍ଧ କାମ ସମାନ୍ତରଳା ଭାବେ ଚାଲୁଥିଲା । ତଥ୍ୟ ସଂଗୃହୀତ ହୋଇସାରିବା ପରେ ଦଳ ମୁଖ୍ୟ

ପୂର୍ଣ୍ଣାଙ୍ଗ ବିବରଣୀ ପ୍ରସ୍ତୁତ କରିବାରେ ସମର୍ଥ ହୋଇଥିଲେ । ଏହି ସମୟରେ ଅନ୍ୟ କିଛି ବିଶେଷଜ୍ଞଙ୍କର ସହଯୋଗ ନିଆଯାଇଥିଲା । ନିମ୍ନ ସାରଣୀରେ ଦଳର ବିବରଣୀ ଦିଆଯାଇଅଛି ।

**ସାରଣୀ ୩.୨ ଅଧ୍ୟୟନକାରୀ ଦଳଙ୍କ ବିବରଣୀ**

| କ୍ର.ମ | ନାମ | ଶିକ୍ଷାଗତ ଯୋଗ୍ୟତା | ଅନୁଭୂତି | ପଦ | ଦାୟିତ୍ୱ |
|---|---|---|---|---|---|
| ୧ | ପଦ୍ମଚରଣ ଦାଶ | ସ୍ନାତୋକତର, ପି.ଜି.ଡିପ୍ଲୋମା ଇନ୍ ରୁରାଲ ଡେଭଲପମେଂଟ | ୩୦ ବର୍ଷ ଧରି ସଂଗଠନ ପରିଚାଳନା, ବିକାଶମୂଳକ କାର୍ଯ୍ୟ, ରିସର୍ଚ୍ଚ ଏବଂ ଆଡଭୋକେସି, ଆଦିବାସୀ ଓ ହରିଜନମାନଙ୍କ ମୌଳିକ ଅଧିକାର ପ୍ରତି ଲଢେଇ, ଗ୍ରାମାଂଚଳ ଛାତ୍ରଙ୍କୁ ଶିକ୍ଷା ପ୍ରଦାନ, ପ୍ରଶିକ୍ଷକ ଭାବରେ ଦାୟିତ୍ୱ ନିର୍ବାହ | ଦଳମୁଖ୍ୟ | ଯୋଜନା ପ୍ରସ୍ତୁତ କରିବା, ସଂଯୋଜନା କରିବା ଏବଂ ବିବରଣୀ ପ୍ରସ୍ତୁତ କରିବା |
| ୨ | ରାଜେନ୍ଦ୍ର ସାହୁ | ଏମ.ଏ.ଇନ.ରୁରାଲ ଡେଭଲପମେଂଟ | ୪ବର୍ଷ ଧରି କ୍ଷେତ୍ରସ୍ତରରୁ ତଥ୍ୟ ସଂଗ୍ରହ କରିବା | ସୁପରଭାଇଜର | ଘରକୁ ଘର ବୁଲି ତଥ୍ୟ ସଂଗ୍ରହ, ଦଳଗତ ଆଲୋଚନା ଏବଂ ପି.ଆର.ଏ. କରିବା |
| ୩ | ସତ୍ୟଜିତ ମହାନ୍ତି | ଏମ.ଏ.ଇନ.ରୁରାଲ ଡେଭଲପମେଂଟ | ୪ବର୍ଷ ଧରି କ୍ଷେତ୍ରସ୍ତରରୁ ତଥ୍ୟ ସଂଗ୍ରହ କରିବା | ତଥ୍ୟ ସଂଗ୍ରାହକ | ଘରକୁ ଘର ବୁଲି ତଥ୍ୟ ସଂଗ୍ରହ, ଦଳଗତ ଆଲୋଚନା ଏବଂ ପି.ଆର.ଏ. କରିବା |
| ୪ | ଟୁନି ପଟ୍ଟନାୟକ | ଏମ.ଏ.ଇନ.ଓଡିଆ | ୧୨ବର୍ଷ ଧରି କ୍ଷେତ୍ରସ୍ତରରୁ ତଥ୍ୟ ସଂଗ୍ରହ କରିବା, ସ୍ୱାସ୍ଥ୍ୟ, ପୋଷଣ, ଶିକ୍ଷା, ଜଳ ଓ ପରିମଳ, ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ରିସର୍ଚ୍ଚ ଏବଂ ଆଡଭୋକେସି କରିବା | ତଥ୍ୟ ସଂଗ୍ରାହକ | ଘରକୁ ଘର ବୁଲି ତଥ୍ୟ ସଂଗ୍ରହ, ଦଳଗତ ଆଲୋଚନା ଏବଂ ପି.ଆର.ଏ. କରିବା |

# ଚତୁର୍ଥ ଅଧ୍ୟାୟ

## ପ୍ରକଳ୍ପ ଅଂଚଳର ସାମାଜିକ ଅର୍ଥନୈତିକ ଏବଂ ଭୌଗଳିକ ଅବସ୍ଥିତି

ସା.ପ୍ର.ଆ.ଅ. ସମୟରେ ପ୍ରଭାବିତ ଅଂଚଳର ସାମଗ୍ରିକ ସ୍ଥିତି ବିଷୟରେ ଅବଗତ ହେବା ଜରୁରୀ ଅଟେ । ଅଂଚଳର ସାମାଜିକ ଆର୍ଥିକ ସାଂସ୍କୃତିକ ଅତିହ ବିକାଶ ମୂଳକ ଯୋଜନାର ମୂଳ ଆଧାର ଅଟେ । ଏହି ଅଧ୍ୟାୟରେ ସେ ବିଷୟରେ ଅବତାରଣା କରାଯାଇଅଛି । ଆମ ତଥ୍ୟ ଅନୁସନ୍ଧାନକାରୀ ଦଳ ଏହି ଆଧାରକୁ ଆଖି ଆଗରେ ରଖି ସେମାନଙ୍କ କାର୍ଯ୍ୟ କରିଥିଲେ ।

**୪.୧.- ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଜିଲ୍ଲାର ବର୍ଣ୍ଣନା:**




୧୯୯୩ ମସିହା ଉତ୍କଳ ଦିବସ ଅବସରରେ ଏହି ଜିଲ୍ଲାର ଆତ୍ମ ପ୍ରକାଶ ଘଟିଲା । ଏହି ଜିଲ୍ଲାର ଉତରଦିଗରେ ସମ୍ବଲପୁର, ଦକ୍ଷିଣରେ ଏବଂ ଦକ୍ଷିଣପୂର୍ବ ଦିଗରେ ବୌଦ, ପୂର୍ବରେ ସମ୍ବଲପୁର ଜିଲ୍ଲାର ରେଢାଖୋଲ ଏବଂ ପଶ୍ଚିମରେ ବଲାଙ୍ଗିର ଅବସ୍ଥିତ । ୨୩୩୭ ବର୍ଗର କି.ମି.ବ୍ୟାପି ଏହି ଜିଲ୍ଲା ପରିବ୍ୟାପ୍ତ । ୨୦° ୫୦' ଉତର ଏବଂ ୮୩° ୫୩' ଦକ୍ଷିଣ ଅକ୍ଷାଂଶ ରେଖା ମଧ୍ୟରେ ସୋନପୁର ଜିଲ୍ଲା ଆସୁଅଛି ।

୨୦୧୧ ଜନଗଣନା ଅନୁସାରେ ଏହି ଜିଲ୍ଲାର ମୋଟ ଜନସଂଖ୍ୟା ହେଉଛି ୬୧୦୧୮୩ । ସେମାନଙ୍କ ମଧ୍ୟରୁ ୩୧୧୩୧୨ ଜଣ ପୁରୁଷ ଏବଂ ୨୯୮୮୭୧ ଜଣ ମହିଳା ଅଟନ୍ତି । ୧୫୬୨୧୯ଜଣ ଅ.ଜା. ବର୍ଗର ଏବଂ ୫୭୧୯୨ଜଣ ଅ.ଜ.ଜା.ବର୍ଗର ଅଟନ୍ତି ।

ପ୍ରଶାସନିକ କଳ ଅନୁସାରେ ଏହି ଜିଲ୍ଲାରେ ୨ଟି ଉପଖଣ୍ଡ ଯଥା-ସୋନପୁର, ବୀରମହାରାଜପୁର ରହିଅଛି । ଏଠାରେ ୬ଟି ପଂଚାୟତ ସମିତି, ୬ଟି ତହସିଲ, ୧୦୯ଟି ଗ୍ରା.ପ., ୯୬୨ଟି ରାଜସ୍ୱ ଗ୍ରାମ, ୧ଟି ମ୍ୟୁନିସିପାଲଟି ଏବଂ ୨ଟି ଏନ.ଏ.ସି. ରହିଅଛି ।

ଉଚ୍ଚ ଆଦ୍ରତା ଥାଇ ତାପମାତ୍ରା ଏଠାରେ ଅନୁଭୂତ ହୁଏ । ସାଧାରଣତଃ ମାର୍ଚ୍ଚ ମାସରୁ ଏଠାରେ ଗ୍ରୀଷ୍ମର ପ୍ରଭାବ ଅନୁଭୂତ ହୁଏ । ଧୀରେ ଧୀରେ ତାପମାତ୍ରା ବଢି ମେ ମାସ ବେଳକୁ ଅଧିକ ଅନୁଭୂତ ହୋଇଥାଏ । ଗ୍ରୀଷ୍ମ ଋତୁରେ ମୋଟାମୋଟି ୪୫° ଉଚ୍ଚ ତାପମାତ୍ରା ଏଠାରେ ପରିଲକ୍ଷିତ ହୁଏ । ଜୁନ୍ ମାସର ମଧ୍ୟାହ୍ନରୁ ଅକ୍ଟୋବର ମାସ ଶେଷ ପର୍ଯ୍ୟନ୍ତ ଏଠାରେ ସୁ-ଶୀତଳ ବାୟୁ ପ୍ରବାହିତ ହୁଏ । ଡିସେମ୍ବର ମାସ ବେଳକୁ ଏଠାରେ ପ୍ରାୟ ୨୪° ସେ.ଗ୍ରେ.ର ତାପମାତ୍ରା ଅନୁଭୂତ ହୁଏ । ଏହି ଜିଲ୍ଲାରେ ବାର୍ଷିକ ବର୍ଷାର ପରିମାଣ ହେଉଛି ୧୪୪୩.୫୩ ମି.ମି. ।

ସୋନପୁର ଜିଲ୍ଲାରେ ସେପରି କିଛି ଖଣିଜ ସଂପଦର ଉପସ୍ଥିତି ଜଣାପଡି ନାହିଁ । କିଛି ପରିମାଣର ମାଙ୍ଗାନିଜ୍, ଗ୍ରାଫାଇଟ୍ ଏବଂ କ୍ୱାର୍ଟଜ ପରି ଖଣିଜ ପଦାର୍ଥ ଉପସ୍ଥିତି ଏଠାରେ ଦେଖାଯାଏ । ୧୧୯.୨୨୫ ଏକର ଜମିରେ ଏକ

କ୍ୱାର୍ଟ ଖଣି ଦେଖାଯାଏ । ଆକ୍ୱାମେରାଇନ୍ ଏବଂ ଗାର୍ନେଟ୍ ସ୍ତର ମାଙ୍ଗାନିଜ ଏବଂ ଗ୍ରାଫାଇଟ୍ ଥିବାର ଅନୁମାନ କରାଯାଇଛି ।

ସୋନପୁର ଏକ ଶୀଳ୍ପ ବିହିନ ଜିଲ୍ଲା ଅଟେ । ସୋନପୁର, ବିନିକା ଏବଂ ଉଲୁଣ୍ଡାଠାରେ ୩ଟି ଶିଳ୍ପ ପ୍ରତିଷ୍ଠା ପାଇଁ ଯୋଜନା ରହିଛି । ୫୪୧୦ଏକର ଜମି ଇଡକୋ ଦ୍ୱାରା ଅଧିଗୃହୀତ ହୋଇ କରତକଳ କାରଖାନା ପାଇଁ ସଂରକ୍ଷିତ ରହିଛି ।

ଏହି ଜିଲ୍ଲାରେ ଧାନ, ଗହମ, ମକା, ଅରହର ଏବଂ ତୈଳବିଜ ଓ ପନିପରିବା ଆଦି ପ୍ରଚୁର ପରିମାଣରେ ଉତ୍ପାଦିତ ହୁଏ । ବର୍ଷତମାମ ଏହି ଜିଲ୍ଲାରେ ଅନେକ ପର୍ବପର୍ବାଣୀ ପାଳନ କରାଯାଏ । ସାରୁଳ, ସୋହରି, ମକର ସଂକ୍ରାନ୍ତି, ନୂଆଖାଇ, ରଜ, ବୁରାନିଯାତ୍ରା, ରଥଯାତ୍ରା, ଶିବରାତ୍ରି ଆଦି ଏହି ପର୍ବମାନଙ୍କ ମଧ୍ୟରୁ ଅନ୍ୟତମ । ରାମ ନବମୀ, ଦଶହରା, ଦୋଳଯାତ୍ରା, ରାସପୂର୍ଣ୍ଣମୀ, ବଡଓଷା, ଚନ୍ଦନଯାତ୍ରା ପରି ପର୍ବ ଅନେକ ଅଂଚଳରେ ପାଳିତ ହୁଏ ।

୪.୧ ସାରଣୀରେ ଜିଲ୍ଲାର ତଥ୍ୟାବଳୀ ସନ୍ନିବେଶିତ

| ସାରଣୀ :୪.୧ ପ୍ରକଳ୍ପ ଜିଲ୍ଲାର ଏକ ଦୃଷ୍ଟି ପାତ | |
|---|---|
| ସୂଚକାଙ୍କ | |
| ଆୟତନ (ବର୍ଗ କିମି) | ୨୩୩୭ |
| ଉପଖଣ୍ଡ | ୨ |
| ତହସିଲ | ୬ |
| ପଂଚାୟତ ସମିତି | ୬ |
| ପୌରପରିଷଦ | ୧ |
| ବିଜ୍ଞାପିତ ପରିଷଦ | ୨ |
| ଗ୍ରାମପଂଚାୟତ | ୧୦୯ |
| ରାଜସ୍ୱ ଗ୍ରାମ | ୯୬୨ |
| ମୋଟ ଲୋକ ସଂଖ୍ୟା | ୬୧୦୧୮୩ |
| ମୋଟ ପୁରୁଷ ଲୋକସଂଖ୍ୟା | ୩୧୧୩୧୨ |
| ମୋଟ ମହିଳା ଲୋକ ସଂଖ୍ୟା | ୨୯୮୮୭୧ |
| ବର୍ଗ କି.ମି.ପିଛା ଲୋକସଂଖ୍ୟାର ଘନତା | ୨୬୧ |
| ଅ.ଜା.ର % | ୨୫.୬ |
| ଅ.ଜୋ.ଜା ର % | ୯.୪ |
| ଲିଙ୍ଗଗତ ଅନୁପାତ | ୯୫୯ |
| ସାକ୍ଷରତା ହାର % | ୭୪.୪୨ |
| ମହିଳା ସାକ୍ଷରତା ହାର % | ୬୪.୦୪ |
| *ଉତ୍ସ: ଜିଲ୍ଲାର ୱେବ ପୋର୍ଟାଲ* | |

## ୪.୨ - ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ତହସିଲର ବର୍ଣ୍ଣନା:

ସୋନପୁର ତହସିଲରେ ୨୬ଟି ଗ୍ରା.ପ. ୧୫୨ଟି ରାଜସ୍ୱ ଗ୍ରାମ ରହିଅଛି । ୧.୧୩ଲକ୍ଷ ଲୋକ ଏଠାରେ ବାସ କରନ୍ତି । ୨୫୪୮୨ଟି ପରିବାର ଏଠାରେ ରହୁଛନ୍ତି । ୭.୦୬% ଅ.ଜା.ବର୍ଗର ଏବଂ ୫୦.୫୪% ଅ.ଜ.ଜା ବର୍ଗର ଜନସାଧାରଣ ଏହି ତହସିଲରେ ରୁହନ୍ତି । ୪୮୭.୩ ବର୍ଗ କିମି ଅଂଚଳରେ ସୋନପୁର ତହସିଲ ରହିଛି । ଏହାର ଶିକ୍ଷିତ ହାର ହେଉଛି ୫୩.୯୨% । ୫୬୩୦୫ଜଣ ଲୋକ ଶ୍ରମଜୀବି ଅଟନ୍ତି । ଏଠାରେ ୧୦୦୦ପୁରୁଷରେ ୯୯୨ଜଣ ମହିଳା ଥିବାର ଜଣାପଡିଛି ।

| **ସାରଣୀ ୪.୨ : ସୋନପୁର ତହସିଲର ଦୃଷ୍ଟିପାତ** | |
|---|---|
| ସୋନପୁର | |
| ମୋଟ ଲୋକସଂଖ୍ୟା | ୮୦୭୭୫ |
| ମୋଟ ପରିବାର | ୧୯୩୪୮ |
| ମୋଟ ରାଜସ୍ୱ ଗ୍ରା.ମ | ୭୯ |
| ମୋଟ ଗ୍ରା.ପ. | ୧୩ |
| ଲିଙ୍ଗଗତ ଅନୁପାତ | ୭୧୧ |
| ୦-୬ ବର୍ଷର ଶିଶୁ | ୧୦୩୬୦ |
| ୦-୬ ଲିଙ୍ଗଗତ ଅନୁପାତ | ୯୭୮ |
| ଅ.ଜା.ଲୋକ ସଂଖ୍ୟାର % | ୨୪.୫୬ |
| ଅ.ଜ.ଜା. ଲୋକ ସଂଖ୍ୟାର % | ୮.୬୫ |
| ଶିକ୍ଷିତ ହାର | ୬୨.୨୪ |
| ଶ୍ରମଜିବୀ | ୩୮୪୨୬ |
| ମୁଖ୍ୟ ଶ୍ରମିକ | ୨୩୬୨୫ |
| ନାମମାତ୍ର ଶ୍ରମିକ | ୧୪୮୦୧ |
| ମୋଟ ଚାଷୀ | ୧୩୫୩ |
| ମୋଟ କୃଷି ଶ୍ରମିକ | ୧୦୩୦୪ |
| ଆୟତନ | ୩୨୩.୫ |
| *ଉତ୍ସ : ଜିଲ୍ଲାର ଜନଗଣନା ପୁସ୍ତିକା ୨୦୧୧* | |

## ୪.୩. ପ୍ରକଳ୍ପ କାର୍ଯ୍ୟକାରୀ ହେଉଥିବା ଗ୍ରାମମାନଙ୍କର ବର୍ଣ୍ଣନା

ସୋନପୁର ନିକଟ ମହାନଦୀ ପୋଲଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ଚାରିଥାକିଆ ସଡକପଥର ପ୍ରସ୍ତସ୍ଥିକରଣ ହେବ । ଏହା ୦.୦କି.ମି.ଠାରୁ ୩/୨୬୦ କି.ମି.ପର୍ଯ୍ୟନ୍ତ ପ୍ରଶସ୍ତ ହେବ । ଏହା ସୋନପୁର ପୌର ଅଂଚଳର ୩ଟି ୟୁନିଟ୍ ମଧ ଦେଇ ଗତି କରିବ । ତେଣୁ ଅଧିକାଂଶ ଲୋକଙ୍କର ଜୀବନଜିବିକା ଉପରେ ଏହା ପ୍ରଭାବ ପକାଇବାର ଅନୁମାନ କରାଯାଉଅଛି । ଏହି ପ୍ରକଳ୍ପ ପ୍ରଭାବିତ ଅଂଚଳରେ ଅଧିକାଂଶ ଅ.ଜା. ଏବଂ ଅ.ଜ.ଜା.

ବର୍ଗର ଲୋକ ବାସକରନ୍ତି । ସେମାନଙ୍କର ବିସ୍ଥାପନ ଓ ଥଇଥାନ କ୍ଷେତ୍ରରେ ପ୍ରଶାସନିକ ଅବହେଳା ଆଦୌ ହେବା ଉଚିତ୍ ନୁହେଁ । ଆକଳନରୁ ଜଣାପଡିଛି ବିଶେଷ କିଛି ବାସଗୃହ ଏହି ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହେଉନାହିଁ । ନିମ୍ନ ସାରଣୀରେ ଏହି ତଥ୍ୟ ଦିଆଯାଇଅଛି ।

**ସାରଣୀ ୪.୩ (୧): ପ୍ରକଳ୍ପ ପ୍ରଭାବିତ ଅଂଚଳର ଦୃଷ୍ଟିପାତ**

| ତହସିଲର ନାମ | ଅଂଚଳର ନାମ | ମୋଟ ଲୋକ ସଂଖ୍ୟା | ପୁରୁଷ ଲୋକ ସଂଖ୍ୟା | ଉହିଳା ଲୋକ ସଂଖ୍ୟା | ୦-୬ବର୍ଷ ବୟସର ସଂଖ୍ୟା | ସମୁଦାୟ ଅ.ଜା.ବର୍ଗର | ସମୁଦାୟ ଅ.ଜ.ଜା. ବର୍ଗ | ମହିଳା ମୁଖ୍ୟ ପରିବାର | ଶିକ୍ଷିତି ହାର |
|---|---|---|---|---|---|---|---|---|---|
| ସୋନପୁର | ୟୁନିଟ୍ -୧ | ୨୧୧୯ | ୧୦୯୪ | ୧୦୨୫ | ୧୭୮ | ୨୬୯ | ୫୭ | ୩୩ | ୯୮ |
| ସୋନପୁର | ୟୁନିଟ୍ -୨ | ୧୬୪୮ | ୮୫୫ | ୭୯୩ | ୧୨୧ | ୬୬୦ | ୧୪ | ୨୫ | ୭୦ |
| ସୋନପୁର | ୟୁନିଟ୍ ୩ | ୧୨୪୫ | ୬୧୦ | ୬୩୫ | ୧୪୫ | - | - | ୨୫ | ୮୬ |
| *ଉତ୍ସ : କ୍ଷେତ୍ର ସର୍ବେକ୍ଷଣ* | | | | | | | | | |

**ସାରଣୀ ୪.୩ (୨): ପ୍ରଭାବିତ ଅଂଚଳର ଭୌଗଳିକ ସ୍ଥିତି**

| | | କାର୍ଯ୍ୟକ୍ଷେତ୍ରରେ ଲିଙ୍ଗ ଆବଂଟନ | | | ଶ୍ରମିକ ଏବଂ ଚାଷୀଙ୍କ ପ୍ରକାର | | |
|---|---|---|---|---|---|---|---|
| ତହସିଲର ନାମ | ଅଂଚଳ | ମୋଟ ଶ୍ରମିକ | ପୁରୁଷ ଶ୍ରମିକ | ମହିଳା ଶ୍ରମିକ | ମୁଖ୍ୟ ଶ୍ରମିକ | କୃଷି ଶ୍ରମିକ | ଚାଷୀ |
| ସୋନପୁର | ୟୁନିଟ୍ -୧ | ୧୦୧୭ | ୭୬୦ | ୨୫୭ | ୩୯୧ | ୩୦୨ | ୬୭ |
| ସୋନପୁର | ୟୁନିଟ୍ -୨ | ୭୪୧ | ୫୭୭ | ୧୬୪ | ୨୮୭ | ୨୪୭ | ୪୩ |
| ସୋନପୁର | ୟୁନିଟ୍ -୩ | ୫୪୫ | ୪୨୩ | ୧୨୨ | ୧୭୮ | ୨୦୮ | ୩୭ |
| *ଉତ୍ସ:କ୍ଷେତ୍ର ସର୍ବେକ୍ଷଣଏ* | | | | | | | |

ସା.ପ୍ର.ଆ.ଅ ର ମୂଳ କାରଣ ହେଉଛି ପ୍ରକଳ୍ପ ଦ୍ୱାରା କେତେ ଘର ସିଧାସଳଖ ବା ପରୋକ୍ଷ ଭାବରେ ପ୍ରଭାବିତ ହେଉଅଛି । ସାରଣୀ ୪.୪ ଅନୁସାରେ ସମୁଦାୟ ୨୪.୮୮୯ଏକର ଜମି ପ୍ରଭାବିତ ପରିବାରର ଅକ୍ତିଆରରେ ଅଛି । ସେଥି ମଧ୍ୟରୁ ୨.୯୯୯ଏକର ଜମି ପ୍ରକଳ୍ପ ପାଇଁ ଅଧିଗ୍ରହୀତ ହେବ । ନିମ୍ନ ସାରଣୀରେ ଏହା ଦିଆଯାଇଅଛି ।

| ସାରଣୀ.୪.୪ ପ୍ରଭାବିତ ପରିବାରର ଜମିର ସୂଚନା (ଏକରରେ) | | | | |
|---|---|---|---|---|
| ତହସିଲର ନାମ | ଅଂଚଳର ନାମ | ପ୍ରଭାବିତ ପରିବାରର ସମୁଦାୟ ଜମି | ପ୍ରଭାବିତ ପରିବାରଙ୍କ ପ୍ରଭାବିତ ଜମି | ଅଧିଗ୍ରହୀତ ହେବାକୁ ଥିବା ଜମି |
| ସୋନପୁର | ୟୁନିଟ୍-୧ | ୨୭.୩୬୩ | ୭.୩୨୨ | ୦.୮୦୩ |
| ସୋନପୁର | ୟୁନିଟ୍ -୨ | ୭୮.୬୦୩ | ୬.୭୧୪ | ୦.୮୫୧ |
| ସୋନପୁର | ୟୁନିଟ୍ -୩ | ୧୦୩.୫୩୮ | ୭.୩୬୩ | ୧.୨୬୭ |
| *ଉତ୍ସ: କ୍ଷେତ୍ର ସର୍ବେକ୍ଷଣ* | | | | |

**୪.୪- ପ୍ରଭାବିତ ଅ□ଳରେ ଜଳ ସେଚନର ସୁବିଧା ଓ ଫସଲର ବର୍ଗୀକରଣ:**

ଅଂଚଳର ଜମିମାନଙ୍କରେ ଜଳ ସେଚନର ସୁବିଧା ନାହିଁ । ଆମ ଆକଳନକାରୀଙ୍କ ଆକଳନ ଅନୁସାରେ ଚାଷୀମାନେ ନିଜସ୍ୱ ଉଦ୍ୟମରେ ଚାଷ ଜମିରେ ଜଳସେଚନ କରି ଗୁଜୁରାଣ ମେଂଟାଉଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ଚାଷୀମାନେ ପ୍ରଭୂତ କ୍ଷତି ସହିବେ । ଧାନ, ଗହମ, ମକା, ଫସଲ ଉପରେ ପ୍ରଭାବ ପଡିବ । ରବି ଫସଲ ମଧ୍ୟ ପ୍ରଭାବିତ ହେବ ।

**୪.୫-ଜମିର ଦର :**

ଜମି ଅଧିଗ୍ରହଣ ସମୟରେ ଜମିର ଦର ବହୁତ ମର୍ଯ୍ୟାଦା ରଖେ । ଏହା ଦ୍ୱାରା କ୍ଷତି ପୂରଣ କରିବାକୁ ସରକାରଙ୍କୁ ସହଜ ହୋଇଥାଏ । ଜମିର ଉପସ୍ଥିତି ଓ ଉପଯୋଗ ଉପରେ ଏହାର ଦର ନିର୍ଭର କରେ । ଜଳସେଚନର ସୁବିଧା ଥିବା ଜମି ଅଣ ଜଳସେଚିତ ଜମି ଅପେକ୍ଷା ଅଧିକ ଦାମ୍‌ରେ ବିକ୍ରି ଖରିଦ୍ ହୁଏ । ସଡକପାଖ ଜମି, ଜନଗହଳି ଥିବା ସ୍ଥାନ ଅଧିକ ଉତ୍ପାଦନ ଦେଉଥିବା ଜମି, ଅଧିକ ଥର ଚାଷ ହୋଇପାରୁଥିବା ଜମି ସାଧାରଣତଃ ଅଧିକ ଦାମରେ ବିକ୍ରି ଖରିଦ୍ ହୋଇଥାଏ । ସାରଣୀ ୪.୫ରେ ଏହି ଅଂଚଳର ଜମିର କିସମ ଏବଂ ନିର୍ଦ୍ଧାରିତ ଦର ସୂଚାଇଦିଆଯାଇଅଛି ।

| ସାରଣୀ-୪.୫ ପ୍ରଭାବିତ ଅଂଚଳର ଜମିର ବେଂଚମାର୍କ ଭାଲ୍ୟୁ (ଟଙ୍କାରେ) | | | |
|---|---|---|---|
| ତହସିଲ | ଅଂଚଳର ନାମ | କିସମ | ଓର୍ବିଶେଷ ବେଂଚମାର୍କ ଭାଲ୍ୟୁ (ଏକର ପିଛା) |
| ସୋନପୁର | ୟୁନିଟ୍-୧ | ମାଳ ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ବାହାଳ ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ବେର୍ଣ୍ଣା ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ଘରବାରି | ଟ.୮୮,୦୦,୦୦୦ |
| | | ଅଟ୍ଟା | |
| | | ପତିତ | |
| ସୋନପୁର | ୟୁନିଟ୍ -୨ | ମାଳ ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ବାହାଳ ଅଣଜଳସେଚିତ | ଟ.୬୭,୧୦,୦୦୦ |

| ସାରଣୀ-୪.୫ ପ୍ରଭାବିତ ଅଂଚଳର ଜମିର ବେଂଚମାର୍କ ଭାଲ୍ୟୁ (ଟଙ୍କାରେ) | | | |
|---|---|---|---|
| ତହସିଲ | ଅଂଚଳର ନାମ | କିସମ | ଓର୍ବଶେଷ ବେଂଚମାର୍କ ଭାଲ୍ୟୁ (ଏକର ପିଛା) |
| | | ବେର୍ଣ୍ଣା ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ଘରବାରି | ଟ.୮୮,୦୦,୦୦୦ |
| | | ଅଚ୍ଛା | |
| | | ପତିତ | |
| ସୋନପୁର | ୟୁନିଟ୍ -୩ | ମାଳ ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ବାହାଳ ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ବେର୍ଣ୍ଣା ଅଣଜଳସେଚିତ | ଟ.୬୭,୧୦,୦୦୦ |
| | | ଘରବାରି | ଟ.୮୮,୦୦,୦୦୦ |
| | | ଅଚ୍ଛା | |
| | | ପତିତ | |
| ଉତ୍ସ: ସବ୍‌ରେଜିଷ୍ଟ୍ରାର ସୋନପୁର | | | |

ସାରଣୀରୁ ଜଣାପଡେ ଘରବାରି କିସମ ଜମିର ଦର ଉଚ୍ଚା ରହିଅଛି । ଏଥିରେ ଅଚ୍ଛା ଏବଂ ପତିତ ଜମିର ନିର୍ଦ୍ଧାରିତ ଦର ଦର୍ଶାଇ ଦିଆଯାଇନାହିଁ । ହାରାହାରି ଏକର ପିଛା ମୂଲ୍ୟ ଏଠାରେ ଟ.୬୭,୧୦,୦୦୦ ରହିଅଛି ।

# ପଂଚମ ଅଧ୍ୟାୟ

## ଜନପରାମର୍ଶ

### ୫.୧ ବିଷୟ ଭିତିକ ଦଳଗତ ଆଲୋଚନା :-

ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ (ସା.ପ୍ର.ଆ.ଅ). ପ୍ରକ୍ରିୟା ଦ୍ୱାରା ପ୍ରକଳ୍ପ ପ୍ରଭାବିତ ଅଚଂଳରେ ଲୋକମାନଙ୍କର ମନୋଭାବର ସଠିକ ଆକଳନ କରାଯାଇପାରେ । ଅଚଂଳର ସେମାନଙ୍କ ଅର୍ଥନୈତିକ ସାମାଜିକ ସାଂସ୍କୃତିକ ଚିତ୍ର ଓ ଚରିତ୍ର ମଧ୍ୟ ଜଣାପଡିଥାଏ । ଏହାଦ୍ୱାରା ଲୋକମାନଙ୍କର ସଚେତନତା ବଢିଥାଏ । ପ୍ରକଳ୍ପର ଭଲମନ୍ଦ ଦିଗରେ ବିଚାର କରିବା ପାଇଁ ଏକ ମାହୋଲ ତିଆରି ହୋଇଥାଏ । ସୋନପୁର ମହାନଦୀ ପୋଲଠାରୁ (୦.୦) କି.ମି. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ୩/୨୨୦୩ ପର୍ଯ୍ୟନ୍ତ ଚାରିଥାକିଆ ରାସ୍ତାର ପ୍ରଶସ୍ତି କରଣ କାର୍ଯ୍ୟ ପାଇଁ ଏହି ସା.ପ୍ର.ଆ.ଅ କରାଯାଉଅଛି । ଏହା ସୋନପୁର ପୌରାଚଂଳର ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩ ଅଚଂଳ ଦେଇ କରାଯିବାର ଯୋଜନା ଅଛି । ଏଥିପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଥିବା ପ୍ରଶ୍ନାବଳୀ ମାଧ୍ୟମରେ ଅନେକ ତଥ୍ୟ ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯାଇଥିଲା । ଅନ୍ତରଙ୍ଗ ଆଳାପ ଆଲୋଚନା ଏବଂ ବିଷୟ ଭିତିକ ତଥ୍ୟର ସଂଗ୍ରହ ଏବଂ ବିଶ୍ଳେଷଣ କରି ବିବରଣୀ ପ୍ରସ୍ତୁତ କରାଯାଇଅଛି ।

ବିଷୟ ଭିତିକ ଦଳଗତ ଆଲୋଚନା ମାଧ୍ୟମରେ ଅନେକ ତଥ୍ୟ ସଂଗ୍ରହ କରିବା ପାଇଁ ଚେଷ୍ଟା କରାଯାଇଥିଲା । ପୁରୁଷ ଓ ମହିଳା ମାନଙ୍କୁ ଅଲଗା ଅଲଗା କରି ପ୍ରକଳ୍ପ ସଂପର୍କରେ ସେମାନଙ୍କର ଆଭିମୁଖ୍ୟକୁ ପରଖା ଯାଇଥିଲା । ପ୍ରତ୍ୟେକ ଦଳରେ ୧୫ ରୁ ୨୦ ଜଣ ସଭ୍ୟ ଅଂଶ ଗ୍ରହଣ କରୁଥିଲେ । ସବୁ ବର୍ଗରୁ ଅର୍ଥାତ୍ ନିର୍ବାଚିତ ଜନପ୍ରତିନିଧି ମହିଳା ସଂୟ ସହାୟିକା ଦଳ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ଯୁବକସଂଘର ସଦସ୍ୟ, କାର୍ଯ୍ୟରତ ସରକାରୀ କର୍ମଚାରୀ ବ୍ୟବସାୟୀ ସଂଗଠନର ସଦସ୍ୟ ଆଲୋଚନାରେ ଅଂଶଗ୍ରହଣ କରୁଥିଲେ । ଆଲୋଚନା ଟି ପ୍ରାୟ ଦୁଇଘଣ୍ଟା ପର୍ଯ୍ୟନ୍ତ ଚାଲୁଥିଲା । ଆଲୋଚନାରେ ସମସ୍ତ ବିଷୟ ଲିପିବଦ୍ଧ କରାଯାଉଥିଲା ।

**ୟୁନିଟ୍ – ୧**

୨୦୨୧ ମସିହା ଅଗଷ୍ଟ ମାସରେ ସୋନପୁର ପୌରାଚଂଳର ୟୁନିଟ୍-୧ ଅଚଂଳରେ ଚାରିଥାକିଆ ରାସ୍ତା ପ୍ରଶସ୍ତିକରଣ ପାଇଁ ଏକ ବିଷୟ ଭିତିକ ଦଳଗତ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଜଣାପଡିଥିଲା ଏହି ଅଚଂଳରେ ୩୯୯୯ ଜଣ ବାସିନ୍ଦା ବାସ କରନ୍ତି । ସେମାନଙ୍କ ମଧ୍ୟରୁ ୨୦୩୫ ଜଣ ପୁରୁଷ ଏବଂ ୧୯୬୪ ଜଣ ମହିଳା, ୮୫୮ ଜଣ ଅ.ଜ.ଜା., ୪୨୪ ଜଣ ଅ.ଜା., ୨୫୧୧ ଜଣ ଅ.ପ.ବ. ୨୦୬ ଜଣ ସାଧାରଣ ବର୍ଗର ଅଛନ୍ତି । ୦ ରୁ ୩ ବର୍ଷ ବୟସ ସୀମାରେ ୨୦୩ ଜଣ, ୬ ବର୍ଷ ମଧ୍ୟରେ ୨୩୯ ଜଣ, ୧୮ ବର୍ଷ ମଧ୍ୟରେ ୫୭୯ ଜଣ ଅଛନ୍ତି । ଏଠାରେ ୧୩ ଜଣ ଦିବ୍ୟାଙ୍ଗ ଅଛନ୍ତି । ୧୦୩ ଟି ମହିଳା ମୁଖ୍ୟ ପରିବାର ଅଛି । ଏହାର ଶିକ୍ଷିତ ହାର ହେଉଛି ୯୮% । ପୁରୁଷ ଶିକ୍ଷିତ ହାର ୫୦% ଓ ମହିଳା ଶିକ୍ଷିତ ହାର ୪୮ % । ଏଠାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଗୋଟିଏ ଉଚ ବିଦ୍ୟାଳୟ ଓ ଗୋଟିଏ ମହାବିଦ୍ୟାଳୟ ଅଛି । ୨୦୨୦ ମସିହା ମାର୍ଚ୍ଚ ମାସ ଠାରୁ କୋଭିଡ୍ ଯୋଗୁଁ ପିଲାମାନେ ପାଠ ପଢିବାକୁ ଯାଉନାହାଁନ୍ତି । ଅଚଂଳରେ ତିନୋଟି ପିଚୁ ରାସ୍ତା ଦେଇ ଗମନା

ଗମନ କରାଯାଏ । ପାଇପ୍ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ୧୯ଟି ନଳକୂଅ ମଧ୍ୟ ଅଛି । ଦୁଇଟି ମନ୍ଦିରରେ ଲୋକ ପୂଜା ପାଠ କରନ୍ତି ତିନୋଟି ପୋଖରୀ ଏଠାରେ ଅଛି । ବିଜୁଳି ଶକ୍ତିର ଯୋଗାଣ କରାଯାଇଛି । ୫ ଟି ସ୍ମସାନ ଘାଟ ଏଠାରେ ଅଛି । ତିନୋଟି ଶିଳ୍ପ ଅଚଂଳ ଅଛି ଗୋଟିଏ ସମୁଦାୟ ଭବନ ଗୋଷ୍ଠି କେନ୍ଦ୍ର , ଗୋଟିଏ ବାଣିଜ୍ୟକ ବ୍ୟାଙ୍କ୍ ଗୋଟିଏ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଗୋଟିଏ ପ୍ରାଣୀଧିନ ଚିକିତ୍ସା କେନ୍ଦ୍ର ଏଠାରେ ଅଛି । ଦେଶାନ୍ତରୀ ଓ ଶିଶୁ ଶ୍ରମିକ ପ୍ରଥା ଏଠାରେ ନାହିଁ । ୫୦% ପୁରୁଷ ଓ ୩୦% ମହିଳା ପ୍ରକଳ୍ପ ସଂପର୍କରେ ଅବଗତ ଅଛନ୍ତି । ପ୍ରକୃତ କ୍ଷତି ପୂରଣ ବାବଦରେ ଅର୍ଥ ପାଇବା ପରେ ଜମି ଦେବାକୁ ସେମାନେ ଆଗ୍ରହୀ । ପୂର୍ବରୁ ଏ ଅଚଂଳରେ ଏହି ପରି ପ୍ରକ୍ରିୟା ହୋଇନଥିବାରୁ ଏ ସଂପର୍କରେ ଅଭିଜ୍ଞତା ସେମାନଙ୍କର ନାହିଁ । ଅ□ଳର ଲୋକମାନଙ୍କ ଦାବୀ ଅନୁସାରେ; (୧) ପ୍ରସ୍ତାବିତ ଓସାରିଆ ସଡ଼କଟି ୬୬ ଫୁଟ ନହୋଇ ୫୦ ଫୁଟର କରାଯାଉ ଏବଂ ଏଥିରେ ଡିଭାଇଡର ରଖା ନଯାଇ କେବଳ ଡ୍ରେନେଜ୍ ବ୍ୟବସ୍ଥା କରାଯାଉ, (୨) ଜାଗା ବଦଳରେ ମୁନିସିପାଲିଟି ଅ□ଳରେ ଜାଗା ଦେବାର ବ୍ୟବସ୍ଥା କରାଯାଉ (୩) ଜମିର ମୂଲ୍ୟ ବ□ମାନର ସର୍ବୋଚ୍ଚ କିଣାବିକା ମୂଲ୍ୟ ଅନୁସାରେ ଡିସିମିଲ ପିଛା ୭ ଲକ୍ଷ ଟଙ୍କା ହୋଇଛି, ତେଣୁ ଉକ୍ତ ମୂଲ୍ୟର ୪ ଗୁଣ ମୂଲ୍ୟ ଅର୍ଥାତ୍ ଡିସିମିଲ୍ ପିଛା ୨୮ ଲକ୍ଷ ହିସାବରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉ, (୪) ଆମ ଜିଲ୍ଲାରେ ୨୪ ଘ□ିଆ ଓ ଆଧୁନିକ ସେବା ଉପଲବ୍ଧ ଥାଇ ଏକ ସୁପର ସ୍ପେଶିଆଲିଟି ଡାକ୍ତରଖାନା ପ୍ରତିଷ୍ଠା କରାଯାଉ ଏବଂ (୫) ଯେଉଁମାନଙ୍କର ୪ର୍ଥ ଓ ୫ମ ସେଟେଲ୍‌ମେ□ରେ ସମସ୍ୟା ଅଛି ତାହାକୁ ଅତିଶିଘ୍ର ସମାଧାନ କରି ଜମି ଅଧିଗ୍ରହଣ କରାଯାଉ ।

## ୟୁନିଟ୍ – ୨

୨୦୨୧ ମସିହା ଅଗଷ୍ଟ ମାସରେ ସୋନପୁର ପୌରାଚଂଳର ୟୁନିଟ୍-୧ ଅଚଂଳରେ ଚାରିଥାକିଆ ରାସ୍ତା ପ୍ରଶସ୍ତିକରଣ ପାଇଁ ଏକ ବିଷୟ ଭିତିକ ଦଳଗତ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଜଣାପଡିଥିଲା ଏହି ଅଚଂଳରେ ୨୭୬୯ ଜଣ ବାସିନ୍ଦା ବାସ କରନ୍ତି । ସେମାନଙ୍କ ମଧ୍ୟରୁ ୧୩୮୬ ଜଣ ପୁରୁଷ ଏବଂ ୧୩୮୩ ଜଣ ମହିଳା, ୪୦ ଜଣ ଅ.ଜ.ଜା., ୧୦୧୬ ଜଣ ଅ.ଜା., ୧୦୩୧ ଜଣ ଅ.ପ.ବ. ୬୮୨ ଜଣ ସାଧାରଣ ବର୍ଗର ଅଛନ୍ତି । ୦ ରୁ ୩ ବର୍ଷ ବୟସ ସୀମାରେ ୧୧୭ ଜଣ, ୬ ବର୍ଷ ମଧ୍ୟରେ ୨୩୧ ଜଣ, ୧୮ ବର୍ଷ ମଧ୍ୟରେ ୨୫୬ ଜଣ ଅଛନ୍ତି । ଏଠାରେ ୧୬ ଜଣ ଦିବ୍ୟାଙ୍ଗ ଅଛନ୍ତି । ୬୧ ଟି ମହିଳା ମୁଖ୍ୟ ପରିବାର ଅଛି । ଏହାର ଶିକ୍ଷିତ ହାର ହେଉଛି ୭୦% । ପୁରୁଷ ଶିକ୍ଷିତ ହାର ଓ ମହିଳା ଶିକ୍ଷିତ ହାର ପ୍ରାୟ ସମାନ । ଏଠାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି । ୨୦୨୦ ମସିହା ମାର୍ଚ୍ଚ ମାସ ଠାରୁ କୋଭିଡ୍ ଯୋଗୁଁ ପିଲାମାନେ ପାଠ ପଢିବାକୁ ଯାଉନାହାଁନ୍ତି । ଅଚଂଳରେ ଚାରିଟି ପିଚୁ ରାସ୍ତା ଓ ଗୋଟିଏ ପକ୍କା ରାସ୍ତାରେ ଗମନା ଗମନ କରାଯାଏ । ପାଇପ୍ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ୬ଟି ନଳକୂଅ ମଧ୍ୟ ଅଛି । ତିନୋଟି କୂଅ ରହିଛି । ଏକଟି ମନ୍ଦିରରେ ଲୋକ ପୂଜା ପାଠ କରନ୍ତି । ଚାରୋଟି ପୋଖରୀ ଏଠାରେ ଅଛି । ବିଜୁଳି ଶକ୍ତିର ଯୋଗାଣ କରାଯାଇଛି । ୨ ଟି ଶ୍ମଶାନ ଘାଟ ଏଠାରେ ଅଛି । ଗୋଟିଏ ସମୁଦାୟ ଭବନ ଗୋଷ୍ଠି କେନ୍ଦ୍ର , ଗୋଟିଏ ବାଣିଜ୍ୟକ ବ୍ୟାଙ୍କ୍ ଅଛି । ଦେଶାନ୍ତରୀ ଓ ଶିଶୁ ଶ୍ରମିକ ପ୍ରଥା ଏଠାରେ ନାହିଁ । ୫୦% ପୁରୁଷ ଓ ୩୦% ମହିଳା ପ୍ରକଳ୍ପ ସଂପର୍କରେ ଅବଗତ

ଅଛନ୍ତି । ପ୍ରକୃତ କ୍ଷତି ପୂରଣ ବାବଦରେ ଅର୍ଥ ପାଇବା ପରେ ଜମି ଦେବାକୁ ସେମାନେ ଆଗ୍ରହୀ । ପୂର୍ବରୁ ଏ ଅଚଂଳରେ ଏହି ପରି ପ୍ରକ୍ରିୟା ହୋଇନଥିବାରୁ ଏ ସଂପର୍କରେ ଅଭିଜ୍ଞତା ସେମାନଙ୍କର ନାହିଁ । ଅଞ୍ଚଳର ଲୋକମାନଙ୍କ ଦାବୀ ଅନୁସାରେ; (୧) ପ୍ରସ୍ତାବିତ ଓସାରିଆ ସଡ଼କଟି ୬୬ ଫୁଟ ନହୋଇ ୫୦ ଫୁଟର କରାଯାଉ ଏବଂ ଏଥିରେ ଡିଭାଇଡର ରଖା ନଯାଇ କେବଳ ଡ୍ରେନେଜ୍ ବ୍ୟବସ୍ଥା କରାଯାଉ, (୨) ଜମିର ମୂଲ୍ୟ ବର୍ତ୍ତମାନର ସର୍ବୋଚ୍ଚ କିଣାବିକା ମୂଲ୍ୟ ଅନୁସାରେ ଡିସିମିଲ ପିଛା ୭ ଲକ୍ଷ ଟଙ୍କା ହୋଇଛି, ତେଣୁ ଉକ୍ତ ମୂଲ୍ୟର ୪ ଗୁଣ ମୂଲ୍ୟ ଅର୍ଥାତ୍ ଡିସିମିଲ୍ ପିଛା ୨୮ ଲକ୍ଷ ହିସାବରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉ, (୩) ଜାଗା ବଦଳରେ ମ୍ୟୁନିସିପାଲିଟି ଅଞ୍ଚଳରେ ଜାଗା ଦେବାର ବ୍ୟବସ୍ଥା କରାଯାଉ, (୪) ଯେହେତୁ ଶ୍ରୀ ଧନେଶ୍ୱର ବେହେରା ତାଙ୍କର ସମସ୍ତ ଜମି ହରାଉଛନ୍ତି ତାଙ୍କୁ ସରକାରଙ୍କ ତରଫରୁ ଏକ ନୂତନ ଜାଗା ପ୍ରଦାନ କରାଯାଉ, (୫)ଆମ ଜିଲ୍ଲାରେ ୨୪ ଘଣ୍ଟିଆ ଓ ଆଧୁନିକ ସେବା ଉପଲବ୍ଧ ଥାଇ ଏକ ସୁପର ସ୍ପେଶିଆଲିଟି ଡାକ୍ତରଖାନା ପ୍ରତିଷ୍ଠା କରାଯାଉ, (୫) ଯେଉଁମାନଙ୍କର ୪ର୍ଥ ଓ ୫ମ ସେଟେଲ୍‌ମେଣ୍ଟରେ ସମସ୍ୟା ଅଛି ତାହାକୁ ଅତିଶିଘ୍ର ସମାଧାନ କରି ଜମି ଅଧିଗ୍ରହଣ କରାଯାଉ ଏବଂ (୬) ଯେପରି ବ୍ଲକ୍ ଓ ସ୍କୁଲ ପ୍ରାଚୀର ଭଙ୍ଗାଯାଇ ରାସ୍ତା ନିର୍ମାଣ କରାଯାଉଛି, ସେହିଭଳି ୟୁନିଟ୍-୨ରେ ସରକାରୀ ଜାଗା ଉପଲବ୍ଧ ଥିବା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ପ୍ରାଚୀର ଭଙ୍ଗାଯାଇ ରାସ୍ତା ନିର୍ମାଣରେ ବ୍ୟବହାର କରାଯାଉ ଏବଂ ସର୍ବସାଧାରଣ ଜମିରୁ ସର୍ବନିମ୍ନ ପରିମାଣ ଜମି ଅଧିଗ୍ରହଣ କରାଯାଉ ।

### ୟୁନିଟ୍ – ୩

୨୦୨୧ ମସିହା ଅଗଷ୍ଟ ମାସରେ ସୋନପୁର ପୌରାଚଂଳର ୟୁନିଟ୍-୧ ଅଚଂଳରେ ଚାରିଥାକିଆ ରାସ୍ତା ପ୍ରଶସ୍ତିକରଣ ପାଇଁ ଏକ ବିଷୟ ଭିତିକ ଦଳଗତ ଆଲୋଚନା କରାଯାଇଥିଲା । ଏହି ଆଲୋଚନାରେ ଜଣାପଡିଥିଲା ଏହି ଅଚଂଳରେ ୩୭୫୧ ଜଣ ବାସିନ୍ଦା ବାସ କରନ୍ତି । ସେମାନଙ୍କ ମଧ୍ୟରୁ ୧୯୫୬ ଜଣ ପୁରୁଷ ଏବଂ ୧୭୯୫ ଜଣ ମହିଳା, ୨୮୬ ଜଣ ଅ.ଜ.ଜା., ୩୦୪ ଜଣ ଅ.ଜା., ୨୫୧୦ ଜଣ ଅ.ପ.ବ. ୬୫୧ ଜଣ ସାଧାରଣ ବର୍ଗର ଅଛନ୍ତି । ୦ ରୁ ୩ ବର୍ଷ ବୟସ ସୀମାରେ ୨୩୬ ଜଣ, ୬ ବର୍ଷ ମଧ୍ୟରେ ୨୨୦ ଜଣ, ୧୮ ବର୍ଷ ମଧ୍ୟରେ ୫୫୨ ଜଣ ଅଛନ୍ତି । ଏଠାରେ ୧୯ ଜଣ ଦିବ୍ୟାଙ୍ଗ ଅଛନ୍ତି । ୮୯ ଟି ମହିଳା ମୁଖ୍ୟ ପରିବାର ଅଛି । ଏହାର ଶିକ୍ଷିତ ହାର ହେଉଛି ୯୦% । ପୁରୁଷ ଶିକ୍ଷିତ ହାର ୪୦% ଓ ମହିଳା ଶିକ୍ଷିତ ହାର ୫୦% ରହିଛି । ଏଠାରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ ଅଛି । ୨୦୨୦ ମସିହା ମାର୍ଚ୍ଚ ମାସ ଠାରୁ କୋଭିଡ୍ ଯୋଗୁଁ ପିଲାମାନେ ପାଠ ପଢିବାକୁ ଯାଉନାହାଁନ୍ତି । ଅଚଂଳରେ ଚାର କି.ମି ପିଚୁ ରାସ୍ତା ଓ ଗୋଟିଏ ପକ୍କା ରାସ୍ତାରେ ଗମନା ଗମନ କରାଯାଏ । ପାଇପ୍ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ୧୨ ଟି ନଳକୂଅ ମଧ୍ୟ ଅଛି । ପାଚୋଂଟି ପୋଖରୀ ରହିଛି । ଏକଟି ମନ୍ଦିରରେ ଲୋକ ପୂଜା ପାଠ କରନ୍ତି । ବିଜୁଳି ଶକ୍ତିର ଯୋଗାଣ କରାଯାଇଛି । ୨ ଟି ଶ୍ମଶାନ ଘାଟ ଏଠାରେ ଅଛି । ଗୋଟିଏ ସମୁଦାୟ ଭବନ ଗୋଷ୍ଠି କେନ୍ଦ୍ର , ଗୋଟିଏ ବାଣିଜ୍ୟକ ବ୍ୟାଙ୍କ୍ ଅଛି । ଏଠାରେ ପାଚଂଟି ଅଙ୍ଗନବାଡି କେନ୍ଦ୍ର ରହିଛି । ଦେଶାନ୍ତରୀ ଓ ଶିଶୁ ଶ୍ରମିକ ପ୍ରଥା ଏଠାରେ ନାହିଁ । ୫୦% ପୁରୁଷ ଓ ୩୦% ମହିଳା ପ୍ରକଳ୍ପ ସଂପର୍କରେ ଅବଗତ ଅଛନ୍ତି । ପ୍ରକୃତ କ୍ଷତି ପୂରଣ ବାବଦରେ ଅର୍ଥ ପାଇବା ପରେ ଜମି ଦେବାକୁ

ସେମାନେ ଆଗ୍ରହୀ । ପୂର୍ବରୁ ଏ ଅଚଂଳରେ ଏହି ପରି ପ୍ରକ୍ରିୟା ହୋଇନଥିବାରୁ ଏ ସଂପର୍କରେ ଅଭିଜ୍ଞତା ସେମାନଙ୍କର ନାହିଁ । ଅଞ୍ଚଳର ଲୋକମାନଙ୍କ ଦାବୀ ଅନୁସାରେ; (୧) ପ୍ରସ୍ତାବିତ ଓସାରିଆ ସଡ଼କଟି ୬୬ ଫୁଟ ନହୋଇ ୫୦ ଫୁଟର କରାଯାଉ ଏବଂ ଏଥିରେ ଡିଭାଇଡର ରଖା ନଯାଇ କେବଳ ଡ୍ରେନେଜ୍ ବ୍ୟବସ୍ଥା କରାଯାଉ, (୨) ଜମିର ମୂଲ୍ୟ ବର୍ତ୍ତମାନର ସର୍ବୋଚ୍ଚ କିଣାବିକା ମୂଲ୍ୟ ଅନୁସାରେ ଡିସିମିଲ ପିଛା ୭ ଲକ୍ଷ ଟଙ୍କା ହୋଇଛି, ତେଣୁ ଉକ୍ତ ମୂଲ୍ୟର ୪ ଗୁଣ ମୂଲ୍ୟ ଅର୍ଥାତ୍ ଡିସିମିଲ୍ ପିଛା ୨୮ ଲକ୍ଷ ହିସାବରେ ହିତାଧିକାରୀଙ୍କୁ ପ୍ରଦାନ କରାଯାଉ, (୩) ଜାଗା ବଦଳରେ ମୁନିସିପାଲିଟି ଅଞ୍ଚଳରେ ଜାଗା ଦେବାର ବ୍ୟବସ୍ଥା କରାଯାଉ, (୪) ଆମ ଜିଲ୍ଲାରେ ୨୪ ଘଣ୍ଟିଆ ଓ ଆଧୁନିକ ସେବା ଉପଲବ୍ଧ ଥାଇ ଏକ ସୁପର ସ୍ପେଶିଆଲିଟି ଡାକ୍ତରଖାନା ପ୍ରତିଷ୍ଠା କରାଯାଉ ଏବଂ (୫) ଯେଉଁମାନଙ୍କର ୪ର୍ଥ ଓ ୫ମ ସେଟେଲ୍‌ମେଣ୍ଟରେ ସମସ୍ୟା ଅଛି ତାହାକୁ ଅତିଶିଘ୍ର ସମାଧାନ କରି ଜମି ଅଧିଗ୍ରହଣ କରାଯାଉ ।

**ଜନଶୁଣାଣି :–** ଜମି ଅଧିଗ୍ରହଣ ପୁନଃର୍ବାସ ଓ ଥଇଥାନରେ ଉଚିତ ମୂଲ୍ୟ ପ୍ରଦାନ ଓ ସ୍ୱଚ୍ଛତା ଅଧିକାର ଅଧିନିୟମ-୨୦୧୩ ଆଧାରରେ ସୋନପୁର ପୌରାଂଚଳରେ ମହାନଦୀ ପୋଲଠାରୁ (୦.୦କି.ମିରୁ ୩ /୨୬୦କି.ମି) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଦେଇ କୁଞ୍ଜ ଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତିକରଣ ପାଇଁ ଏକ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କରାଯାଇଥିଲା । ଏହି ଅଧ୍ୟୟନକୁ ନେଇ **ତା.୧୮-୧୧-୨୦୨୧ରିଖ ଦିନ ୧୧.୦୦ ଘଟିକା ରେ ଜିଲ୍ଲାପାଳ, ସୁବର୍ଣ୍ଣପୁର ଙ୍କ କାର୍ୟାଳୟ ପ୍ରାଙ୍ଗଣ ରେ** ଏକ **ଜନଶୁଣାଣୀ** ଅନୁଷ୍ଠିତ ହୋଇଥିଲା । ଏଥିରେ ଗ୍ରାମର ଜମି ହରାଇଥିବା ଜନସାଧାରଣଙ୍କ ସମେତ ଅଞ୍ଚଳର ଅନ୍ୟାନ୍ୟ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ ।

ଉକ୍ତ ଜନଶୁଣାଣି କୁ ଶ୍ରୀମତୀ ନିଶି ପୁନମ୍ ମିଞ୍ଜ୍, ଏ.ଡି.ଏମ୍., ସୋନପୁର ସଭାପତିତ୍ୱ କରିଥିଲେ। ଅନ୍ୟ ଅଧିକାରୀ ଙ୍କ ମଧ୍ୟରେ ଶ୍ରୀ ନବୀନ୍ କିଶୋର ପାଢୀ, ତହସିଲଦାର, ସୋନପୁର, ଶ୍ରୀ ଅଭିଳାଷ ପୁରୋହିତ, ଜିଲା ଭୂ ଅର୍ଜନ ଅଧିକାରୀ, ସୋନପୁର, ଶ୍ରୀ ଖଦାଲ ପାତ୍ର, ସହାୟକ ଜିଲ୍ଲାପାଳ, ଶ୍ରୀ ବିଭୁତି ପ୍ରକାଶ ମହାନ୍ତି, ଏସ.ଡି.ଓ.-ପି.ଡବ୍ଲ୍ୟୁ. ଡି.,ସୋନପୁର ଏବଂ ଷ୍ଟାର୍ ଅନୁଷ୍ଠାନ ର ନିର୍ଦ୍ଦେଶକ ଶ୍ରୀ ପଦ୍ମ ଚରଣ ଦାଶ ଉପସ୍ଥିତ ଥିଲେ। ପ୍ରାରମ୍ଭରେ 'ଷ୍ଟାର'ର ନିର୍ଦ୍ଦେଶକ ଶ୍ରୀ ପଦ୍ମଚରଣ ଦାଶ ସାମାଜିକ ପ୍ରଭାବ ଆକଳନ ଅଧ୍ୟୟନ କ'ଣ ଓ କାହିଁକି କରାଯାଏ, ଅଧ୍ୟୟନକାରୀ ଦଳ କିପରି ତଥ୍ୟ ସଂଗ୍ରହ କରିଥିଲେ ଏବଂ ଗ୍ରାମର କେଉଁମାନେ ଜମି ହରାଉଛନ୍ତି ସେ ବିଷୟରେ ସମ୍ୟକ ଆଲୋଚନା କରିଥିଲେ । ଏହାପରେ ଜିଲ୍ଲା ଭୂଅର୍ଜନ ଅଧିକାରୀ ଶ୍ରୀ ଅଭିଳାଷ ପୁରୋହିତ ଜମି ଅଧିଗ୍ରହଣ ଆଇନରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯାଉଛି ଏବଂ ଜନସାଧାରଣ କିପରି ଏହାଦ୍ୱାରା ଉପକୃତ ହୋଇପାରିବେ, ତାହା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ତହସିଲଦାର ଶ୍ରୀ ନବୀନ୍ କିଶୋର ପାଢୀ ଏବଂ ସହାୟକ ଜିଲ୍ଲାପାଳ ଶ୍ରୀ ଖଦାଲ ପାତ୍ର ଜମି ହରାଉଥିବା ଜନସାଧାରଣ ଏବଂ ତତ୍ ସହିତ ସମୁହ ଗ୍ରାମର ଭିଟାମାଟି କିପରି ଏହାଦ୍ୱାରା ପ୍ରଭାବିତ ନହେବ ତାହା ଉପରେ ବିକ୍ଷିପ୍ତ ଭାବେ ଆଲୋଚନା କରିଥିଲେ । 'ଷ୍ଟାର୍'ର ସଂଯୋଜକ ଶ୍ରୀ ରାକେଶ ମହାନ୍ତି ଅଧ୍ୟୟନରେ ସଂଗୃହୀତ ତଥ୍ୟର ନିର୍ଯ୍ୟାସ ସମେତ ଗ୍ରାମ ଗୋଷ୍ଠୀ ସହ ଆଲୋଚନା ହୋଇ ନିଷ୍କର୍ଷିତ ମତାମତକୁ ସର୍ବସମ୍ମୁଖରେ ପାଠ କରିଥିଲେ ।

ଏହାପରେ ଗ୍ରାମର ଜନସାଧାରଣ ସେମାନଙ୍କର ଦାବି ସବୁ ଜଣ ଜଣ କରି ଉପସ୍ଥାପନ କରିଥିଲେ । ସେହି ଦାବି ଗୁଡିକ ହେଲା;

୧। ଶିବପ୍ରସାଦ ସାହୁ,

ଶ୍ରୀ ସାହୁ କହିଲେ ଯେ , ତାଙ୍କର କେତେ ପରିମାଣ ର ଜମି ଅଧିଗ୍ରହଣ ହେଉଛି , ତାହା ସଠିକ ଭାବରେ ନିରୂପଣ କରାଯାଉ । ରାସ୍ତାର ଚଉଡା ୬୬ ଫୁଟ ବଦଳ ରେ ୫୦ ଫୁଟ କରାଯାଉ ଏବଂ ରାସ୍ତା ମଧ୍ୟରେ ଡିଭାଇଡର ବଦଳ ରେ ରାସ୍ତା ର ଉଭୟ ପାର୍ଶ୍ୱ ରେ ଡ୍ରେନ ନିର୍ମାଣ କରାଯାଉ । ପୁଣି ବଜାର ରେ ପ୍ରଚଳିତ ଦର କୁ ବିଚାରକୁ ନେଇ ଜମି କ୍ଷତିପୂରଣ ପ୍ରଦାନ କରାଯାଉ । କମିଶନର କୋର୍ଟ ସମ୍ବଲପୁର ରେ ଦାୟର ହୋଇଥିବା ଆମର କେଶ ମାମଲା ର ଯଥାଶୀଘ୍ର ସୁବିଚାର କରି ଫଇସଲା କରାଯାଉ ।

୨ । ନନ୍ଦଲାଲ ଅଗ୍ରୱାଲ

ଶ୍ରୀ ଅଗ୍ରୱାଲ କହିଲେ ଯେ, ତାଙ୍କ ନାମରେ ୪୪ ଡେସିମାଲ ପରିମାଣ ର ଜମି ଅଛି, ତତମଧ୍ୟରୁ ୫ ଡେସିମାଲ ଜମି ଅଧିଗ୍ରହଣ ହେଉଛି, ଅବଶିଷ୍ଟ ଜମିକୁ ସଠିକ ଭାବରେ ଭୂମିବାରଣ କରାଯାଉ ଏବଂ ଜମି ର ଉଚିତ ମୂଲ୍ୟ ପ୍ରଦାନ କରାଗଲେ ତାଙ୍କର କିଛି ଆପତ୍ତି ନାହିଁ ।

୩ । ଶିବପ୍ରସାଦ ପାତ୍ର

ଶ୍ରୀ ପାତ୍ର କହିଲେ ଯେ , ତାଙ୍କର ୪୫୦ ଡେସିମାଲ ପରିମାଣ ର ଜମି ଅଧିଗ୍ରହଣ ସକାଶେ ଘୋଷଣା ହୋଇଛି । ରାସ୍ତା ର ଅପର ପାର୍ଶ୍ୱ ରେ ଯେହେତୁ ସରକାରୀ ଜମି ଅଛି, ତେଣୁ ସେହି ପାର୍ଶ୍ୱ ରେ ରାସ୍ତା ନିର୍ମାଣ କରାଯାଉ, ଯାହାଫଳରେ ତାଙ୍କ ଜମି ଅଧିଗ୍ରହଣରୁ ବାଦ ପଡିବ। ଏମିତି କରାଗଲେ ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୪। ଅମରେନ୍ଦ୍ର ମହାପାତ୍ର

ଶ୍ରୀ ମହାପାତ୍ର କହିଲେ ଯେ, ତାଙ୍କର ଅଧିଗ୍ରହଣ ହେବାକୁ ଥିବା ଜମି ଉପରେ ବର୍ତମାନ ସିଭିଲ କେଶ ଚାଲିଛି, ତେଣୁ ଏହାକୁ ବିଚାରକୁ ନେଇ ପଦକ୍ଷେପ ଗ୍ରହଣ କରାଯାଉ।

୫। ରବିଶଙ୍କର ସାହୁ,

ଶ୍ରୀ ସାହୁ କହିଲେ ଯେ, ତାଙ୍କର କେତେ ପରିମାଣ ର ଜମି ଅଧିଗ୍ରହଣ ହେଉଛି, ତାହା ସଠିକ ଭାବରେ ନିରୂପଣ କରାଯାଉ । ରାସ୍ତାର ଚଉଡା ୬୬ ଫୁଟ ବଦଳ ରେ ୫୦ ଫୁଟ କରାଯାଉ ଏବଂ ରାସ୍ତା ମଧ୍ୟରେ ଡିଭାଇଡର ବଦଳ ରେ ରାସ୍ତା ର ଉଭୟ ପାର୍ଶ୍ୱ ରେ ଡ୍ରେନ ନିର୍ମାଣ କରାଯାଉ । ପୁନଶ୍ଚ ସେ କହିଲେ ଯେ, ବିଭିନ୍ନ ମହଲରୁ ହିତାଧିକାରୀଙ୍କୁ ବିଭିନ୍ନ ଆଳରେ ରାସ୍ତା ନିର୍ମାଣ ନିମନ୍ତେ ଜମି ଛାଡିବା ପାଇଁ ବାଧ କରାଯାଉଛି ,ତାହା ଠିକ ନୁହଁ । ବର୍ତମାନ ବଜାର ଜମିର ମୂଲ୍ୟ ଏକ କୋଟି ରେ କ୍ରୟବିକ୍ରୟ ଚାଲିଛି, ଏହାଉପରେ ଜନମତ ସଂଗ୍ରହ କରାଯାଉ ଏବଂ ସେହିହିସାବରେ ଜମିର ମୂଲ୍ୟ ପ୍ରଦାନ କରାଯାଉ, ଯଦିଓ ଏହା ର କୌଣସି ସରକାରୀ କାଗଜାତ ଉପଲବ୍ଧ ନାହିଁ । ପ୍ରଚଳିତ ଦର କୁ ବିଚାରକୁ ନେଇ ଜମି କ୍ଷତିପୂରଣ ପ୍ରଦାନ କରାଯାଉ । କମିଶନର କୋର୍ଟ ସମ୍ବଲପୁର ରେ ଦାୟର ହୋଇଥିବା ଆମର କେଶ ମାମଲା ର ଯଥାଶୀଘ୍ର ସୁବିଚାର କରି ଫଇସଲା କରାଯାଉ ।

୬ । ଚନ୍ଦ୍ରଶେଖର ସାହୁ

ଶ୍ରୀ ସାହୁ କହିଲେ ଯେ, ତାଙ୍କର ୨୩୫ ଡେସିମାଲ ପରିମାଣ ର ଜମି ଅଧିଗ୍ରହଣ ସକାଶେ ଘୋଷଣା ହୋଇଛି, ତତମଧ୍ୟରୁ ୪୦ ଡେସିମାଳ ଜମି ପଞ୍ଚମ ବନ୍ଦୋବସ୍ତ ରେ ସରକାରୀ ଖାତା ରେ ଦରଜ ହୋଇଛି । ଏହା ଉପରେ କମିଶନର କୋର୍ଟ ରେ କେସ ଚାଲିଛି । ଏହାର ଶୀଘ୍ର ଫଇସଲା କରାଯାଉ।

୭ । ଅଶୋକ କୁମାର ଭୁତ

ଶ୍ରୀ ଭୁତ କହିଲେ ଯେ, ଯଦିଓ ତାଙ୍କର ଜମି ଅଧିଗ୍ରହଣ ପାଇଁ ଚିହ୍ନଟ କରାଯାଇଥିବା ସୀମା ମଧରେ ରହିଛି, କିନ୍ତୁ ତାଙ୍କ ନାମ ଘୋଷଣାନାମା ରେ ଉଲ୍ଲଖିତ ହୋଇନାହିଁ କିମ୍ବା କୌଣସି ସରକାରୀ ସୂଚନା ଏପର୍ଯନ୍ତ ମିଳିନାହିଁ । ତାହାର ବ୍ୟବସ୍ଥା କରି ତାଙ୍କୁ ସଠିକ ଖବର ପ୍ରଦାନ କରାଯାଉ।

୮ । ଈଶ୍ୱର ଚନ୍ଦ୍ର ସାହୁ

ଶ୍ରୀ ସାହୁ କହିଲେ ଯେ, ତାଙ୍କର ସର୍ବମୋଟ ୪୮ ଡେସିମାଲ ପରିମାଣ ର ଜମି ଅଛି, ତାହାର କିଛି ଅଂଶ ବର୍ତମାନ ରାସ୍ତା ଉପରେ ହିଁ ପଡୁଅଛି । ବର୍ତ୍ତମାନ ର ରାସ୍ତା ର କେନ୍ଦ୍ରସ୍ଥଳ ରୁ ଉଭୟ ପଟ କୁ ରାସ୍ତା ନିର୍ଧାରଣ କଲେ ତାଙ୍କର ଆଉ ଜାଗା ରହୁନାହିଁ, ତେଣୁ ଜିଲ୍ଲାପାଳଙ୍କ ପାଚେରି ଭଙ୍ଗାଯାଇ ରାସ୍ତା ନିର୍ମାଣ କରାଗଲେ ତାଙ୍କର ଜାଗା ପ୍ରଭାବିତ ହେବନାହିଁ । ଏମିତି କରାଗଲେ ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୯ । ଭୀଷ୍ମ ମୁନି

ଶ୍ରୀ ମୁନି କହିଲେ ଯେ, ତାଙ୍କର ସର୍ବମୋଟ ୫ ଡେସିମାଲ ପରିମାଣ ର ଜମି ଅଛି, ତତମଧ୍ୟରୁ ୩ ଡେସିମାଲ ଜମି ଅଧିଗ୍ରହଣ ହେଉଛି, ରାସ୍ତା ର ଅପର ପାର୍ଶ୍ୱ ରେ ଯେହେତୁ ସରକାରୀ ଜମି ଅଛି ତେଣୁ ସେହି ପାର୍ଶ୍ୱ ରେ ରାସ୍ତା ନିର୍ମାଣ କରାଯାଉ । ଏମିତି କରାଗଲେ ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୧୦ । ଉପନନ୍ଦ ପୁରୋହିତ

ଶ୍ରୀ ପୁରୋହିତ କହିଲେ ଯେ, ତାଙ୍କର ଜମି ବିରସୁରେନ୍ଦ୍ର ସାଏ ଛକ ପାଖରେ ଅଛି । ସେ ଏପର୍ଯନ୍ତ ଜମି ଅଧିଗ୍ରହଣ ସମ୍ବନ୍ଧୀୟ କୌଣସି ନୋଟିସ ପାଇ ନାହାନ୍ତି । ତେଣୁ ଏ ବିଷୟ ରେ ତାଙ୍କୁ ସବିଶେଷ ବିବରଣୀ ଯୋଗାଇ ଦିଆଯାଉ । ଏମିତି କରାଗଲେ ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୧୦ । ମାଣିକ୍ୟ ମେହେର

ଶ୍ରୀ ମେହେର କହିଲେ ଯେ, ସେ ମ୍ୟୁନିସିପାଲିଟି ତରଫରୁ ଜାଗା ପାଇ ଘରତିଆରି କରି ରହୁଛନ୍ତି, ତାହାର କିଛିଅଂଶ ରାସ୍ତା ନିର୍ମାଣ ପାଇଁ ଭଙ୍ଗାଯାଇଛି, ତହିଁ ର କ୍ଷତିପୂରଣ ମିଳିଲେ ତାଙ୍କର ରାସ୍ତା ନିର୍ମାଣ ରେ କୌଣସି ଆପତ୍ତି ନହିଁ। ।

୧୧ । ବିରାଞ୍ଚି ମେହେର

ଶ୍ରୀ ମେହେର କହିଲେ ଯେ, ସେ ମ୍ୟୁନିସିପାଲିଟି ଇଉନିଟ- ୨ ର ବାସିନ୍ଦା । ସେ ଏପର୍ଯନ୍ତ ତାଙ୍କ ଜମି ଅଧିଗ୍ରହଣ ହେଉଛି ନା ନାହିଁ ଜାଣିନାହାନ୍ତି । ତେଣୁ ଜମି ଚିହ୍ନଟ କରି ତାଙ୍କୁ ଏ ବିଷୟର ଅବଗତ କରାଯାଉ। ।

୧୨ । ହରିହର ସାହୁ

ଶ୍ରୀ ସାହୁ କହିଲେ ଯେ, ତାଙ୍କର ସର୍ବମୋଟ ୫୦ ଡେସିମାଲ ପରିମାଣ ର ଜମି ଅଛି, ସେଥିମଧ୍ଯରୁ ୨୫ ଡେସିମାଲ ଜମି ଅଧିଗ୍ରହଣ ହେଉଅଛି । ପୂର୍ବରୁ ତାଙ୍କର ଉକ୍ତ ଜାଗା ଉପରେ ବିଦ୍ୟୁତ ତାର, ତେଣୁ ବାକି ଜାଗା ଅଧିଗ୍ରହଣ କରାଗଲେ ଆଉ ଜାଗା ରହିବନାହିଁ । ତାଙ୍କ ଜାଗାର ସାମନାପଟ କୁ ସରକରୀ ଜମି ରହିଛି, ଏଦିଗରେ ରାସ୍ତା ନିର୍ମାଣ କଲେ ତାଙ୍କର ଜାଗା ପ୍ରଭାବିତ ହେବନାହିଁ । ଏମିତି କରାଗଲେ ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୧୩ । ଗିରିଗୋବର୍ଦ୍ଧନ ଥନାପତି

ଶ୍ରୀ ଥନା ପତି କହିଲେ ଯେ, ତାଙ୍କର ଅଧିଗ୍ରହଣ ହେବାକୁ ଥିବା ଜମି ଉପରେ ବର୍ତମାନ କମିଶନର କୋର୍ଟ ରେ କେଶ ଚାଲିଛି । ତାଙ୍କୁ ଜମିର ଉଚିତ ମୂଲ୍ୟ ପ୍ରଦାନ କଲେ, ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୧୪ । ନାରାୟଣ ସାହୁ

ଶ୍ରୀ ସାହୁ କହିଲେ ଯେ, ତାଙ୍କର ଅଧିଗ୍ରହଣ ହେବାକୁ ଥିବା ଜମି ଉପରେ ସେ ଦୋକାନ ଘର ତିଆରି କରିଛନ୍ତି, କିନ୍ତୁ ତାର ମୂଲ୍ୟ ଚାଷଜମି ରୂପେ ନିର୍ଦ୍ଧାରଣ କରାଯାଇଛି, ତେଣୁ ଘରବାରି ହିସାବରେ ତାର କ୍ଷତି ପୂରଣ ପ୍ରଦାନ କରାଯାଉ । ଏମିତି କରାଗଲେ ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୧୫ । ନାରାୟଣ ସାହୁ

ଶ୍ରୀ ସାହୁ କହିଲେ ଯେ, ତାଙ୍କର ଦୁଇଗୋଟି ପ୍ଲଟ ରାସ୍ତାକୁ ସଂଲଗ୍ନ କରି ରହିଛି, କିନ୍ତୁ କିପରି ଗୋଟିଏ ପ୍ଲଟ ରୁ ଜମି ଅଧିଗ୍ରହଣ ପାଇଁ ଘୋଷଣା କରାଯାଇଛି, ତାହାର ତର୍ଜମା କରାଯାଇ ବ୍ୟବସାୟିକ ପ୍ଲଟ ହିସାବରେ ବିବେଚନା କରାଯାଇ କ୍ଷତି ପୂରଣ ରାଶି ପ୍ରଦାନ କରାଗଲେ, ତାଙ୍କର ରାସ୍ତା ନିର୍ମାଣରେ କୌଣସି ଆପତ୍ତି ନାହିଁ ।

୧୬ । ସୁଦାମ ଚରଣ ଦିଶରୀ

ଶ୍ରୀ ଦିଶରୀ କହିଲେ ଯେ, ଜିଲ୍ଲାପାଳଙ୍କ କାର୍ଯାଳୟ ସାମନାରେ ତାଙ୍କର ଜାଗା ରହିଛି, ସେଥିରୁ ୨ ଡେସିମାଲ ଜମି ଅଧିଗ୍ରହଣ ହେବ । ନିୟମାନୁଯାଇ ପାର୍ଶ୍ୱରେ ସରକାରୀ ଜାଗା ଥିଲେ ବେସରକାରୀ ଜାଗା ଅଧିଗ୍ରହଣ କରିବା ଉଚିତ୍ତ ନୁହେଁ, ତେଣୁ ଜିଲ୍ଲାପାଳଙ୍କ ପାଚେରି ଭଙ୍ଗାଯାଇ ରାସ୍ତା ନିର୍ମାଣ କରାଗଲେ ସେ ଏହି ରାସ୍ତା ନିର୍ମାଣ କୁ ସ୍ୱାଗତ ଜଣାଉଛନ୍ତି ।

# ଷଷ୍ଠ ଅଧ୍ୟାୟ

## ପ୍ରକଳ୍ପ ପ୍ରଭାବିତ ପରିବାରଙ୍କ ସାମାଜିକ- ଆର୍ଥିକ ଏବଂ ଜନସଂଖ୍ୟାର ବର୍ଣ୍ଣନା

ଏହି ଅଧ୍ୟାୟରେ ପ୍ରକଳ୍ପ ଅଂଚଳର ପ୍ରଭାବିତ ପରିବାର ଗୁଡିକର ସାମାଜିକ, ଅର୍ଥନୈତିକ ଚିତ୍ର ଓ ଚରିତ୍ର ସଂପର୍କରେ ଆଲୋଚନା କରାଯାଇଅଛି । ପ୍ରଭାବିତ ପରିବାରମାନଙ୍କର ବାସ୍ତବିକ ସ୍ଥିତି ଜାଣିବାପରେ ସେମାନଙ୍କର କ୍ଷତି ପୂରଣ ପ୍ରଦାନରେ ପୂନଃର୍ବାସ ଓ ଥଇଥାନ କ୍ଷେତ୍ରରେ ପ୍ରଶାସନକୁ ସହଜ ହେବ । ସା.ପ୍ର.ପ.ପ. କ୍ଷେତ୍ରରେ ଏହା ମଧ୍ୟ ସହଜ ହେବ । ଏ ଅଧ୍ୟାୟରେ ପରିବାରର ଶିକ୍ଷା, ସ୍ୱାସ୍ଥ୍ୟ ଓ ଅର୍ଥନୈତିକ ବିଚାର ମଧ୍ୟ ଓ ଜୀବନଶୈଳୀ ମଧ୍ୟରେ ସମସ୍ତ ତଥ୍ୟ ଆଲୋଚନା କରାଯାଇଅଛି । ବିଶେଷ କରି ସୋନପୁର ସହରାଂଚଳର ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩ ଅଂଚଳରେ ଲୋକମାନଙ୍କର ସାମଗ୍ରିକ ସ୍ଥିତି ସଂପର୍କରେ ଏଥିରେ ଆଲୋଚନା କରାଯାଇଅଛି ।

### ୬.୧- ପ୍ରକଳ୍ପ ପ୍ରଭାବିତ ଅ□ଳରେ ପରିବାରଙ୍କ ସମ୍ବନ୍ଧରେ ତଥ୍ୟ :-

**ସାରଣୀ-୬.୧: ପ୍ରଭାବିତ ପରିବାରଙ୍କ ସୂଚନା**

| ଅଂଚଳର ନାମ | ସର୍ବେକ୍ଷଣରେ ସାମିଲ ପରିବାର | | ସର୍ବେକ୍ଷଣରେ ସାମିଲ ପରିବାର | ମୋଟ ପରିବାର | ପ୍ରଭାବିତ ପରିବାରଙ୍କ % | ପରୋକ୍ଷ ପ୍ରଭାବିତ ପରିବାରଙ୍କ % |
|---|---|---|---|---|---|---|
| | ପ୍ରତ୍ୟେକ୍ଷ ପ୍ରଭାବିତ ପରିବାର | ପରୋକ୍ଷ ପ୍ରଭାବିତ ପରିବାର | | | | |
| ୟୁନଟ୍-୧ | ୧୬ | ୧୦ | ୨୬ | ୬୧୫ | ୨.୬ | ୧.୬ |
| ୟୁନଟ୍ -୨ | ୧୬ | ୧୦ | ୨୬ | ୮୮୮ | ୧.୮ | ୧.୧ |
| ୟୁନଟ୍ -୩ | ୧୫ | ୧୦ | ୨୫ | ୮୩୩ | ୧.୮ | ୧.୧ |
| **ସମୁଦାୟ** | **୪୭** | **୩୦** | **୭୭** | **୨୩୩୭** | **୨.୦୧** | **୧.୨୮** |

*ଉତ୍ସ: କ୍ଷେତ୍ରସର୍ବେକ୍ଷଣ * ୨୦୧୧ ମସିହା ଜନଗଣନା*

ଉପରୋକ୍ତ ସାରଣୀରେ ଦେଖାଇ ଦିଆଯାଇଅଛି ଯେ, ୨୦୧୧ ମସିହା ଜନଗଣନା ଅନୁସାରେ ମୋଟ ୭୮ଟି ପରିବାର ପ୍ରକଳ୍ପ ପ୍ରଭାବିତ ଅଂଚଳରେ ବାସକରୁଛନ୍ତି । ତେଣୁ ଏଠାରେ ୭୮ଟି ପରିବାର ବ୍ୟତିତ ପ୍ରତ୍ୟେକ ୟୁନିଟ୍‌ରୁ ୧୦ଟି ଲେଖାଏଁ ପରୋକ୍ଷ ପରିବାରଙ୍କ ମଧ୍ୟ ସର୍ବେକ୍ଷଣ କରାଯାଇଥିଲା ।

### ୬.୨.-ପ୍ରଭାବିତ ପରିବାରରେ ଜନସାଂଖ୍ୟିକ ବିଚାର:-

### ୬.୨.୧.- ପରିବାର ମାନଙ୍କରେ ଲିଙ୍ଗଗତ ଆବଂଟନ:

ସର୍ବେକ୍ଷଣରୁ ଜଣାପଡେ ଯେ, ପ୍ରଭାବିତ ଅଂଚଳର ୮୫.୧% ଅର୍ଥାତ ୪୦ଟି ପରିବାର ପୁରୁଷ ପ୍ରାଧାନ୍ୟ ଅଟନ୍ତି । ୧୪.୯ ପରିବାର ଅର୍ଥାତ ୭ଟି ମହିଳା ମୁଖ୍ୟ ପରିବାର ଅଛନ୍ତି ।

ଲିଙ୍ଗଗତ ଦୃଷ୍ଟି କୋଣରୁ ଦେଖିଲେ ମହିଳା ମୁଖ୍ୟ ପରିବାର ଗୁଡିକ ଦୁର୍ବଳ ଶ୍ରେଣୀର । ଏହା ସର୍ବଭାରତୀୟ ଚିତ୍ରପଟ୍ଟ ବାଧ୍ୟ ବାଧକତାରେ ପରିବାରର ମୁଖ୍ୟ ଭାବରେ ମହିଳାମାନେ କାମକରୁଛନ୍ତି । ଏହା କୌଣସି ସ୍ୱାଭାବିକ ଧାରା ନୁହେଁ । ପରିଶିଷ୍ଟରେ ୟୁନିଟ୍ ଅନୁସାରେ ଏହା ସୂଚିତ କରାଯାଇଅଛି ।

ଚିତ୍ର:୬.୧ ପ୍ରଭାବିତ ପରିବାରଙ୍କ ଲିଙ୍ଗଗତ ଆବଂଟନ




## ୬.୨.୨-ପ୍ରଭାବିତ ଅଂଚଳର ବୟସଗତ ଆବଂଟନ ।

ଉପରୋକ୍ତ ସାରଣୀରେ ବୟସଗତ ଆବଂଟନ ବିଷୟରେ ଦର୍ଶାଇ ଦିଆଯାଇଅଛି । ବିଚାର ବ୍ୟକ୍ତ କରିବାରେ ବୟସର ଭୂମିକା ଗୁରୁତ୍ୱପୂର୍ଣ୍ଣ । ପ୍ରକଳ୍ପ ପ୍ରଭାବିତ ଅଂଚଳର ଜନସାଧାରଣଙ୍କର ବୟସକୁ ଏଠାରେ ଦର୍ଶାଯାଇଅଛି । ପୁନଃର୍ବାସ ଓ ଥଇଥାନ କ୍ଷେତ୍ରରେ ବୟସର ସ୍ଥିତିକୁ ନେଇ ପରିଯୋଜନା କରିବାର ଆବଶ୍ୟକତା ଅଛି । ତଥ୍ୟ ଅନୁସାରେ ୩୯.୮% ଲୋକ ୧୯-୪୦ ବର୍ଷ ବୟସସୀମା ମଧ୍ୟରେ ଅଛନ୍ତି । ୨୯.୫% ୪୧-୬୦ ବର୍ଷ ବୟସସୀମା ମଧ୍ୟରେ ଅଛନ୍ତି । ୧୦.୬% ୭-୧୪ବର୍ଷ ବୟସସୀମା ମଧ୍ୟରେ ଅଛନ୍ତି ଏବଂ ୯.୫% ୬୦ରୁ ଅଧିକ ବର୍ଷ ବୟସସୀମା ମଧ୍ୟରେ ଅଛନ୍ତି । ପରିଯୋଜନା ପ୍ରସ୍ତୁତ ସମୟରେ ବୟସ୍କ ଏବଂ ଦୁର୍ବଳ ବର୍ଗର ସହାବସ୍ଥାନକୁ ଯଥେଷ୍ଟ ଧ୍ୟାନ ଦେବାକୁ ପଡିଥାଏ । ପରିଶିଷ୍ଟରେ ୟୁନିଟ୍ ଅନୁଯାଇ ତଥ୍ୟ ଦିଆଯାଇଅଛି ।

ଚିତ୍ର ୬.୨-ପ୍ରଭାବିତ ଅଂଚଳର ବୟସଗତ ଆବଂଟନ




Chart:6.2.1 Unit-wise age distribution of affected population




## ୬.୨.୩.-ପ୍ରଭାବିତ ଅଂଚଳରେ ଲିଙ୍ଗଗତ ଆବଂଟନ -

ପୁନଃର୍ବାସ ଓ ଥଇଥାନ କ୍ଷେତ୍ରରେ ଲିଙ୍ଗଗତ ବିଚାର ଆଲୋଚନାକୁ ଅଣାଯାଇଥାଏ । ତେଣୁ ସା.ପ୍ର.ଆ.ଅ. ସମୟରେ କ୍ଷେତ୍ରରୁ ଲିଙ୍ଗଗତ ତଥ୍ୟ ସଂଗ୍ରହ କରାଯାଇଥିଲା । ପ୍ରକଳ୍ପ ଅଂଚଳରେ

୨୬୪ଲୋକଙ୍କ ମଧ୍ୟରୁ ୧୫୯ଜଣ (୬୦.୨%) ପୁରୁଷ ଏବଂ ୧୦୫ଜଣ (୩୯.୮%) ମହିଳା ଅଟନ୍ତି । ଆନୁପାତିକ ହାରରେ ପୁରୁଷ :ମହିଳା ହେଉଛି ୧୦୦୦:୬୬୬ । ୨୦୧୧ ଜନଗଣନା ଅନୁସାରେ ଓଡ଼ିଶାର ହାରଥିଲା ୧୦୦୦:୯୭୯ । ଏଥିରୁ ଜଣାପଡେ ଏହି ଅଂଚଳରେ ଲିଙ୍ଗଗତ ଭିର୍ଣ୍ଣତା ରହିଛି । ପରିଶିଷ୍ଟରେ ସାରଣୀ ୬.୩ରେ ଏହାର ସୂଚୀ ଦିଆଯାଇଅଛି ।

ଚିତ୍ର ୬.୩-ପ୍ରଭାବିତ ଅଂଚଳରେ ଲିଙ୍ଗଗତ ଆବଂଟନ




## ୬.୩.-ପ୍ରଭାବିତ ପରିବାରର ସାମାଜିକ – ସାଂସ୍କୃତିକ ବର୍ଣ୍ଣନା:-

ପ୍ରତ୍ୟେକ ବିକାଶ ମୂଳକ ଯୋଜନାରେ ପ୍ରଭାବିତ ଅଂଚଳର ବାସକରୁଥିବା ପରିବାରମାନଙ୍କୁ ସେମାନଙ୍କର ସାମାଜିକ ସାଂସ୍କୃତିକ ବିଚାରଧାରାକୁ ଅନୁମାନ କରିବାର ଆବଶ୍ୟକତା ରହିଛି । ଏଥିରେ ସେମାନଙ୍କର ବୈବାହିକ ସ୍ଥିତି, ପରିବାରର ପ୍ରକାର, ଜାତୀଗତ ଆବଂଟନ, ଶିକ୍ଷା ଓ ଶୈକ୍ଷିକହାର ଆଦି ବିଚାରକୁ ନିଆଯାଏ ।

**୬.୩.୧ .-ପ୍ରଭାବିତ ପରିବାରର ପାରିବାରିକ ଢାଂଚା :-**ଆଧୁନିକ ସମାଜରେ ପରିବାରର ଗଠନ ଗୁରୁତ୍ୱ ବହନ କରୁଅଛି । ଏହି ପ୍ରକଳ୍ପ ଅଂଚଳରେ ଆମ ଆକଳନକାରୀ ଦଳ ପ୍ରଭାବିତ ପରିବାରର ଗଠନ ବିଷୟରେ ତଥ୍ୟ ହାସଲ କରିଥିଲେ । ପ୍ରତ୍ୟେକ୍ଷ ପ୍ରଭାବିତ ପରିବାର ମଧ୍ୟରୁ ୨୯ଟି ପରିବାର (୬୧.୭%) ଯୌଥପରିବାର ଏବଂ ୧୮ଟି ପରିବାର (୩୮.୩%) ଏକକ ପରିବାର ଅଟେ । ପୂର୍ବର ଯୌଥପରିବାର କଥା ବୁଡିବାକୁ ବସିଲାଣି ।

**୬.୩.୨ .-ପ୍ରଭାବିତ ପରିବାରର ଦୁର୍ବଳ ଶ୍ରେଣୀ :-**

ଭାରତୀୟ ସମାଜ ଜାତି, ଧର୍ମ, ଲିଙ୍ଗ ଆଧାରରେ ବର୍ଗିକରଣ ହୋଇଥିବାରୁ ଏହାର ଆଲୋଚନା ବେଶ ସମ୍ବେଦନଶୀଳ । ପ୍ରକଳ୍ପ ପ୍ରଭାବିତ ଅଂଚଳରେ ସା.ପ୍ର.ଆ.ଅ. ଦଳ ଏହି ସମ୍ବେଦନଶୀଳ ପ୍ରସଙ୍ଗ ଉପରେ ତଥ୍ୟ ସଂଗ୍ରହ କରିଥିଲେ । ଏଥିରେ ଅ.ଜ.ଜା., ଅ.ଜା, ମହିଳା ମୁଖ୍ୟ, ଦିବ୍ୟାଙ୍ଗମୁଖ୍ୟ ଭଳି ସମ୍ବେଦନଶୀଳ ବିନ୍ଦୁ ଉପରେ ଆଧାର କରି ତଥ୍ୟ ହାସଲ କରାଯାଇଥିଲା । ପାଶ୍ୱସ୍ଥ ଚିତ୍ରରେ ଏ ବିଷୟରେ ଅବତାରଣା କରାଯାଇଅଛି । ତଥ୍ୟ ଅନୁସାରେ ୮ଟି ପରିବାର ମହିଳା ମୁଖ୍ୟ, ୨ଟି ଅ.ଜା.ବର୍ଗର ଏବଂ ୨ଟି ଦିବ୍ୟାଙ୍ଗ ମୁଖ୍ୟ ପରିବାର ଏଠାରେ ଅଛନ୍ତି ।

ଚିତ୍ର–୬.୪–ପ୍ରଭାବିତ ପରିବାରର

ଚିତ୍ର–୬.୫–ପ୍ରଭାବିତ ପରିବାରର ଦୁର୍ବଳ ବର୍ଗ




## ୬.୩.୩-ପ୍ରଭାବିତ ଅଂଚଳରେ ବୈବାହିକ ସ୍ଥିତି -

ବୈବାହିକ ଜୀବନ ସମାଜ ଉପରେ ଆଚାର ବିଚାର ଜୀବନ ଶୈଳୀ ଆଦି ବିନ୍ଦୁକୁ ନେଇ ପ୍ରଭାବ ପକାଇଥାଏ । ସା.ପ୍ର.ଆ.ଅ. ଦଳ ପ୍ରକଳ୍ପ ଅଂଚଳର ବୈବାହିକ ସ୍ଥିତି ଆକଳନ କରିଥିଲେ । ପାଖ ଚିତ୍ରରେ ଏହା ସୂଚିତ କରାଯାଇଅଛି । ପ୍ରକଳ୍ପ ଅଂଚଳରେ ୨୬୪ଲୋକଙ୍କ ମଧ୍ୟରୁ ୧୪୩ଜଣ ବିବାହିତ । ୧୧୨ଜଣ ଅବିବାହିତ । ୭ଜଣ ବିଧବା । ୩ଜଣ ଛାଡପତ୍ର ନେଇଛନ୍ତି ଏବଂ ଜଣେ ଏକାକୀ ଜୀବନ ଅତିବାହିତ କରୁଛନ୍ତି । ପରିଶିଷ୍ଟରେ ସମସ୍ତ ତଥ୍ୟ ୟୁନିଟ୍ ଆକାରରେ ଦିଆଯାଇଅଛି ।



ଚିତ୍ର-୬.୬-ପ୍ରଭାବିତ ଅଂଚଳରେ ବୈ ହିକ ସ୍ଥିତି



Chart: 6.6.1 Unit-wise Marital Status of Affected Population

### ୬.୩.୪.-ପ୍ରଭାବିତ ଅଂଚଳରେ ଜାତିଗତ ଆବଂଟନ -

ଆକଳନରୁ ଜଣାପଡିଛି ପ୍ରକଳ୍ପ ପ୍ରଭାବିତ ଅଂଚଳରେ ସମସ୍ତେ ହିନ୍ଦୁ ଅଟନ୍ତି । ଏଣୁ ଆକଳନକାରୀମାନେ ସେମାନଙ୍କର ଜାତିଗତ ତଥ୍ୟ ସଂଗ୍ରହ କରିଥିଲେ । ପାଖ ଚିତ୍ରରେ ଏହା ସୂଚିତ କରାଯାଇଅଛି । ଏଥିରୁ ଜଣାପଡେ ୨୮ଟି ପରିବାର ଅ.ପ.ବ.ର, ୧୭ଟି ପରିବାର ସାଧାରଣ ବର୍ଗର, ୨ଟି ପରିବାର ଅ.ଜା.ବର୍ଗର । ଏଠାରେ କୌଣସି ଅ.ଜ.ଜା.ବର୍ଗର ପରିବାର ସିଧାସଳଖ ପ୍ରଭାବିତ ହୋଇନାହାଁନ୍ତି । ଅ.ଜା. ଏବଂ ଅ.ଜ.ଜା ବର୍ଗର ଲୋକମାନେ ସମାଜରେ ସାଧାରଣତଃ ଅବହେଳିତ ହୋଇ ରହିଥା'ନ୍ତି । ପୁନଃର୍ବାସ ଓ ଥଇଥାନ କଲାବେଳେ ସେମାନଙ୍କୁ ଅବହେଳା କରାଯିବା ଉଚିତ୍ ନୁହେଁ । ପରିଶିଷ୍ଟରେ ୟୁନିଟ୍ ଅନୁଯାୟୀ ଜାତିଗତ ସୂଚନା ଦିଆଯାଇଅଛି ।



ଚିତ୍ର ୬.୭-.-ପ୍ରଭାବିତ ଅଂଚଳରେ ଜାତିଗତ ଆବଂଟନ

### ୬.୩.୫-ଶିକ୍ଷିତ ଏବଂ ଶିକ୍ଷାଗତ ହାର –

ଶିକ୍ଷା ସମାଜକୁ ସମ୍ବେଦନଶୀଳ କରାଏ । ବିକାଶମୂଳକ ଯୋଜନାରେ ଗତିକୁ କ୍ରିୟାଶୀଳ ବ୍ୟକ୍ତି ଅଧିକାରକୁ ସୁ-ନିଶ୍ଚିତ କରାଏ । ପ୍ରଭାବିତ ପରିବାରଙ୍କର ଶିକ୍ଷା ଓ ଶିକ୍ଷିତହାରର ତଥ୍ୟ ଆମ ଆକଳନକାରୀ ସଂଗ୍ରହ କରିଥିଲେ । ପାଖ ଚିତ୍ରରେ ଏହା ସୂଚିତ କରାଯାଇଅଛି । ୪.୯% ଅର୍ଥାତ୍ ୧୩ଜଣ ଏବଂ ୬.୧% ଅର୍ଥାତ୍ ୧୬ଜଣ ଅଶିକ୍ଷିତ କିମ୍ବା ଅଳ୍ପଶିକ୍ଷିତ ଅଟନ୍ତି । ଏହି ସଂଖ୍ୟା ନଗନ୍ୟ ଅଟେ । ନିଶ୍ଚିତଭାବେ କୁହାଯାଇପାରେ ପ୍ରକଳ୍ପ ଅଂଚଳରେ ଅଧିକାଂଶ ସେମାନଙ୍କର ସରକାରୀ କାଗଜପତ୍ର କରିବାକୁ ସମର୍ଥ ଏବଂ ଯଥାର୍ଥ କ୍ଷତିପୂରଣ ରାଶି ପାଇବାକୁ ସେମାନଙ୍କର ଅଧିକାର ଜାହିର କରିବାପାଇଁ ସମର୍ଥ । ଏଠାରେ ୭୩ଜଣ ସ୍ନାତକ, ୪୭ଜଣ ଉଚ୍ଚ ମାଧ୍ୟମିକ, ୪୪ଜଣ ମାଧ୍ୟମିକ, ୩୯ଜଣ ମାଇନର ଶିକ୍ଷା ଶେଷ କରିଛନ୍ତି । ୩୦ଜଣ ବୃତିଗତ ଶିକ୍ଷା ଏବଂ ୨ଜଣ ସ୍ନାତୋକତର ଶିକ୍ଷା ପାଇଛନ୍ତି । ୟୁନିଟ୍-୧ ଅଂଚଳରେ ସର୍ବାଧିକ ଶିକ୍ଷିତ ବ୍ୟକ୍ତି ଥିବାର ଜଣାପଡିଛି । ପରିଶିଷ୍ଟରେ ଏ ବିଷୟର ସବିଶେଷ ତଥ୍ୟ ଦିଆଯାଇଅଛି ।

ଚିତ୍ର ୬.୮-ଶିକ୍ଷିତ ଏବଂ ଶିକ୍ଷାଗତ ହାର




Chart: 6.8.1 Unit-wise Distribution of affected population by education




## ୬.୪-ପ୍ରଭାବିତ ପରିବାରର ଅର୍ଥନୈତିକ ବର୍ଣ୍ଣନା –

ଅର୍ଥନିତି ପରିବାରର ଦର୍ପଣ ଅଟେ । ପାର୍ଥିବ ଓ ଅପାର୍ଥିବ ଆବଶ୍ୟକତା ପରିପୂରଣରେ ଅର୍ଥନିତି ଗଭୀର ପ୍ରଭାବ ପକାଇଥାଏ । ପରିବାରର ଅର୍ଥନିତି ସୁଦୃଢ ହେଲେ ଜୀବନଧାରଣ ଶୈଳୀରେ ପରିବର୍ତନ ଆସିଥାଏ । ଏହି ଅର୍ଥନିତି ପରିବାରର ବୃତି ଓ ରୋଜଗାର ଉପରେ ନିର୍ଭରଶୀଳ ଅଟେ ।

Chart:6.9 Employment status of affected HH members




ନିମ୍ନରେ ଏ ବିଷୟରେ ଆଲୋଚନା କରାଯାଇଛି...

### ୬.୪.୧-ପ୍ରଭାବିତ ଅଂଚଳର ମୁଖ୍ୟ ବୃତି –

ପାଖ ଚିତ୍ରରେ ପ୍ରଭାବିତ ଅଂଚଳର ବୃତି ଅନୁସାରେ ଲୋକମାନଙ୍କର ବିଭାଗିକରଣ ଦେଖାଇ ଦିଆଯାଇଅଛି ।




୩୩.୭% ଜନସାଧାରଣ ପ୍ରକୃତରେ ବେରୋଜଗାରୀ । ୩୬.୭% ଅର୍ଥାତ୍ ୯୭ଜଣ ରୋଜଗାର କରୁଛନ୍ତି । ୨୮.୯% ଅର୍ଥାତ୍ ଛାତ୍ର, ଛୋଟପିଲା ଏବଂ ବୟସ୍କ ଲୋକ ରୋଜଗାରିଆଙ୍କ ଉପରେ ନିର୍ଭର କରି ଚଳୁଛନ୍ତି । ତଥ୍ୟ ଅନୁସାରେ ୬୫.୨% ଜନସାଧାରଣ ହେଉଛନ୍ତି ଛାତ୍ର ଗୃହିଣୀ ଏବଂ ବୟସ୍କ । ୧୯.୭% ଅର୍ଥାତ୍ ୫୨ଜଣ ବ୍ୟବସାୟରୁ ଆୟକରି ଚଳନ୍ତି । ୬.୪% ଅର୍ଥାତ୍ ୧୭ଜଣ ବେତନଭୋଗୀ କର୍ମଚାରୀ । ୩.୮% ଅର୍ଥାତ୍ ୧୦ଜଣ କୃଷି କାର୍ଯ୍ୟକରନ୍ତି । ୩% ଅର୍ଥାତ୍ ୮ଜଣ ଦିନମଜୁରିଆ । ୧.୯% ଅର୍ଥାତ୍ ୫ଜଣ କୃଷି ଉପରେ ନିର୍ଭର କରି ଚଳନ୍ତି । ପରିଶିଷ୍ଟରେ ସବିଶେଷ ତଥ୍ୟ ଦିଆଯାଇଅଛି ।

**୬.୪.୨-ପ୍ରଭାବିତ ପରିବାରର ରୋଜଗାର –**

ଗୋଟିଏ ପରିବାରର ରୋଜଗାର ଅର୍ଥନୈତିକ ବିକାଶର ମାପଦଣ୍ଡ । ରୋଜଗାରରୁ ବ୍ୟୟ, ଜୀବନଶୈଳୀ ତଥା ସଂଚୟର ବିଚାରଧାରା ଜଣାଯାଏ । ଏହାକୁ ବିଚାରକରି ପ୍ରଭାବିତ ଅଂଚଳରେ ବାର୍ଷିକ ରୋଜଗାରର ତଥ୍ୟ ସଂଗ୍ରହ କରାଯାଇଥିଲା । ପାଖ ଚିତ୍ର ଅନୁଯାୟୀ ୧୫୫ଟି ପରିବାରର ବାର୍ଷିକ ରୋଜଗାର ୩ଲକ୍ଷ ଟଙ୍କାରୁ କମ୍ ଅଟେ । ୪୨ଟି ପରିବାରର ବାର୍ଷିକ ଆୟ ୨ଲକ୍ଷରୁ ୫ଲକ୍ଷ ଟଙ୍କା ଭିତରେ । ୩୧ଟି ପରିବାରର ରୋଜଗାର ୫ଲକ୍ଷ ଟଙ୍କା ଉପରେ । ପରିଶିଷ୍ଟରେ ସବିଶେଷ ତଥ୍ୟ ଦିଆଯାଇଅଛି ।




**୬.୪.୩-ପ୍ରଭାବିତ ପରିବାରର ଉପଭୋକ୍ତାର ତରିକା ପାଖ ଚିତ୍ରରେ ଉପଭୋକ୍ତାର ଚିତ୍ର ଦିଆଯାଇଅଛି –** ସୂଚନା ଅନୁସାରେ ୧୯ ଟି ପରିବାର (୪୦.୪%) ମାସିକ ତିନି ହଜାରରୁ ଚାରି ହଜାର ଟଙ୍କା ମଧ୍ୟରେ ଖର୍ଚ୍ଚ କରନ୍ତି । ଏହି ଖର୍ଚ୍ଚ ଖାଦ୍ୟ ସାମଗ୍ରୀ କିଣାରେ ବ୍ୟୟ ହୁଏ । ୧୬ ଟି ପରିବାର (୩୪%) ମାସିକ ୪ ହଜାରରୁ ଅଧିକ ଟଙ୍କା








ବିନିଯୋଗ କରନ୍ତି । ୮ ଟି ପରିବାର (୧୭%), ୪ ଟି ପରିବାର (୮.୫%) ଯଥାକ୍ରମେ ୨୦୦୦ ଏବଂ ୩୦୦୦ ଟଙ୍କା ସୌଦା ବାବଦରେ ବିନିଯୋଗ କରନ୍ତି । ଏହା ବ୍ୟତୀତ ଅଣଖାଦ୍ୟ ବାବଦ ଖର୍ଚ୍ଚ ମଧ୍ୟ ରହିଛି । ଚିତ୍ର ୬.୧୩ ରେ ଏହା ସୂଚିତ କରାଯାଇଛି । ୧୯ ଟି ପରିବାର (୪୦.୪%) ବାର୍ଷିକ ୧୦,୦୦୦ରୁ ୨୦,୦୦୦ ଟଙ୍କା ମଧ୍ୟରେ ଖର୍ଚ୍ଚ କରନ୍ତି । ପରିଶିଷ୍ଟରେ ସମ୍ପୂର୍ଣ୍ଣ ସୂଚନା ଦିଆଯାଇଅଛି । ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚ ସଂପର୍କରେ ୪୭ଟି ପରିବାର ମଧ୍ୟରୁ ୩୧ ପରିବାର କୌଣସି ସୂଚନା ଦେଇପାରିଲେ ନାହିଁ । ୧୬ଟି ପରିବାର (୩୪%) ସେମାନଙ୍କ ସ୍ୱାସ୍ଥ୍ୟ ବାବଦ ଖର୍ଚ୍ଚର ହିସାବ ଦେଇପାରିଲେ । ପରିଶିଷ୍ଟରେ ଏହାର ସୂଚନା ଦିଆଯାଇଛି ।

### ୬.୪.୪. ପ୍ରଭାବିତ ପରିବାରର ଋଣ ଗ୍ରହିତା

ଋଣ ଗ୍ରହଣିୟତା ପରିବାରର ଆର୍ଥିକ ସ୍ଥିତିର ରୁପରେଖ ବର୍ଣ୍ଣନା କରେ । ପରିବାର ସୁଖ ଦୁଃଖର ବିବରଣୀ ଏଥିରୁ ମିଳିଥାଏ । ସା.ପ୍ର.ଆ.ଅ କାରି ଦଳ ଏହି ଅଚଂଳର ଋଣ ଗ୍ରହଣୀୟତାର ତଥ୍ୟ ହାସଲ କରିଥିଲେ । ତଥ୍ୟ ଅନୁସାରେ ୩୦ ଟି ପରିବାର କୌଣସି ଋଣ ଗ୍ରହଣ କରିନାହାଁନ୍ତି । ୧୭ ଟି ପରିବାର ବିଭିନ୍ନ ଆର୍ଥିକ ସଂସ୍ଥାରୁ ଋଣ ଆଣିଥିଲେ । ବିଭିନ୍ନ କାରଣରୁ ସେମାନେ ଋଣ ଗ୍ରହଣ କରିଥିବାରୁ ତଥ୍ୟ ମିଳିଛି । ୭୩%ଲୋକ ବେପାର ବଣିଜ କରିବା ପାଇଁ, ୨୧.୭%ଲୋକ ଘର ତିଆରି କରିବା ପାଇଁ, ୪.୩% ଲୋକ ଚାଷ
ବାଷ ପାଇଁ ଋଣ କରିଥିବାର ସୂଚନା ମିଳେ ।

### ୬.୪.୫ ପ୍ରଭାବିତ ପରିବାରର ଗୃହର ଢାଚାଂ, ସୁବିଧା ଓ ସୁଯୋଗ ଏବଂ ସଂପତିର ତାଲିକା ।




ସାରଣୀ-୬.୨. : ପ୍ରଭାବିତ

| କାନ୍ଥ | | | | | | | | |
|---|---|---|---|---|---|---|---|---|
| ପ୍ରକାର | ମୋଟ ଘର | % | ପ୍ରକାର | ମୋ | | | | |
| କାଦୁଅ | ୯ | ୧୯.୧୦ | ଚାଳଘର | | | | | |
| ଇଟାସିମେଂଟ | ୩୮ | ୮୦.୯୦ | ଆଜବେଷ୍ଟସ୍ | | | | | |
| | | | କ୍ରକ୍ରିଂଟ୍ | | | | | |
| ମୋଟ | ୪୭ | ୧୦୦.୦୦ | ମୋଟ | | | | ମୋଟ | ୧୦୦.୦ |







ପ୍ରକଳ୍ପ ଅଚଂଳର ଗୃହ ନିର୍ମାଣର ରୁପରେଖ ସାମାଜିକ ସ୍ଥିତି ଆଦି କ୍ଷତି ପୂରଣ ଭରଣା କରିବା ସମୟରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ । ଉପରୋକ୍ତ ସାରଣୀରେ ଏହି ବଷୟରେ ସୂଚନା ଦିଆଯାଇଛି । ୮୦.୯

% ପରିବାରର ଘର ଗୁଡ଼ିକ ଇଟା ଓ ସିମେଣ୍ଟ, ୧୯.୧% ପରିବାରର ଘର ମାଟି କାନ୍ଥର ହୋଇଛି । ୭୮.୭% ଘର ଛାତ ଘର ୧୯.୧% ଚାଳଘର ଏବଂ ୨.୧ % ଆଜବେଷ୍ଟେସ୍‌ର ଘର ରହିଛି । ୭୪.୪ % ଘରର ଚଟାଣ ସିମେଣ୍ଟ, ୧୯.୧% ଘରର ଚଟାଣ ମାଟି ଏବଂ ୬.୩% ଘରର ଚଟାଣ ଟାଇଲ୍ ହୋଇଅଛି । ଚିତ୍ର ଅନୁଯାୟୀ ୭୮.୭ % ପରିବାର ପାଇପ୍ ଯୋଗେ ପାନୀୟଜଳ ପାଇଛନ୍ତି । ୨୧.୩% ଲୋକ ନଳକୂଅରୁ ପାନୀୟ ଜଳ ସଂଗ୍ରହ କରି ଚଳନ୍ତି । ଚିତ୍ର ୬.୧୮ ରେ ପରିବାର ଦ୍ୱାରା ଉପଭୋଗ କରାଯାଉଥିବା ସାମଗ୍ରୀର ପରିମାଣର ସୂଚନା ମିଳେ । ତଥ୍ୟ ଅନୁସାରେ ମୋବାଇଲ୍ ଫୋନ୍, ଟିଭି, ଦୁଇଚକିଆ ଗାଡି, ରନ୍ଧନ ଗ୍ୟାସ୍, ସାଇକେଲ୍, ଫ୍ରିଜ୍ ସମସ୍ତ ପରିବାରରେ ରହିଅଛି । ଜଣାପଡିଛି ଏଠାରେ ୫୨ ଟି ଟିଭି, ୫୨ ଟି ଦୁ ଚକିଆ ଗାଡି, ୪୭ ଟି ପରିବାରରେ ବାସନ କୁସନ, ୪୭ ଟି ସାଇକେଲ୍, ୩୭ ଟା ଫ୍ରିଜ୍, ୩୪ ଟା ରୋଷେଇ ଗ୍ୟାସ୍, ୮ ଟି ଚାରି ଚକିଆ ଗାଡି ଲୋକ ମାନଙ୍କ ପାଖରେ ଅଛି । ପରିଶିଷ୍ଟରେ ଏ ସମସ୍ତ ତଥ୍ୟ ଦିଆଯାଇଅଛି ।

# ସପ୍ତମ ଅଧ୍ୟାୟ

## ଜମି ତଥା ଅନ୍ୟାନ୍ୟ ସମ୍ପ□କ୍ଷୟର ଆକଳନ

ସୋନପୁର ମହାନଦୀ ପୋଲର ୦.୦ କି.ମି. ଠାରୁ ୩/୨୬୦ କି.ମି ପର୍ଯ୍ୟନ୍ତ (ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ) ଚାରିଥାକିଆ ରାସ୍ତାର ପ୍ରଶସ୍ତିକରଣ ପାଇଁ ଯେଉଁ ପ୍ରକଳ୍ପ ପ୍ରସ୍ତୁତ କରାଯାଇଅଛି ତାହାର ରୂପାୟନ ପାଇଁ ଯେଉଁ ଜମି ଓ ଅନ୍ୟାନ୍ୟ ସଂପତିର ହାନି ହେବ ତାହାର ଏକ ଆକଳନ ଏହି ଅଧ୍ୟାୟରେ କରାଯାଇଅଛି । ସୋନପୁର ପୌରାଚଂଳ ମଧ୍ୟରେ ଯେହେତୁ ରାସ୍ତାଟି ତିଆରି ହେବ ସେହି ଅଂଚଳର ଜମି ଏଥିପାଇଁ ବିନିଯୋଗ ହେବ । ଏହି ଜମିର ଉପଭୋଗ କାରୀଙ୍କ ଠାରୁ ଏହା ଅଧିଗୃହିତ ହେବାର ଅଛି । ଏଥିପାଇଁ ସେମାନଙ୍କର ଜୀବନ ଜିବୀକା ଗଭୀର ଭାବରେ ପ୍ରଭାବିତ ହେବ । ସେଥିପାଇଁ ପ୍ରଶାସନ ସମ୍ବେଦନଶୀଳ ହୋଇ କ୍ଷତି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରିବା ଉଚିତ୍ ।

### ୭.୧ - ପ୍ରଭାବିତ ପରିବାରଙ୍କ ଜମିଧାରଣର ପ୍ରକାର ।

ପ୍ରଭାବିତ ପରିବାରଙ୍କ ଜମି ଧାରଣ କ୍ଷମତାକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା ଉପଭୋଗ କରୁଥିବା ଜମିର ପ୍ରକାର ଏବଂ ଉକ୍ତ ଜମିର କିସମ । ପ୍ରଥମରେ ଜମିର ପ୍ରକାର ମାନେ ଉପଭୋଗ କରୁଥିବା ବ୍ୟକ୍ତି ମାନେ ପ୍ରକୃତରେ ଆଇନ୍ ଅନୁସାରେ ଜମିର ମାଲିକାନା ଜାହିର କରୁଛନ୍ତି ନା ନାହିଁ, ତାହାର ଆକଳନ କରିବା ଏବଂ ଦ୍ୱିତୀୟରେ ଜମିର କିସମ ମାନେ ତାହା ଜଳସେଚିତ ବା ଅଣଜଳସେଚିତ ବା ଉତ୍ପାଦନର ହାରକୁ ବିଚାର କରିବା ।

### ୭.୧.୧ - ପ୍ରଭାବିତ ପରିବାରର ଜମି ଉପଭୋଗର ପ୍ରକାର ।



| ସାରଣୀ-୭.୧ ପ୍ରଭାବିତ ପରିବାରର ଜମିର ପ୍ରକାର (ଏକରରେ) |
| --- |

| ଅଂଚଳ | ବ୍ୟକ୍ତିଗତ | ସରକାରୀ | ଜଙ୍ଗଲ | ଧର୍ମାନୁଷ୍ଠାନ | ପଥ | ମୋଟ |
|---|---|---|---|---|---|---|
| ୟୁନିଟ୍-୧ | ୨୯.୫୯୫ | ୦ | ୦ | ୦ | ୦ | ୨୯.୫୯୫ |
| ୟୁନିଟ୍ -୨ | ୬୫.୬୫୩ | ୦ | ୦ | ୦ | ୦ | ୬୫.୬୫୩ |
| ୟୁନିଟ୍ -୩ | ୭୯.୧୦୫ | ୦ | ୦ | ୦ | ୦ | ୭୯.୧୦୫ |
| ମୋଟ | **୧୭୪.୩୫୩** | **୦** | **୦** | **୦** | **୦** | **୧୭୪.୩୫୩** |
| % | **୧୦୦.୦୦** | **୦.୦୦** | **୦.୦୦** | **୦.୦୦** | **୦.୦୦** | **୧୦୦.୦୦** |
| *ଉତ୍ସ: କ୍ଷେତ୍ରସର୍ବେକ୍ଷଣ* | | | | | | |

ସାରଣୀରୁ ଜମାପଡେ ପ୍ରଭାବିତ ପରିବାର ଗୁଡିକ ନିଜସ୍ୱ ଜମି ଉପଭୋଗ କରୁଛନ୍ତି । କେହି ବି ସରକାରୀ ଜମି ଅକ୍ତିଆରରେ ରଖିନାହାଁନ୍ତି । ସମସ୍ତ ୪୭ ଟି ପରିବାର ପୌରାଚଂଳର ନିଜ ଜମି ଉପରେ ଭୋଗ ଦଖଲରେ ଅଛନ୍ତି । ଆମ ତଥ୍ୟ ଅନୁସାରେ ୟୁନିଟ୍ -୧ ଅଚଂଳରେ ୨୯.୫୯୫ ଏକର, ୟୁନିଟ୍ -୨ ଅଚଂଳରେ ୬୫.୬୫୩ ଏକର ଏବଂ ୟୁନିଟ୍-୩ ଅଚଂଳରେ ୭୯.୧୦୫ ଏକର ଜମି ପରିବାର ଗୁଡିକର ଭୋଗଦଖଲରେ ଅଛି ।

**Chart:7.1 Type of land owned by the affected HHs. (In Acres)**




| | Cultivated | Non-Cultivated | Irrigated | Non-Irrigated | Barren | Forest | Homestead |
|---|---|---|---|---|---|---|---|
| Series1 | 136.790 | 37.563 | 36.562 | 100.228 | 34.762 | 0.000 | 2.801 |

### ୭.୧.୨ ପ୍ରଭାବିତ ପରିବାରର ଜମି ମାନଙ୍କର କିସମ :-

ଜମିରେ ଜଳସେଚନର ସୁବିଧା ଏବଂ ଉତ୍ପାଦନର ହାର ଉପରେ ନଜର ପକାଇଲେ ଜଣାପଡେ ଏଠାରେ ୧୭୪.୩୫୩ ଏକର ଜମି ମଧ୍ୟରୁ ୧୩୬.୭୯୦ ଏକର ଜମି (୭୮.୪୬%) ଚାଷ ଉପଯୋଗୀ ଏବଂ ୩୭.୫୬୩ ଏକର (୨୧.୫୪%) ଜମି ଅନ୍ୟାନ୍ୟ କିସମର । ୯୧.୯୫୫ ଏକର ଜମିରେ ଏବେ ଚାଷ ହେଉନାହିଁ, ପଡିଆ ପଡଛି । ୫୮.୩୨୨ ଏକର ଜମି ଅଣଜଳସେଚିତ । ୨୧.୨୭୫ ଏକର ଜମି ଜଳସେଚିତ । ବଳକା ୨.୮୦୧ ଏକର ଜମି ଘରବାରି । ପରିଶିଷ୍ଟରେ ୟୁନିଟ୍ ଅନୁସାରେ ଜମିର କିସମର ସୂଚନା ଦିଆଯାଇଅଛି ।

## ୭.୨ ଜମିର ମାଲିକାନା ଏବଂ ନିର୍ଭର ଶୀଳତା

### ୭.୨.୧ ଜମି ଉପରେ ମାଲିକାନା

କ୍ଷତିପୂରଣ ପ୍ରଦାନ ସମୟରେ ଜମିର ମାଲିକାନା ଗୁରୁତ୍ୱ ବହନ କରିଥାଏ । ଆମ ଆକଳନ କାରୀ ଏହାକୁ ଠଉରେଇବା ପାଇଁ ପ୍ରଶ୍ନାବଳୀ ମାଧ୍ୟମରେ ପ୍ରକୃତ ତଥ୍ୟ ହାସଲ କରିଥିଲେ । ତଥ୍ୟ ଅନୁସାରେ ପୌରାଚଂଳର ସମସ୍ତ ପ୍ରଭାବିତ ପରିବାର ନିଜସ୍ୱ ଜମିର ମାଲିକାନାରେ ଭୋଗଦଖଲ କରୁଛନ୍ତି ।

## ୭.୨.୨ ପ୍ରଭାବିତ ପରିବାରର ଜମି ଉପରେ ଦାବିଦାର

ପୁରୁଷାନୁକ୍ରମିକ ଭାବରେ ଏକ ଜମି ଉପରେ ଅନେକ ଦାବିଦାର ଥାନ୍ତି । ଲୋକାଚାର ନିତୀରେ ମୌଖିକ ବା ଲିଖିତ ଭାବରେ ଏକ ଜମି ଉପରେ ଅନେକଙ୍କର ଦାବିଦାର ଆସିଥାଏ । ସରକାରୀ ଆଇନ୍ ଅନୁସାରେ କାଗଜ ପତ୍ର ହୋଇନଥାଏ । ବେଳେବେଳେ ଏହା ଜଟିଳ ପରିସ୍ଥିତି ସୃଷ୍ଟିକରେ । ବିବାହିତ କନ୍ୟାମାନେ ମଧ୍ୟ ଅନେକ ସମୟରେ ଜମି ଉପରେ ଦାବିଦାରି ଦେଖାଇଥାନ୍ତି । ଏହି ପ୍ରକଳ୍ପ ପାଇଁ ଅଧିଗୃହିତ ହେବାକୁ ଥିବା ଜମି ଉପରେ ସେହିପରି ଜଟିଳତା ଦେଖାଯାଉନଥିବାର ଜଣାପଡିଛି । କେବଳ ଭୋଗଦଖଲକାରୀ ମାନେ କ୍ଷତିପୂରଣ ପାଇବାକୁ ହକଦାର୍ ।

## ୭.୨.୩ ପ୍ରଭାବିତ ଜମି ଉପରେ ନିର୍ଭର ଶୀଳତା

ବିଭିନ୍ନ କୋଣରୁ ଜମି ଉପରେ ନିର୍ଭରଶୀଳତାକୁ ପରଖା ଯାଇଥିଲା । ଜମିର ମାଲିକ ବ୍ୟତୀତ କୃଷି ଶ୍ରମିକ ଯିଏ ଜମି ଉପରେ ଶ୍ରମିକ ଭାବରେ କାମ କରି ଗୁଜୁରାଣ ଚଳାନ୍ତି , ଭାଗଚାଷୀ ଯିଏ ମାଲିକ ଠାରୁ ଜମି ନେଇ ଜିବୀକା ନିର୍ବାହ କରନ୍ତି ସେମାନଙ୍କ କଥା ମଧ୍ୟ ବିଚାରକୁ ନିଆଯାଇଥିଲା । ତଥ୍ୟ ଅନୁସାରେ ଏଠାରେ ସେହି ପରି ସମସ୍ୟା କିଛି ନାହିଁ ।

## ୭.୩ ଜମି ହରାଉଥିବା କ୍ଷୟକ୍ଷତି ଜନିତ ଆଶା ଆଶଙ୍କା

ଭାରତୀୟ ମାନଙ୍କର ଜମି ବା ଭୂ ସମ୍ପତି ମୁଖ୍ୟ ସମ୍ପତି ଭାବରେ ପରିଗଣିତ ହୁଏ । ଭୂସମ୍ପତିକୁ ଆଧାର କରି ପଦ ମର୍ଯ୍ୟାଦା ବଢିଥାଏ । ଭୂସମ୍ପତିର ହ୍ରାସ ମାନେ ରୋଜଗାର ଓ ପଦମର୍ଯ୍ୟାଦାର ହ୍ରାସ ଭାବରେ ବିବେଚନା କରାଯାଏ । ପ୍ରସ୍ତାବିତ ଜମି ଅଧିଗ୍ରହଣ ଯୋଗୁଁ ଉପୁଜୁଥିବା ଉପରୋକ୍ତ ସମସ୍ୟା ପ୍ରାୟ ଦେଖାଯାଇନଥିଲା ।

## ୭.୩.୧ ପ୍ରଭାବିତ ଅ◻ଳରେ ଅଧିଗୃହୀତ ହେବାକୁ ଥିବା ଜମିର ଆନୁପାତିକ ତଥ୍ୟ

ସୋନପୁର ପୌରାଚଂଳର ଯେଉଁ ଅଚଂଳରେ ରାସ୍ତା ନିର୍ମାଣ ହେବ ସେଠାରେ ପରିବାର ଗୁଡିକର ମୋଟ ଜମି ଏବଂ ରାସ୍ତା ପାଇଁ ଦରକାର ହେଉଥିବା ଜମିର ପରିମାଣ ଏଠାରେ ଆଲୋଚନା କରାଯାଇଛି । ତଥ୍ୟ ଅନୁସାରେ ପ୍ରକଳ୍ପ ଅଚଂଳର ୪୭ ଟି ପରିବାରର ୧୭୪.୩୫୩ ଏକର ଜମିରୁ ୨୧.୩୯ ୯ ଏକର ଜମି ରାସ୍ତା ପାଇଁ ପ୍ରଭାବତି ହେବ । ମାତ୍ର ୨.୯୨୧ ଏକର ଜମି ଅଧିଗୃହିତ ହେବ । ଶତକଡା ହିସାବରେ ୧୩.୬୫% ଜମି ପ୍ରଭାବିତ ହେବ ଏବଂ ୧.୬୮ % ଜମି ଅଧିଗୃହିତ ହେବ ।

| ସାରଣୀ-୭.୨ ପ୍ରଭାବିତ ଅଚଂଳର ପ୍ରକୃତ ଜମି ଏବଂ ଅଧିଗୃହିତ ଜମିର ଅନୁପାତ(**ଏକରରେ**) |
|---|

| ଅଂଚଳ | ପରିବାର ଗୁଡିକର ମୋଟ ଜମି | ପ୍ରଭାବିତ ଜମି | ଅଧିଗୃହିତ ଜମି | % ପ୍ରଭାବିତ ହେଉଥିବା ପ୍ରସ୍ତାବିତ ଅଧିଗୃହିତ ଜମି | % ମୋଟ ଜମି ର ପ୍ରଭାବିତ ହେଉଥିବା ପ୍ରସ୍ତାବିତ ଅଧିଗୃହିତ ଜମି |
|---|---|---|---|---|---|
| ୟୁନିଟ୍-୧ | ୨୯.୫୩୫ | ୭.୩୨୨ | ୦.୮୦୩ | ୧୦.୯୭ | ୨.୭୧ |
| ୟୁନିଟ୍ -୨ | ୬୫.୬୫୩ | ୬.୭୧୪ | ୦.୮୫୧ | ୧୨.୬୮ | ୧.୩୦ |
| ୟୁନିଟ୍ -୩ | ୭୯.୧୦୫ | ୭.୩୬୩ | ୧.୨୬୭ | ୧୭.୨୧ | ୧.୬୦ |
| ମୋଟ | ୧୭୪.୩୫୩ | ୨୧.୩୯୯ | ୨.୯୨୧ | ୧୩.୬୫ | ୧.୬୮ |
| *ଉତ୍ସ: କ୍ଷେତ୍ରସର୍ବେକ୍ଷଣ* | | | | | |

ୟୁନିଟ୍-୩ ଅଚଂଳରୁ ୭.୩୬୩ ଏକର ଜମି ପ୍ରଭାବିତ ହେବାର ଅଛି । ୟୁନିଟ୍-୧ ଅଚଂଳରୁ ୭.୩୨୨ ଏକର ଜମି ଏବଂ ୟୁନିଟ୍-୨ ଅଚଂଳରୁ ୬.୭୧୪ ଏକର ଜମି ପ୍ରଭାବିତ ହେବ । ଆକଳନ ଅନୁସାରେ ଯେଉଁ ଜମି ପ୍ରଭାବିତ ହେବ ବା ଅଧିଗୃହିତ ହେବ ତାହା ପରିବାରର ଜୀବନ ଜିବୀକା ଉପରେ ସେହିପରି ଗଭୀର ପ୍ରଭାବ ପକାଇବ ନାହିଁ ।

**୭.୩.୨ ଗ୍ରାମ ଅନୁଯାୟୀ ଜମି ଓ ଘରର କ୍ଷୟକ୍ଷତି ।**

ସୋନପୁର ପୌରାଚଂଳର ୟୁନିଟ୍-୧, ୟୁନିଟ୍-୨, ୟୁନିଟ୍-୩ ଅଚଂଳରୁ ଯେଉଁ ଜମି ରାସ୍ତା ପ୍ରଶସ୍ତି କରଣ ପାଇଁ ଅଧିଗୃହୀତ ହେବାକୁ ଅଛି ତାହା ଚାଷ ଜମିର ୯୧.୪୯% ଅଟେ । ଘର ଏବଂ ଘରର କିଛି ଅଂଶରୁ ୬.୩୮% ଏବଂ ୨.୩୮% ଘର ପ୍ରଭାବିତ ହେବ । ଅର୍ଥାତ୍ ୪୩ ଜଣଙ୍କର ଚାଷଜମି ୩ ଜଣଙ୍କର ଘର ଏବଂ କିଛି ଅଂଶ ଏବଂ ଜଣଙ୍କର ଘର ସମ୍ପୂର୍ଣ୍ଣ ପ୍ରଭାବିତ ହେବାର ସମ୍ଭାବନା ଅଛି ।

କେବଳ ଘର ଓ ଚାଷ ଜମି ନୁହେଁ ଏହା ସହ ଅନେକ ଗଛ ମଧ୍ୟ କଟାଯିବ । ସେଗୁଡିକ ମଧ୍ୟରୁ କେତେକ ଫଳ ପ୍ରଦାନ କାରୀ ଏବଂ କେତେକ ଅଣଫଳ ପ୍ରଦାନ କାରୀ । ତଥ୍ୟ ଅନୁସାରେ ୨୨୭ ଟି ଗଛ କଟାଯିବ । ୨୨୧ ଟି ଗଛ ଫଳ ଦେଉନାହାଁନ୍ତି । ୬ ଟି ଗଛ ଫଳ ଦେଉଛନ୍ତି । ୟୁନିଟ୍-୧ ଅଂଚଳରୁ ସର୍ବାଧିକ ୨୦୧ ଗଛ କଟାଯିବ ।

# ଅଷ୍ଟମ ଅଧ୍ୟାୟ

## ପ୍ରକଳ୍ପର ପ୍ରଭାବ

ବିକାଶ ଏକ ମଧୁର ଶବ୍ଦ । ମାତ୍ର ଏହା ସହଜରେ ଆସିନଥାଏ । ଅନେକ ପ୍ରଚେଷ୍ଟା ଏବଂ ବଳିଦାନ ପରେ ଏହା ସମ୍ଭବ ହୋଇଥାଏ । ଅନ୍ୟ ପ୍ରକଳ୍ପ ପରି ସୋନପୁରର ଏହି ଚାରିଥାକିଆ ରାସ୍ତା ନିର୍ମାଣର ପ୍ରଶସ୍ତି କରଣ କାର୍ଯ୍ୟର ମଧ୍ୟ ନିଜସ୍ୱ ପ୍ରଭାବ ଏବଂ ଫଳାଫଳ ରହିଛି । ଯଦିଓ କୌଣସି ଯୋଜନା ପ୍ରସ୍ତୁତକାରୀଙ୍କ ପକ୍ଷେ ଏହା ସମ୍ଭବ ନୁହେଁ ଯେ, ସମସ୍ତ ନକରାତ୍ମକ ଦିଗକୁ ଏଡାଇ ଯାଇ କେବଳ ସକରାତ୍ମକ ଦିଗରେ ପ୍ରକଳ୍ପର କ୍ରିୟାନ୍ୱୟନ କରିବେ । ସୋନପୁର ମହାନଦୀ ପୋଲ ୦.୦ କି.ମି. ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ୩/୨୬୦ କି.ମି. ପର୍ଯ୍ୟନ୍ତ ରାସ୍ତାର ଚାରିଥାକିଆ ପ୍ରଶସ୍ତି କରଣ କାର୍ଯ୍ୟ ଯାହା ରାଜ୍ୟ ଯୋଜନା ଅନ୍ତର୍ଗତ ତାହାର ମଧ୍ୟ କେତେକ ସକାରାତ୍ମକ ଓ ନକାରାତ୍ମକ ଦିଗ ରହିଅଛି । ସକରାତ୍ମକ ଦିଗ ଗୁଡିକ ନକାରାତ୍ମକ ଦିଗ ଠାରୁ ଭାରି ପଡିଲେ ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢିବ । ଏହି ଅଧ୍ୟାୟରେ ପ୍ରସ୍ତାବିତ ପ୍ରକଳ୍ପର ସମସ୍ତ ଦିଗ ବିଷୟରେ ଆଲୋଚନା କରାଯାଇଛି ।

### ୮.୧ ପ୍ରକଳ୍ପ ସମ୍ପର୍କରେ ସଚେତନତା :-

ପ୍ରକଳ୍ପ ସଂପର୍କରେ ଲୋକମାନଙ୍କ ମଧ୍ୟରେ ଜାଗରୁକତା ଆସିବା ଦରକାର । ଏହା ଦ୍ୱାରା ସେମାନେ ଏ ସଂପର୍କରେ ନିଜସ୍ୱ ମତାମତ ଦେଇପାରିବେ । ତେଣୁ ଆକଳନ କାରୀମାନେ ପ୍ରଭାବିତ ଜନସାଧାରଣଙ୍କୁ ପ୍ରକଳ୍ପ ସଂପର୍କରେ ଅବଗତ କରାଇବାକୁ ଚେଷ୍ଟା କରିଥିଲେ ।

ଆକଳନରୁ ଜଣାପଡିଲା ଯେ, ୯୫.୭% ଲୋକ ଏ ସଂପର୍କରେ ଅବଗତ ଅଛନ୍ତି । ପରୋକ୍ଷ ପ୍ରଭାବିତଙ୍କ ମଧ୍ୟରୁ ୮୦% ଲୋକ ଏ ବିଷୟରେ ଅବଗତ ଅଛନ୍ତି । ଏ ପରିପ୍ରେକ୍ଷୀରେ କୁହାଯାଇ ପାରେ ଯେ, ଯେହେତୁ ଲୋକମାନେ ଅବଗତ ଅଛନ୍ତି ତେଣୁ ଆମ ତଥ୍ୟ ଅନୁସନ୍ଧାନକାରୀ ଦଳ ତଥ୍ୟ ହାସଲ କରିବାରେ କୌଣସି ଅସୁବିଧାର ସମ୍ମୁଖୀନ ହୋଇନଥିଲେ । ଯେତେବେଳେ କିଛି ସମସ୍ୟା ଆସୁଥିଲା ଶିକ୍ଷିତ ତଥା ସଚେତନ ନାଗିରକ ମାନେ ତାହାକୁ ସମାଧାନ କରିବାରେ ସଫଳ ହୋଇ ଆମ ସା.ପ୍ର.ଆ.ଅ. କୁ ସହଜ କରିଦେଇଥିଲେ ।




## ୮.୨ ପ୍ରକଳ୍ପର ସକାରାତ୍ମକ ପ୍ରଭାବ :-

ପ୍ରକଳ୍ପ ସଂପର୍କରେ ପ୍ରତ୍ୟେକ୍ଷ ଓ ପରୋକ୍ଷ ପ୍ରଭାବିତ ଜନସାଧାରଣଙ୍କ ଠାରୁ ସେମାନଙ୍କ ମନୋଭାବ ଲିପିବଦ୍ଧ କରିବାରେ ଆମ ଆକଳନକାରୀ ମାନେ ସମର୍ଥ ହୋଇଥିଲେ । ତଥ୍ୟ ଅନୁସାରେ ଅଧିକାଂଶ ଜନସାଧାରଣ ପ୍ରକଳ୍ପ ସଂପର୍କରେ ସକାରାତ୍ମକ ପ୍ରଭାବ ବିଷୟରେ କହୁଥିଲେ । ଆମେମାନେ ଏହାକୁ ଦୁଇ ଭାଗରେ ବିଭକ୍ତ କରିଛୁ । କ - ପରିବାର ସ୍ତରରେ ସକାରାତ୍ମକ ପ୍ରଭାବ, ଖ- ଗୋଷ୍ଠୀ ସ୍ତରରେ ସକାରାତ୍ମକ ପ୍ରଭାବ ।




### ୮.୨.୧ ପ୍ରଭାବିତ ପରିବାର କ୍ଷେତ୍ରରେ ଫାଇଦା

ପାଖ ଚିତ୍ରରେ ସୋନପୁର ମହାନଦୀ ପୋଲ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯେଉଁ ଚାରିଥାକିଆ ରାସ୍ତା ପ୍ରଶସ୍ତି କରଣ କାର୍ଯ୍ୟ ହେବ ସେଥିରେ ପ୍ରଭାବିତ ପରିବାରଙ୍କର ଫାଇଦା ସଂପର୍କରେ ଦେଖାଇ ଦିଆଯାଇଅଛି । ତଥ୍ୟରୁ ଜଣାପଡେ ୯୧.୫% ପରିବାର ଆଶା ପୋଷଣ କରିଥିଲେ ଯେ ଯୋଗାଯୋଗ କ୍ଷେତ୍ରରେ ଏହା କଲ୍ୟାଣକାରୀ ହେବ । ଟ୍ରାଫିକ୍ ସମସ୍ୟା ରହିବ ନାହିଁ । ୭୮.୭% ପରିବାର ଭାବୁଥିଲେ ଯାତାୟତ ଖର୍ଚ୍ଚ କମ୍ ହେବ । ୬୮.୧% ପରିବାର ଭାବୁଥିଲେ ସେମାନଙ୍କର ରୋଜଗାର ବଢିବ । ୪୮.୯ % ପରିବାର ଭାବୁଥିଲେ ଏହି ରାସ୍ତା ଲୋକମାନଙ୍କ ପାଇଁ ନୂଆ ରୋଜଗାରର ମାଧ୍ୟମ ହେବ ।

### ୮.୨.୨ ଗୋଷ୍ଠୀରେ ସ-କାରାତ୍ମକ ପ୍ରଭାବ:-

ପାଖ ଚିତ୍ରରେ ପ୍ରଭାବିତ ଅଚଂଳ କ୍ଷେତ୍ରରେ ଫାଇଦା ସଂପର୍କରେ ସୂଚିତ କରାଯାଇଅଛି । ୯୫.୭% ପରିବାର ଆଶା କରିଛନ୍ତି ସେମାନଙ୍କର ସ୍ଥାବର ସମ୍ପତିର ମୁଲ୍ୟରେ ବୃଦ୍ଧି ଘଟିବ । ୮୭.୨% ପରିବାର ଆଶା କରିଛନ୍ତି ବ୍ୟବସାୟ ବାଣିଜ୍ୟରେ ଉନ୍ନତି ଘଟିବ । ସହଜରେ ଯାତାୟତ ହୋଇପାରିବ । ୮୦.୯ % ପରିବାର ଆଶା ପୋଷଣ କରିଛନ୍ତି ରାସ୍ତାରେ ଯାତାୟତର ସୁଗମତା ହେତୁ ବାଣିଜ୍ୟରେ ଉନ୍ନତି ହେବ । ଆର୍ଥିକ ପ୍ରଗତି ହେବ । ଜୀବନ ଧାରଣ ଶୈଳୀ ବଦଳିଯିବ ।



Chart:8.4 Loss by the project at HH level (Directly Affected HHs)

## ୮.୩ ପ୍ରକଳ୍ପର ନ-କାରାତ୍ମକ ପ୍ରଭାବ :-

ପ୍ରକଳ୍ପର ନକାରାତ୍ମକ ଦିଗକୁ ମଧ୍ୟ ଦୁଇ ଭାଗରେ ବିଭକ୍ତ କରାଯାଇଅଛି । କ - ପରିବାର ସ୍ତରରେ ନକାରାତ୍ମକ ପ୍ରଭାବ, ଖ- ଗୋଷ୍ଠୀ ସ୍ତରରେ ନକାରାତ୍ମକ ପ୍ରଭାବ ।

### ୮.୩.୧ :- ପରିବାର ସ୍ତରରେ ନକାରାତ୍ମକ ପ୍ରଭାବ



Chart:8.3 Benefit by the project at Community level (Directly Affected HH)

୮୭.୨% ପରିବାର ଆସଙ୍କା କରିଛନ୍ତି ରାସ୍ତା ପ୍ରକଳ୍ପ ଯୋଗୁଁ ସେମାନେ ସେମାନଙ୍କର ପୁରୁଷାନୁକ୍ରମିକ ଭାବରେ ଭୋଗଦଖଲ କରିଆସୁଥିବା ଭୂସମ୍ପତି ହରାଇବେ । ଜିବୀକା ମଧ୍ୟ ହରାଇବେ । ୬୧.୭ % ପରିବାର ଆଶଙ୍କା କରୁଛନ୍ତି ରାସ୍ତା ଯୋଗୁଁ ସେମାନଙ୍କର ଜିବୀକା ବାଧାପ୍ରାପ୍ତ ହେବ । ୫୧.୧% ପରିବାର ଆଶଙ୍କା କରୁଛନ୍ତି ସର୍ବ ସାଧାରଣ ସମ୍ପତି ନଷ୍ଟ ହୋଇଯିବ । ୪୪.୭% ପରିବାର ଆଶଙ୍କା କରୁଛନ୍ତି ଭାରିଯାନ ଚଳାଚଳ ଯୋଗୁଁ ସେମାନଙ୍କର ପାରମ୍ପରିକ ରାସ୍ତା ଶିଘ୍ର ଖରାପ ହୋଇଯିବ । ୫୦% ପରିବାର ଆଶଙ୍କା କରୁଛନ୍ତି ଏହି ରାସ୍ତା ଯୋଗୁଁ ଅଚଂଳରେ ଚୋର, ତସ୍କରଙ୍କ ସଂଖ୍ୟା ବୃଦ୍ଧି ପାଇବ । ଦୁର୍ଘଟଣାରେ ପଶୁ ପକ୍ଷୀଙ୍କ ଜୀବନ ବିପଦ ପୂର୍ଣ୍ଣ ହେବ ବୋଲି ୪୦% ଆଶଙ୍କା କରିଛନ୍ତି ।

### ୮.୩.୨ **ପରୋକ୍ଷ ପ୍ରଭାବିତଙ୍କ ସ-କାରାତ୍ମକ ଓ ନ-କାରାତ୍ମକ ପ୍ରଭାବ** -।

